# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 4/2025 Page 14 ₹ 7.00

୫୧ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 308 ମୂଲ୍ୟ₹୭/-


# ପ୍ରସ୍ତୁତ ରୁହ

## ଭାରତୀୟ ଯବାନଙ୍କୁ ସେନାମୁଖ୍ୟଙ୍କ ନିର୍ଦ୍ଦେଶ

**ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ବନ୍ଦ ନ କଲେ ଏହାକୁ ମାନଚିତ୍ରରୁ ଲିଭାଇଦେବୁ ବୋଲି ଶୁକ୍ରବାର ଭାରତ ଚେତାବନୀ ଦେଇଛି। ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ସ୍ଥିତି ଏମିତି ହେଉଛି ଯେ, ପରବର୍ତ୍ତୀ ସମୟରେ ଭାରତ ଆଉ ସଂଯମ ରକ୍ଷା କରିବ ନାହିଁ । 'ଅପରେଶନ୍ ସିନ୍ଦୂର'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ସଙ୍କେତ ଦେବା ପୃଷ୍ଠଭୂମିରେ ସେ ଭାରତୀୟ ଯବାନମାନଙ୍କୁ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।**


ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

**ନୂଆଦିଲ୍ଲୀ,୩।୧୦**

ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର କହିଛନ୍ତି, ପଶ୍ଚିମରେ ଥିବା ପଡ଼ୋଶୀ ଆତଙ୍କବାଦର ମାଷ୍ଟରମାନଙ୍କୁ ପ୍ରୋତ୍ସାହନ ଦେବା ନେଇ କୁଖ୍ୟାତ। ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ରପ୍ତାନି ବନ୍ଦ କରୁ। ଅନ୍ୟଥା ଭାରତ ଆଉ ସଂଯମ ହେବ ନାହିଁ କହି ସେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଭାରତୀୟ ସଶସ୍ତ୍ର ବଳ ଏହାର ଜବାବ ଦେବାକୁ ଯାଇ ମେ' ୭ରୁ ୧୦ ପର୍ଯ୍ୟନ୍ତ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ☞ପୃଷ୍ଠା-୪

## ୧୨ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଛି ଭାରତ: ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୩।୧୦**

ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ଭାରତୀୟ ସେନା ପାକିସ୍ତାନର ଏଫ୍-୧୬ ଓ ଜେଏଫ୍ ବର୍ଗର ୧୨ ଯୁଦ୍ଧବିମାନ ଖସାଇଥିବା ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ୍ ସିଂ କହିଛନ୍ତି। ଅମରପ୍ରୀତ୍ ପୂର୍ବରୁ ୫ ପାକିସ୍ତାନୀ ଫାଇଟର ଜେଟ୍‌କୁ ଖସାଯାଇଥିବା ବିଷୟ କହିଥିଲେ ମଧ୍ୟ କେଉଁ ବର୍ଗର ଯୁଦ୍ଧବିମାନକୁ ଭାରତୀୟ ସଶସ୍ତ୍ର ବଳ ଖସାଇଥିଲା ତାହା ସେ ପ୍ରଥମ ଥର ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅମରପ୍ରୀତ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏଫ୍-୧୬ ଆମେରିକା ନିର୍ମିତ ହାଇଟେକ୍ ଯୁଦ୍ଧବିମାନ ହୋଇଥିବାବେଳେ ଜେଏଫ୍-୧୭ ମୂଳତଃ ଚାଇନା ଦ୍ୱାରା ପ୍ରସ୍ତୁତ। ଅନ୍ୟପକ୍ଷେ ପାକିସ୍ତାନ ଭାରତର ୬ ଯୁଦ୍ଧବିମାନ ଖସାଇଥିବା ନେଇ କରୁଥିବା ଦାବି ☞ପୃଷ୍ଠା-୪




### ଆଜିର ସମ୍ପାଦକୀୟ

**ପଦବୀ ଚାଲିଗଲା**

### ଆଜିର ମନ୍ତବ୍ୟ

"ବାଣିଜ୍ୟ ଓ ଶକ୍ତି ସୁରକ୍ଷାରେ ବିଶ୍ୱ ଗମ୍ଭୀର ଅସନ୍ତୁଳନର ସମ୍ମୁଖୀନ ହୋଇ ଏକ ଢାଞ୍ଚାଗତ ପରିବର୍ତ୍ତନ ଦେଇ ଗତି କରୁଛି। ତେବେ ଭାରତ ବାହ୍ୟ ଆଘାତକୁ ସମ୍ଭାଳିପାରିବା ଭଳି ଏକ ସ୍ଥିର ଶକ୍ତି ଭାବେ ଉଭାହୋଇଛି।

**-ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ**

## ଚୌଦ୍ୱାର ଜେଲରୁ ୨ ବିହାରୀ କଏଦୀ ଫେରାର

- **କଏଦୀଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର**
- **ଚିଫ୍ ୱାର୍ଡରଙ୍କ ସମେତ ୨ ନିଲମ୍ବିତ**

**ଚୌଦ୍ୱାର/ ମଙ୍ଗୁଳି-ଜଗତପୁର, ୩।୧୦ (ଆଶୁତୋଷ ଦାସ/ ମାନସ ସାମଲ)**

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ) ପାଚେରି ଡେଇଁ ଗୁରୁବାର ବିଳମ୍ବିତ ରାତିରେ ୨ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଉଭୟ କିଛି ମାସ ତଳେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳର ଏକ ସୁନା ଦୋକାନରୁ ଅଳଙ୍କାର ଚୋରି ଓ ହତ୍ୟା ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ସେମାନେ ହେଲେ ବିହାରର ଲୋହିଆନଗରର ରାଜା ସାହାଣୀ ଓ ରାମପୁର ଅଞ୍ଚଳର ମଧୁକାନ୍ତ କୁମାର। ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାର୍ଯ୍ୟରେ ଅବହେଳା ପାଇଁ ଜଣେ ୱାର୍ଡର ଓ ଚିଫ୍ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଖବର ପାଇ ଜେଲ ଡିଜି ସୁଶାନ୍ତ କୁମାର ନାଥ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ☞ପୃଷ୍ଠା-୪


DSPL - 289



## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷର ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହ ଆମକୁ ପ୍ରକୃତି ଓ ସର୍ବୋପରି ବନ୍ୟପ୍ରାଣୀ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ । ଆମ ରାଜ୍ୟ ଓଡ଼ିଶା ଜୈବବିବିଧତାରେ ପରିପୂର୍ଣ୍ଣ । ଶିମିଳିପାଳର କଳା ମହାବଳ ବାଘଠାରୁ ଆରମ୍ଭ କରି ଚିଲିକାର ଇରାୱାଡ଼ି ଡଲଫିନ୍ ଯାଏଁ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କର ଆଶ୍ରୟସ୍ଥଳ ଭାବେ ପ୍ରକୃତିର ଅପୂର୍ବ ଦାନରେ ଭରପୂର ଆମ ରାଜ୍ୟ । ପ୍ରତିବର୍ଷ ଆମ ରାଜ୍ୟର ଉପକୂଳରେ ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗଣ ଅଣ୍ଡାଦାନ ଏବଂ ଶୀତଋତୁରେ ବିଭିନ୍ନ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କର ଉପସ୍ଥିତି ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିଥାଏ ।

ବିଗତବର୍ଷମାନଙ୍କରେ ଆମ ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀର ଉନ୍ନତିକରଣ ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହଭାଗୀତା ଦ୍ୱାରା ସଂରକ୍ଷଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି । ସାଧାରଣ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉଦ୍ୟମରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି ।

ଆମର ଜଙ୍ଗଲ, ଜଳ ଏବଂ ଜୀବଜନ୍ତୁମାନଙ୍କ ସୁରକ୍ଷା ଓ ସଂରକ୍ଷଣ, କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ । ଆସନ୍ତୁ, ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇ ଆମେ ଏକ ସୁସ୍ଥ, ସୁନ୍ଦର ଓ ସବୁଜ ଓଡ଼ିଶା ଗଠନ କରିବା ।

**ଶ୍ରୀ ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ , ଓଡ଼ିଶା**



**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଶୁଭ ଜନ୍ମଦିନଠାରୁ ଆରମ୍ଭ ହୋଇ ଅକ୍ଟୋବର ୮ ତାରିଖ ଯାଏଁ ହେବାକୁ ଥିବା ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ଆମ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଜୈବ ବିବିଧତାର ଏକ ବିଶାଳ ଭଣ୍ଡାର । ଆମ ରାଜ୍ୟର ଘଞ୍ଚ ଜଙ୍ଗଲ ବାଘ, ହାତୀ, ଭାଲୁ ଇତ୍ୟାଦିଙ୍କର ନିରାପଦ ଆଶ୍ରୟସ୍ଥଳୀ ହୋଇଥିବାବେଳେ, ଚିଲିକା ଓ ଭିତରକନିକା ଭଳି ଆର୍ଦ୍ରଭୂମି ବିଭିନ୍ନ ପ୍ରଜାତିର ପ୍ରବାସୀପକ୍ଷୀଙ୍କ ସହ ଯଥାକ୍ରମେ ବିରଳ ଇରାୱାଡ଼ି ଡଲଫିନ୍ ଓ ବଉଳା କୁମ୍ଭୀର ଆଦିଙ୍କର ବାସଭୂମି । ଆମ ରାଜ୍ୟରେ ବିବିଧ ପ୍ରଜାତିର ପଶୁପକ୍ଷୀଙ୍କର ଉପସ୍ଥିତି ଆମ ପରିବେଶକୁ ସମୃଦ୍ଧ କରିଛି ।

କିନ୍ତୁ, ଜଳବାୟୁ ପରିବର୍ତ୍ତନ ସହ ଆବାସସ୍ଥଳୀର ସଙ୍କୁଚନ ଆଦି ଅନେକ କାରଣ ଆମପାଇଁ ଆଜି ବିରାଟ ଆହ୍ୱାନ ସୃଷ୍ଟି କରୁଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ନୂତନ ଜାତୀୟ ଉଦ୍ୟାନ ଘୋଷଣା କରିବା ସହ, ବନ୍ୟପ୍ରାଣୀ ଦ୍ୱାରା କ୍ଷୟକ୍ଷତିଜନିତ ସହାୟତା ରାଶିର ଅଭିବୃଦ୍ଧି, ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣରେ କୃତ୍ରିମ-ବୁଦ୍ଧିମତା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ହେବା ସହ ବନ୍ୟପ୍ରାଣୀଙ୍କ ଉପରେ ଉଚ୍ଚତର ଗବେଷଣାମାନ କରାଯାଉଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦୃଷ୍ଟିରୁ ଶିକାରୀମାନଙ୍କ ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇ ନିୟମ ଅନୁସାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉଛି ।

ଆମେ ସମସ୍ତେ ଶପଥ ନେବା ଯେ, ଆମେ ଆମର ବନ୍ୟପ୍ରାଣୀ ତଥା ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀକୁ ସୁରକ୍ଷା ଦେବା । ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା । ପ୍ରତ୍ୟେକ ସଚେତନ ନାଗରିକଙ୍କର ସହଯୋଗ ଓ ସମର୍ଥନ ହିଁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ଆସନ୍ତୁ ଏକାଠି ହୋଇ ଆମ ରାଜ୍ୟର ଏହି ଅମୂଲ୍ୟ ବନ୍ୟପ୍ରାଣୀ ସମ୍ପଦକୁ ରକ୍ଷା କରିବା ।

**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**

OIPR-08141/13/0020/2526

## ଫିଲିପାଇନ୍ସରେ ଭୂକମ୍ପ: ୭୨ ମୃତ

କେନ୍ଦ୍ରୀୟ ଫିଲିପାଇନ୍ସରେ ବଡ଼ ଧରଣର ମଙ୍ଗଳବାର ରାତିରେ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୭୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୯୪ ଆହତ ହୋଇଛନ୍ତି। ୮୭ ବିଲ୍ଡିଂ ଏବଂ ୬୦୦ ଘର ଭାଙ୍ଗିଛି। ୧,୭୦,୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଭୂକମ୍ପର ତୀବ୍ରତା ୬.୯ ଥିଲା। ଚେବୁ ପ୍ରଦେଶର କେତେକ ସହର ଏବଂ ବୋଗୋ ସିଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

## ଚେଭ୍ରନ ରିଫାଇନେରିରେ ଭୟାବହ ଅଗ୍ନିକାଣ୍ଡ

**ଏଲ୍ ସେଗୁଣ୍ଡୋ,୩।୧୦**

ଆମେରିକାର ଲସ୍ ଏଞ୍ଜେଲ୍ସ ନିକଟରେ ଥିବା ଚେଭ୍ରନ ତୈଳ ବିଶୋଧନାଗାରରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବାବେଳେ ଅନେକ ମାଇଲ୍ ପର୍ଯ୍ୟନ୍ତ ଏହ ଦୃଶ୍ୟ ହେଉଥିଲା। କାଲିଫର୍ନିଆର ଏଲ୍ ସେଗୁଣ୍ଡୋ ଅଞ୍ଚଳର ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଶୁକ୍ରବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ପ୍ରଥମେ ଘଡ଼ଘଡ଼ି ଭଳି ଶବ୍ଦ ଶୁଣିବା ପରେ ନିଆଁ ଦେଖିବାକୁ ପାଇଥିଲେ। ନିଆଁ ଯୋଗୁ ଉକ୍ତ ଅଞ୍ଚଳର ଆକାଶ ନାରଙ୍ଗୀ ହୋଇଯାଇଥିଲା। ତେବେ ନିଆଁ ବିଶୋଧନାଗାର ପାଚେରି ବାହାରକୁ ଯାଇ ନ ଥିଲା ବୋଲି ସୂଚନା ମିଳିଛି। କ'ଣ ପାଇଁ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କାଲିଫର୍ନିଆ ଗଭର୍ନରଙ୍କ କାର୍ଯ୍ୟାଳୟ ସ୍ଥିତି ଉପରେ ନଜର ରଖିଥିବାବେଳେ ଚତୁଃପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖିଥିଲା।



ଲସ୍ ଏଞ୍ଜେଲ୍ସ ନିକଟ ଚେଭ୍ରନ ତୈଳ ବିଶୋଧନାଗାର ଜଳୁଥିବାବେଳେର ଦୃଶ୍ୟ।

## ୩ୟ ଦିନରେ ଆମେରିକା ଶଟ୍‌ଡାଉନ୍

**ୱାଶିଂଟନ୍,୩।୧୦**




ଆମେରିକାରେ ସଂଘୀୟ ବିତ୍ତୀୟ ବର୍ଷ ଅକ୍ଟୋବର ୧ରେ ଆରମ୍ଭ ହୋଇଥାଏ। ଏହା ପୂର୍ବରୁ ସେଠାକାର ପାର୍ଲାମେଣ୍ଟ (କଂଗ୍ରେସ) ସରକାର ପରିଚାଳନା ପାଇଁ ପାଣ୍ଠି ଯୋଗାଣ ସକାଶେ ଆପ୍ରୋପ୍ରିଏଶନ୍ ବିଲ୍ ବା କଣ୍ଟିନ୍ୟୁଏଶନ୍ ରିଜୋଲ୍ୟୁଶନ୍ (ସିଆର୍) ଗୃହୀତ କରାଇବା ଜରୁରୀ। ତେବେ ସେପ୍ଟେମ୍ବର ୩୦ ମଧ୍ୟରାତ୍ରି ସୁଦ୍ଧା କଂଗ୍ରେସ ଏଥିରେ ବିଫଳ ହୋଇଥିବାରୁ ଅକ୍ଟୋବର ୧ ରାତି ୧୨ଟା ୧ ମିନିଟ୍‌ରୁ ସଂଘୀୟ ସରକାର ଶଟ୍‌ଡାଉନକୁ ଚାଲିଯାଇଛି। ଶାସକ ରିପବ୍ଲିକାନ୍ ଓ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ କେତେକ ପ୍ରସଙ୍ଗକୁ ନେଇ ମତଭେଦ ଯୋଗୁ ଏହି ଅଚଳାବସ୍ଥା ଉପୁଜିଛି। ଫଳରେ ସରକାରୀ ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇଯାଇଛି। ବିଶେଷକରି ଅଣଜରୁରୀ ସେବା, ଋଣ ପ୍ରଦାନ ଓ ପୋଷଣ ସହାୟତା ଭଳି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ସରକାରୀ କର୍ମଚାରୀମାନଙ୍କ ଦରମା ବନ୍ଦ ହୋଇଯାଇଥିବାରୁ ସେମାନେ ଘରେ ବସିଛନ୍ତି। ଏଭଳି ସ୍ଥିତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛଟେଇ ପାଇଁ ଯୋଜନା କରିଛନ୍ତି।

ଶଟ୍‌ଡାଉନର ତୃତୀୟ ଦିନ ଶୁକ୍ରବାର ସିନେଟରମାନେ ସରକାରୀ ଫଣ୍ଡିଂ ଉପରେ ଆଉ ଥରେ ମତଦାନ ପାଇଁ କ୍ୟାପିଟୋଲ୍‌କୁ ଯାଇଥିଲେ। କିନ୍ତୁ ଅଚଳାବସ୍ଥା ଦୂର କରିବା ଦିଗରେ ଅଗ୍ରଗତିର କୌଣସି ସଙ୍କେତ ଦେଖିବାକୁ ମିଳିନାହିଁ। କଂଗ୍ରେସ ସ୍ୱାସ୍ଥ୍ୟସେବା ସୁବିଧା ଜାରି ରଖୁ ବୋଲି ଡେମୋକ୍ରାଟ୍ସ ଦାବି କରୁଥିବାବେଳେ ରିପବ୍ଲିକାନ୍ସ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଯଦିଓ ହ୍ୱାଇଟ୍ ହାଉସ୍ ଏବଂ କଂଗ୍ରେସର ଉଭୟ ସଦନକୁ ରିପବ୍ଲିକାନ୍ସ ନିୟନ୍ତ୍ରଣ କରୁଛନ୍ତି, ତଥାପି ସିନେଟ୍‌ର ନିୟମାନୁସାରେ ସରକାରୀ ଫଣ୍ଡିଂ ଆଇନ ପାରିତ ହେବା ଲାଗି ୧୦୦ ସିନେଟରଙ୍କ ମଧ୍ୟରୁ ଅନ୍ୟୂନ ୬୦ ଜଣଙ୍କ ସମର୍ଥନ ଜରୁରୀ। ଏଭଳି ସ୍ଥିତିରେ ଡେମୋକ୍ରାଟ୍‌ମାନଙ୍କୁ ସେମାନଙ୍କ ୪୭ ସିନେଟ୍ ସିଟ୍ ବ୍ୟବହାର ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରିଛି। ହ୍ୱାଇଟ୍ ହାଉସ୍ ବଜେଟ୍ ଡାଇରେକ୍ଟର ରସ୍ ଭୋଉଟ୍ କହିଛନ୍ତି, ଟ୍ରମ୍ପ ପ୍ରଶାସନ ଶିକାଗୋ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ପାଇଁ ୨.୧ ବିଲିୟନ୍ ଡଲାର ପ୍ରଦାନ ପ୍ରସ୍ତାବକୁ ସ୍ଥଗିତ ରଖିବ। ଏଥିଯୋଗୁ ସହରର ବହୁପ୍ରତୀକ୍ଷିତ ରେଡ୍ ଲାଇନ୍ ଟ୍ରେନ୍ ଯୋଜନା ପ୍ରଭାବିତ ହେବ। ସେହିପରି ନ୍ୟୁୟର୍କ ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ୧୮ ବିଲିୟନ୍ ଡଲାର ଫଣ୍ଡିଂକୁ ମଧ୍ୟ ସ୍ଥଗିତ ରଖାଯାଇଥିବାରୁ ହୁଡ୍‌ସନ୍ ନଦୀରେ ନୂଆ ରେଳ ଟନେଲ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି।

## ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ କଲେ ସ୍ତ୍ରୀ

**ନୂଆଦିଲ୍ଲୀ,୩।୧୦**

ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଗିରଫ କରି ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଗୀତାଞ୍ଜଳି ନିବେଦନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ସମ୍ବିଧାନର



ଗୀତାଞ୍ଜଳି ଜେ ଆଙ୍ଗମୋ

ଷଷ୍ଠ ପରିଚ୍ଛଦ ଦାବିରେ ଗତ ମାସ ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ଏହି ଘଟଣାର ୨ ଦିନ ପରେ ୱାଙ୍ଗ୍‌ଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ପିଟିଶନ୍‌ର ଶୀଘ୍ର ଶୁଣାଣି କରାଯିବା ସହ ୱାଙ୍ଗ୍‌ଚୁକ୍‌ଙ୍କୁ ସର୍ବୋଚ୍ଚ ଅଦାଲତରେ ହାଜର କରାଇବା ଲାଗି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ପିଓକେ ପାଲଟିଲା ରଣକ୍ଷେତ୍ର

## ସେନା-ବିକ୍ଷୋଭକାରୀ ମୁହାଁମୁହିଁ: ୧୨ ମୃତ, ୨୦୦ ଆହତ

**ଇସ୍‌ଲାମାବାଦ/ ମୁଜାଫରାବାଦ,୩।୧୦**

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ୩୮ଟି ଦାବି ନେଇ ସପ୍ତାହେ ଧରି ଆନ୍ଦୋଳନ ଚାଲିଥିବାବେଳେ ସଂଘର୍ଷରେ ୪ ପୋଲିସ କର୍ମଚାରୀଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ଅଞ୍ଚଳ ବସ୍ତୁତଃ ସେନା ଓ ବିକ୍ଷୋଭକାରୀଙ୍କ ପାଇଁ ଏକ ରଣକ୍ଷେତ୍ର ପାଲଟିଯାଇଛି।

ପିଓକେବାସୀଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା ରାଜନୈତିକ ସଂସ୍କାର ଏବଂ ଅଟା ଓ ବିଦ୍ୟୁତ୍‌ରେ ସବ୍‌ସିଡି, କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ ବିଧାନସଭା ଆସନ ଉଚ୍ଛେଦ କରିବା। ମୋଟ ୩୮ଟି ଦାବି ପୂରଣ କରିବାରେ ଶେହବାଜ ଶରିଫ୍ ସରକାରଙ୍କ ବିଫଳତାକୁ ନେଇ ଏହି ଅଞ୍ଚଳରେ ସେପ୍ଟେମ୍ବର ୨୯ରେ ଜେକେଜେଏଏସି ଏକ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଅନେକ



ମୁଜାଫରାବାଦରେ ପାକିସ୍ତାନ ସରକାର ବିରୋଧୀ ବିକ୍ଷୋଭ।

ଜିଲାରେ ପଞ୍ଚମ ଦିନ ଧରି ଦୋକାନବଜାର ଆଦି ବନ୍ଦ ରହିଥିବାବେଳେ ସରକାରଙ୍କ ପକ୍ଷରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ସେବେଠୁ ଏହି ବିକ୍ଷୋଭ ପିଓକେରେ ସୀମିତ ନ ରହି ଇସ୍‌ଲାମାବାଦ ଓ କରାଚୀ ଭଳି ସହରଗୁଡ଼ିକୁ ବ୍ୟାପିବାରେ ଲାଗିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଶେହବାଜ ସରକାର ଆଲୋଚନା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଶୁକ୍ରବାର ଜେକେଜେଏଏସି ଏବଂ ଏହାର ନେତା ଶୌକତ୍ ନୱାଜ ମିରଙ୍କ ସହ ଆଲୋଚନା ପାଇଁ ପିଓକେ ରାଜଧାନୀ ମୁଜାଫରାବାଦରେ ପହଞ୍ଚିଛି। ବ୍ୟବସାୟୀ, ସ୍ଥାନୀୟ ନେତା ଓ ସାମାଜିକ କର୍ମୀଙ୍କ ପ୍ରତିନିଧିତ୍ୱ କରୁଥିବା ଜେକେଜେଏଏସିକୁ ଆନ୍ଦୋଳନରୁ ଓହରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରଜା ପରଭେଜ ଅଶରଫ୍‌ଙ୍କ ନେତୃତ୍ୱାଧୀନ କମିଟି ବୁଝାଶୁଝା କରିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ତାରିକ୍ ଅଫ୍‌ଜଲ ଚୌଧରୀ କହିଛନ୍ତି, ମୁଜାଫରାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। କଶ୍ମୀରବାସୀଙ୍କ ଅଧିକାରଗୁଡ଼ିକୁ ଆମେ ପୂର୍ଣ୍ଣ ସମର୍ଥନ କରୁଛୁ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଧିକାଂଶ ଗ୍ରହଣ ହୋଇସାରିଛି। ଅବଶିଷ୍ଟ କିଛି ଦାବି ପୂରଣ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। ସେନେଇ ମଧ୍ୟ ଆଲୋଚନା ଜାରି ରହିଛି। ଇତିମଧ୍ୟରେ ପାକିସ୍ତାନ ମାନବ ଅଧିକାର କମିଶନ ଲୋକଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ ଏବଂ ମୋବାଇଲ ଇଣ୍ଟରନେଟ ବନ୍ଦ କରାଯିବା ଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି।

ପାକିସ୍ତାନ ସରକାର ବ୍ୟବସ୍ଥିତ ଢଙ୍ଗରେ ଦମନଲୀଳା ଚଳାଇବା ସହ ସମ୍ବଳଗୁଡ଼ିକୁ ଲୁଟ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଭାରତ କହିଛି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନୀ ସେନା ପ୍ରଥମେ ନିରୀହ ପିଓକେବାସୀଙ୍କୁ ହତ୍ୟା କରିବା ବନ୍ଦକରୁ। ପିଓକେରେ ମାନବାଧିକାର ଉଲ୍ଲଂଘନ ନେଇ ଅନ୍ତର୍ଜାତୀୟ ସମୁଦାୟ ଇସ୍‌ଲାବାଦକୁ ଉତ୍ତରଦାୟୀ କରିବା ଉଚିତ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତରେ ପାକିସ୍ତାନ ସହ ଯଦି କିଛି ଆଲୋଚନା ହେବ ତାହା ପିଓକେକୁ ନେଇ ହେବ ବୋଲି ନୂଆଦିଲ୍ଲୀ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛି।

## ପ୍ରଥମ ମହିଳା ମୁଖ୍ୟ ନିଯୁକ୍ତ କଲା ଚର୍ଚ୍ଚ ଅଫ୍ ଇଂଲଣ୍ଡ



ସାରା ମୁଲ୍ଲାଲି

**ଲଣ୍ଡନ,୩।୧୦**

ସାରା ମୁଲ୍ଲାଲିଙ୍କୁ ଶୁକ୍ରବାର କ୍ୟାଣ୍ଟେରବୁରିର ନୂଆ ଆର୍କବିଶପ୍ ଭାବେ ବ୍ରିଟେନ୍ ନିଯୁକ୍ତି ଦେଇଛି। ଚର୍ଚ୍ଚ ଅଫ୍ ଇଂଲଣ୍ଡର ୧,୪୦୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ନେତା ହୋଇଛନ୍ତି। ଏହି ନିଯୁକ୍ତି ସହ ସେ ବିଶ୍ୱବ୍ୟାପୀ ୮୫ ନିୟୁତ ଆଙ୍ଗ୍ଲିକାନ୍‌ଙ୍କ ଔପଚାରିକ ମୁଖ୍ୟ ହୋଇଛନ୍ତି। ତେବେ ମହିଳା ମୁଖ୍ୟଙ୍କ ନିଯୁକ୍ତିକୁ ନେଇ ଆଫ୍ରିକୀୟ ଦେଶଗୁଡ଼ିକର ରକ୍ଷଣଶୀଳ ଚର୍ଚ୍ଚ ଶାଖାଗୁଡ଼ିକରୁ ଧାର୍ମିକ ମତଭେଦ ଆଶଙ୍କା ରହିଛି। ୧୧ ବର୍ଷ ତଳେ ଅଣାଯାଇଥିବା ସଂସ୍କାର ଯୋଗୁ ଜଣେ ମହିଳା ଚର୍ଚ୍ଚ ଅଫ୍ ଇଂଲଣ୍ଡର ମୁଖ୍ୟ ହେବା ସମ୍ଭବ ହୋଇପାରିଛି। ସାରା କ୍ୟାଣ୍ଟେରବୁରିର ୧୦୬ତମ ଆର୍କବିଶପ୍ ହୋଇଛନ୍ତି।

## ହ୍ରଦରେ ଖସିଲା ଦୁର୍ଗାମୂର୍ତ୍ତି ଥିବା ଟ୍ରାକ୍ଟର:୧୧ ମୃତ

**ଇନ୍ଦୋର,୩।୧୦(ପି.ଟି.)**

ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ବିଜୟାଦଶମୀ ଅବସରରେ ଗୁରୁବାର ଦୁର୍ଗା ମୂର୍ତ୍ତି ଭସାଣି ପାଇଁ ନିଆଯାଉଥିବା ଟ୍ରାକ୍ଟର ଟ୍ରଲି ଏକ ହ୍ରଦରେ ଖସିପଡ଼ିବାରୁ ୧୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ଯୁବତୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ପନ୍ଧାନା ଅଞ୍ଚଳରେ ମୂର୍ତ୍ତି ଓ ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଟ୍ରାକ୍ଟର ଟ୍ରଲି ଢଳିଯାଇ ହ୍ରଦକୁ ଖସିପଡ଼ିଥିଲା।

## ଭସାଣି ବେଳେ ୫ ମୃତ, ୧୧ ନିଖୋଜ

**ଲକ୍ଷ୍ନୌ,୩।୧୦**

ବିଜୟାଦଶମୀ ଅବସରରେ ଗୁରୁବାର ୟୁପିର ଆଗ୍ରା ଅନ୍ତର୍ଗତ ୨ଟି ସ୍ଥାନରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୧୭ ଜଣ ନଦୀରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ ମିଳିଥିବାବେଳେ ବୁଡ଼ାଳିମାନେ ଜଣକୁ ଉଦ୍ଧାର କରିଛନ୍ତି। ଅନ୍ୟ ୧୧ ଜଣ ନିଖୋଜ ଥିବାବେଳେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଥମ ଘଟଣା ଆଗ୍ରା ଜିଲାର ଖେରଗଡ଼ରେ ଘଟିଛି, ଯେଉଁଠି ଭସାଣି ବେଳେ ୧୪ ଜଣ ଯୁବକ ଉତଙ୍ଗନ ନଦୀରେ ବୁଡ଼ିଯାଇଥିଲେ। ଦ୍ୱିତୀୟ ଘଟଣା ଆଗ୍ରା ଜିଲାର ତାଜଗଞ୍ଜ ଅନ୍ତର୍ଗତ କରଭନା ଗ୍ରାମରେ ଘଟିଛି। ଭସାଣି ବେଳେ ନଦୀରେ ଭାସିଯାଇ ୩ ଜଣ ନିଖୋଜ ଅଛନ୍ତି।

# କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଅଭିଯୋଗ

**ନୂଆଦିଲ୍ଲୀ,୩।୧୦**

## ଆଡଭାଇଜରି ଜାରି କଲା କେନ୍ଦ୍ର

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ନକଲି କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ତେବେ ଉକ୍ତ ସିରପ୍‌ରେ ସେଭଳି କ୍ଷତିକାରକ ଉପାଦାନ ନ ଥିବା ପରୀକ୍ଷାରୁ ଜଣାପଡ଼ିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡଭାଇଜରି ଜାରି କରି ଛୋଟ ପିଲାମାନଙ୍କ ପାଇଁ କଫ୍‌ସିରପ୍‌ର ତର୍କସଙ୍ଗତ ବ୍ୟବହାର ଲାଗି ପରାମର୍ଶ ଦେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ କଫ୍ ସିରପ୍ ନ ଦେବା ଏବଂ ୫ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ଖାଇବାକୁ ସାଧାରଣ ଭାବେ ପରାମର୍ଶ ନ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।




ମଧ୍ୟପ୍ରଦେଶର ଛିନ୍ଦୱାରରେ କଫ୍ ସିରପ୍ ଖାଇଥିବା ୯ ଜଣ ଶିଶୁଙ୍କଠାରେ କିଡ୍‌ନୀଜନିତ ଜଟିଳତା ଦେଖାଦେବା ପରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ତେବେ କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) କିମ୍ବା ଇଥାଇଲିନ୍ ଗ୍ଲାଇକୋଲ (ଇଜି) ନ ଥିବା ଜଣାପଡ଼ିଛି। ଏହି ଉପାଦାନ କିଡ୍‌ନୀକୁ ଗୁରୁତର କ୍ଷତି ପହଞ୍ଚାଇଥାଏ। ସେହିପରି ରାଜସ୍ଥାନରେ ୨ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ନମୁନା ପରୀକ୍ଷାରୁ ପ୍ରୋପାଇଲିନ୍ ଗ୍ଲାଇକୋଲ୍ ମିଳିନାହିଁ, ଯାହାକି ଡିଇଜି କିମ୍ବା ଇଜିର ସମ୍ଭାବ୍ୟ ଉତ୍ସ ହୋଇପାରେ। ତେବେ ଉକ୍ତ ଉତ୍ପାଦଗୁଡ଼ିକ ଡିକ୍ସ୍ଟ୍ରୋମେଥୋର୍ଫାନ୍ ଆଧାରିତ ଫର୍ମୁଲା, ଯାହା ଶିଶୁମାନଙ୍କ ବ୍ୟବହାର ପାଇଁ ସୁପାରିସ କରାଯାଇନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡ୍‌ଭାଇଜରି ଜାରିକରି ଶିଶୁମାନଙ୍କ କ୍ଷେତ୍ରରେ କଫ୍ ସିରପ୍‌ର ବ୍ୟବହାର ସୀମିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଶିଶୁରୋଗ ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡ. ପୱନ ନନ୍ଦୁର୍କର କହିଛନ୍ତି, କୋଲ୍ଡ୍ରିଫ୍ ସିରପ୍ ଉପରେ ତଦନ୍ତ ଚାଲିଥିବାବେଳେ କିଡ୍‌ନୀ କ୍ଷତ ଅନ୍ୟ କାରଣରୁ ହୋଇଥାଇପାରେ। କୋଲ୍ଡ୍ରିଫ୍ ଏବଂ ନେକ୍ସ୍ଟୋ ଡିଏସ୍ କଫ୍ ସିରପ୍ ବିକ୍ରିକୁ ଜିଲା ପ୍ରଶାସନ ବନ୍ଦ ରଖିଥିବାବେଳେ ପରୀକ୍ଷା ରିପୋର୍ଟରେ ଉକ୍ତ ସିରପ୍‌ରେ କ୍ଷତିକାରକ ଉପାଦାନ ନ ଥିବା ସ୍ପଷ୍ଟ ହୋଇଛି। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନର ବୈଜ୍ଞାନିକ ଏବଂ ମଧ୍ୟପ୍ରଦେଶର ଅନ୍ୟ ସଂସ୍ଥାଗୁଡ଼ିକ କଫ୍ ସିରଫ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରିଥିଲେ।

## କରୁର ଦଳାଚକଟାର ସିବିଆଇ ତଦନ୍ତ ଆବେଦନ ହାଇକୋର୍ଟରେ ଖାରଜ

**ଚେନ୍ନାଇ,୩।୧୦**

ଅଭିନେତାରୁ ରାଜନେତା ହୋଇଥିବା ବିଜୟ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରରେ ରାଲି କରୁଥିବାବେଳେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ନେତା ଉମା ଆନନ୍ଦ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟର ମଦୁରାଇ ବେଞ୍ଚ୍‌ରେ ଆବେଦନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ହାଇକୋର୍ଟ କହିଛନ୍ତି। ଷ୍ଟାଣ୍ଡାର୍ଡ ଅପେରେଶନ ପ୍ରୋସିଜିଓର (ଏସ୍‌ଓପି) ଜାରି ରହିଥିବା ପର୍ଯ୍ୟନ୍ତ ତାମିଲନାଡୁ ଓ ଏହା ଭିତର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ରାଜନୈତିକ ରାଲିକୁ ହାଇକୋର୍ଟ ନିଷେଧ କରିଛନ୍ତି। ବିଜୟଙ୍କ ଦଳ ଟିକେଭିର ନମକ୍କଲ ଜିଲା ସମ୍ପାଦକ ସତୀଶ କୁମାରଙ୍କ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଜୟଙ୍କ ରାଲି ବେଳେ ହସ୍ପିଟାଲରେ ଆକ୍ରମଣ ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗିରଫ ଆଶଙ୍କାରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିହାର: ୩.୮% ପୁରୁଷ, ୬.୧% ମହିଳା ଭୋଟରଙ୍କ ନାଁ କଟିଛି

**ପାଟନା,୩।୧୦**

ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ଭାରତର ନିର୍ବାଚନ କମିଶନ ଗତ ୩୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ପୂର୍ବରୁ ରାଜ୍ୟରେ ୭.୮୯ କୋଟି ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ତାହା ୭.୪୨ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ୩୮ ଲକ୍ଷ ଭୋଟରଙ୍କ ନାଁ ତାଲିକାରୁ କଟିଛି। ତେବେ ପୁରୁଷ ଭୋଟର ୩.୮ ପ୍ରତିଶତ (୧୫.୫ ଲକ୍ଷ) କମିଥିବାବେଳେ ମହିଳା ଭୋଟର ୬.୧ ପ୍ରତିଶତ (୨୨.୭ ଲକ୍ଷ ) ହ୍ରାସ ପାଇଛନ୍ତି। ଅର୍ଥାତ ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟର ପାଖାପାଖି ୨ ଗୁଣା କଟିଛନ୍ତି। ନାଁ ହଟାଇବାରେ ଲିଙ୍ଗଗତ ତାରତମ୍ୟର ରାଜନୈତିକ ପରିଣାମ ମିଳିପାରେ ବୋଲି କୁହାଯାଉଛି, କାରଣ ବିହାରର ଉଭୟ ମେଣ୍ଟ ପାଇଁ ମହିଳା ଭୋଟର ଗୁରୁତ୍ୱପୂର୍ଣ୍ଣ। ଗୋପାଳଗଞ୍ଜରେ ସର୍ବାଧିକ ୧୫.୧ ପ୍ରତିଶତ ବା ୧.୫ ଲକ୍ଷ ମହିଳା ଭୋଟରଙ୍କ ନାଁ କଟିଛି। ଗତ ଜାନୁଆରୀରେ ସେଠାରେ ୧୦.୩ ଲକ୍ଷ ଭୋଟର ଥିଲାବେଳେ ଚୂଡ଼ାନ୍ତ ତାଲିକାରେ ୮.୩ ଲକ୍ଷକୁ ଖସିଆସିଛି। ସେହିପରି ମଧୁବଣିରେ ୧.୩ ଲକ୍ଷ ମହିଳା ଭୋଟର ବାଦ୍ ପଡ଼ିଥିବାବେଳେ ପୂର୍ବି ଚମ୍ପାରନ୍‌ରେ ୧.୧ ଲକ୍ଷ ମହିଳା ଭୋଟରଙ୍କ ନାମ କଟିଛି। ସେହିପରି ସରନ ଏବଂ ଭାଗଲପୁର ଜିଲାରେ ମଧ୍ୟ ପ୍ରାୟ ୧ ଲକ୍ଷ ଲେଖାଏ ମହିଳା ଭୋଟର ହ୍ରାସ ପାଇଛନ୍ତି।

# ୨୦୨୩ରେ ବାଲ୍ୟବିବାହ ୬ ଗୁଣ ବୃଦ୍ଧି

**ନୂଆଦିଲ୍ଲୀ,୩।୧୦(ପି.ଟି.)**

- ବିବାହ ପାଇଁ ୧୬,୭୩୭ ଝିଅଙ୍କୁ ଅପହରଣ କରାଯାଇଛି
- ଏନ୍‌ସିଆର୍‌ବି ରିପୋର୍ଟ

୨୦୨୨ ତୁଳନାରେ ୨୦୨୩ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୬ ଗୁଣ ଅଧିକ ମାମଲା ରୁଜୁ ହୋଇଛି। ମୋଟ ମାମଲାର ୯୦ ପ୍ରତିଶତ କେବଳ ଆସାମରେ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ୨୦୨୩ରେ ବିବାହ ପାଇଁ ୧୬,୭୩୭ ଝିଅ ଏବଂ ୧୨୯ ଜଣ ପୁଅଙ୍କୁ ଅପହରଣ କରାଯାଇଛି। ୨୦୨୧ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୧,୦୫୦ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୧,୦୦୨ଟି ଏବଂ ୨୦୨୩ରେ ୬,୦୩୮ଟି ମାମଲା ରୁଜୁ ହୋଇଛି। ସେଥିରୁ କେବଳ ଆସାମରେ ୫,୨୬୭ ମାମଲା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରେ ସେହିବର୍ଷ ୧୭୪ଟି ମାମଲା, କର୍ନାଟକରେ ୧୪୫ ଏବଂ ପଶ୍ଚିମବଙ୍ଗରେ ୧୧୮ଟି ମାମଲା ରୁଜୁ ହୋଇଛି। ଛତିଶଗଡ଼, ନାଗାଲାଣ୍ଡ, ଲଦାଖ ଏବଂ ଲାକ୍ଷାଦ୍ୱୀପ ଭଳି ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ



୨୦୨୩ର ଏଭଳି ମାମଲା ଆଦୌ ରୁଜୁ ହୋଇନାହିଁ। ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ୍ ବୟସର ପୁଅଙ୍କ ବିବାହ ନିଷେଧ କରିବା ପାଇଁ ୨୦୦୬ରେ ବାଲ୍ୟବିବାହ ପ୍ରତିକାର ଆଇନ କାର୍ଯ୍ୟକାରୀ ହୋଇଥିଲା।








# ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଢ଼ବଢ଼ିଆ

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ କଟକ, ୩।୧୦ (କାର୍ତ୍ତିକ ସାହୁ)

## 'ଓପିଆର୍‌ବି'ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ

- ଆଉ ୩ଜଣଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ, ବ୍ରହ୍ମପୁର ଜେଲରେ ଅଭିଭାବକଙ୍କ ଭିଡ଼
- ଭୁବନେଶ୍ୱରରେ ପଞ୍ଚସଫ୍ଟ ଅଫିସ୍ ସିଲ୍, କଟକରେ ସିଲିକନ ମାଲିକଙ୍କୁ ଜେରା

ରାଜ୍ୟରେ ଗୋଟିକ ପରେ ଗୋଟିଏ ପରୀକ୍ଷା ଜାଲିଆତି ଘଟଣା ସାମ୍ନାକୁ ଆସୁଛି। ଏବେ ଖୋଦ୍ ପୋଲିସ ବିଭାଗରେ ଏସ୍‌ଆଇ ପରୀକ୍ଷା ସ୍କାମ୍‌କୁ ନେଇ ଓଡ଼ିଶା ଚର୍ଚ୍ଚାକୁ ଆସିଥିବାବେଳେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ୩ ଦଲାଲ ଓ ୧୧୪ ଜଣ ପରୀକ୍ଷାର୍ଥୀ ବୁଧବାରଠାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ବେଳେ ଏହି ବଡ଼ କେଳେଙ୍କାରୀର ତଦନ୍ତ କରୁଛି କ୍ରାଇମ୍‌ବ୍ରାଞ୍ଚ। ଇତିମଧ୍ୟରେ କଟକ, ଭୁବନେଶ୍ୱରରୁ ଆରମ୍ଭ କରି ବ୍ରହ୍ମପୁର ପର୍ଯ୍ୟନ୍ତ ତନାଘନା ଚାଲିଥିବାବେଳେ ଏଥିରେ ବଡ଼ ଅଧିକାରୀ, କେତେଜଣ ପ୍ରଭାବଶାଳୀ ବ୍ୟକ୍ତି, କୋଚିଂ ସେଣ୍ଟର ମାଲିକ, ଦଲାଲ ସମ୍ପୃକ୍ତ ଥିବା ଅଭିଯୋଗ ଉଠୁଥିବାରୁ କ୍ରାଇମ୍‌ବ୍ରାଞ୍ଚ ସେହି ଦିଗକୁ ନେଇ ତଦନ୍ତ ଜୋର୍‌ଦାର କରିଛି। ତେବେ ତଦନ୍ତକାରୀ ଅଧିକାରୀମାନେ ସେହିପରି କିଛି ତଥ୍ୟ ପାଇଥିବା କୁହାଯାଉଥିବାବେଳେ ଚାକିରି ପାଇଁ ଜଣପିଛା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡିଲ୍ ହୋଇଥିଲା ବୋଲି ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର ବ୍ରହ୍ମପୁରରୁ ଆଉ ୩ ଜଣଙ୍କୁ ଉଠାଇ ନେଇଛି। ଗୋଳନ୍ଥରା ଥାନାରେ ସେମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପଚରାଉଚରା କରିଥିଲେ। ବହୁ ଘଣ୍ଟା ଧରି ଜେରା କରିବା ପରେ ଡିଜି ଫେରିଥିଲେ। ଆଉ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା ପରେ ଛଡ଼ାଯାଇଥିଲା। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ସରକାରୀ ଚାକିରିଆଙ୍କ ପୁଅ ଥିବା ସୂଚନା ମିଳିଛି। ଜଣେ ଅବସରପ୍ରାପ୍ତ ଜେଲ ଡିଆଇଜିଙ୍କ ପୁଅ ବି ଅଭିଯୁକ୍ତଙ୍କ ତାଲିକାରେ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ପରୀକ୍ଷା ପାଇଁ ଓପିଆର୍‌ବି ଆଇଟିଆଇ ଲିମିଟେଡ୍‌କୁ ଟେଣ୍ଡର ଦେଇଥିଲା। ଆଇଟିଆଇ ସଂସ୍ଥା ସିଲିକନ୍ ଟେକଲାବ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦେଇଥିଲା। ପରେ ସିଲିକନ୍ ଏହି ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃକୁ କାମ ଦେଇଥିଲା। ତେବେ ଏହି ସଂସ୍ଥାଗୁଡିକର କର୍ତ୍ତୃପକ୍ଷମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଛି। ଅପରପକ୍ଷରେ ସିଲିକନ୍ ସଂସ୍ଥାର ମାଲିକ ସୁରେଶ ନାୟକଙ୍କୁ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଜେରା କରାଯାଉଥିବା ଜଣାପଡିଛି। ତେବେ ଏହି ଘଟଣାରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ପ୍ରଚ୍ଛଦ ହାତ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଶଙ୍କର ଫେରାର ଥିବା ବେଳେ ତାଙ୍କୁ କ୍ରାଇମବ୍ରାଞ୍ଚ ଧରିବାକୁ ଖୋଜାଖୋଜି ଚଳାଇଛି। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମୁହଁ ଖୋଲି ନ ଥିବା ବେଳେ ଆଗକୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯିବ ବୋଲି ଜଣାପଡିଛି। ସେପଟେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏଲଏଫ୍ ସାଇବର ସିଟିର ପ୍ରଥମ ମହଲାରେ ପଞ୍ଚସଫ୍ଟ ଅଫିସ୍ ରହିଥିବା ବେଳେ ଏହାକୁ ଗୁରୁବାର ପୋଲିସ ସିଲ୍ କରିବା ସହ କିଛି ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ପଞ୍ଚସଫ୍ଟ ଅଫିସ ସିଲ୍ ପରେ ଚତୁର୍ଥ ମହଲାରେ ଥିବା ସିଲିକନ୍ ଅଫିସକୁ ମଧ୍ୟ ପୋଲିସ ଯାଇଥିଲା ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୫ ଓ ୬ ତାରିଖରେ ପୋଲିସ ଏସ୍‌ଆଇ ପରୀକ୍ଷା ହେବାର ଥିଲା। ତେବେ ସେପ୍ଟେମ୍ବର ୨୯ ରାତିରେ ଗୁପ୍ତ ସୂଚନା ଆଧାରରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରେ ପହଞ୍ଚି ଉକ୍ତ ୩ଟି ବସ୍ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ୧୧୭ ଜଣଙ୍କ ମଧ୍ୟରୁ ୧୧୪ଜଣ ଓପିଆର୍‌ବି ପକ୍ଷରୁ ହେବାକୁ ଥିବା ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଗୁପ୍ତଭାବେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱର ଫେରି ପରୀକ୍ଷା ଦେବା ପାଇଁ ସେମାନଙ୍କ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେଇଥାନ୍ତେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେବା ପାଇଁ ଚୁକ୍ତି କରିଥିଲେ। ପରୀକ୍ଷା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯାଇ ୩ ଦଲାଲ ଓ ୧୧୪ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ପରୀକ୍ଷାର୍ଥୀ ଗିରଫ ହେବା ଖବର ପାଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ସେମାନେ ନିଜ ପିଲାଙ୍କୁ ଭେଟିବା ପାଇଁ ବ୍ରହ୍ମପୁର ଜେଲ ଆଗରେ ଶୁକ୍ରବାର ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।

# ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଅଭିଯୋଗ

ପରଜଙ୍ଗ,୩।୧୦ (ନିଗମାନନ୍ଦ ଦଳବେହେରା)

## ୨ ଅଟକ; ଚପଲ, ଗାମୁଛା ଓ ମୋବାଇଲ୍ ଜବତ

ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନାଠାରୁ ମାତ୍ର ୧ କିମି ଦୂର ଗଣ୍ଡତୈଲାସାହିରେ। ନିକଟସ୍ଥ କାଜୁ ବାରିରୁ ଛାତ୍ରଙ୍କ ମୃତଦେହ ଶୁକ୍ରବାର ଅପରାହ୍ନ ୧ଟା ବେଳେ ପୋଲିସ ଜବତ କରିଛି। ମୃତ ଛାତ୍ରଙ୍କ ନାଁ ଚନ୍ଦନ ଖଟୁଆ। ତେବେ ଚନ୍ଦନଙ୍କୁ ହତ୍ୟା କରାଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ପୋଲିସ ଏହାକୁ ଅସ୍ୱାଭାବିକ ମୃତ୍ୟୁ ଦର୍ଶାଇ କେସ୍ ନଂ. ୨୧/୨୫ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

ଗଣ୍ଡତୈଲାସାହିର ମୃତ ଚନ୍ଦନଙ୍କ ବାପା ଦୀନବନ୍ଧୁ ଖଟୁଆ ଅଭିଯୋଗ କରିଛନ୍ତି, ୬ ମାସ ପୂର୍ବରୁ ସାମାନ୍ୟ ବଚସାକୁ କେନ୍ଦ୍ରକରି ଚନ୍ଦନଙ୍କୁ ପଡ଼ୋଶୀ ରଞ୍ଜନ ଖଟୁଆ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରଞ୍ଜନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଦେଇଥିଲା। ଜେଲରୁ ଫେରିବା ପରେ ରଞ୍ଜନ ବିଭିନ୍ନ ସମୟରେ ଧମକ ଚମକ ଦେଇଆସୁଥିଲେ। ଶୁକ୍ରବାର ସକାଳେ ରଞ୍ଜନଙ୍କ ଶଳା ପଞ୍ଚୁ ବେହେରା ଚନ୍ଦନଙ୍କ ଘରକୁ ଯାଇ ତାଙ୍କୁ ଡାକିଆଣି କେଉଁଆଡ଼େ ଯାଇଥିଲେ। ତେବେ ମଧ୍ୟାହ୍ନ ସମୟରେ ସାହିକୁ ଯିବା ରାସ୍ତାପାର୍ଶ୍ୱ କାଜୁଗଛରେ ଏକ ଗାମୁଛାରେ ଚନ୍ଦନଙ୍କ ମୃତଦେହ ଝୁଲୁଥିବା ଦୀନବନ୍ଧୁଙ୍କ ସାନଭାଇ କାର୍ତ୍ତିକ ଦେଖିବାକୁ ପାଇଥିଲେ। ସାହିଲୋକ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଚନ୍ଦନଙ୍କୁ ରଞ୍ଜନ ଓ ପଞ୍ଚୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗିଦେଇଥିବା ଚନ୍ଦନଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଅଜୟ ସାମଲ, ଯୁଗଳ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଞ୍ଚୁଙ୍କ ଚପଲ, ଚନ୍ଦନଙ୍କ ବେକରେ ବନ୍ଧାହୋଇଥିବା ଗାମୁଛା, ମୋବାଇଲ ଜବତ ହୋଇଛି। ପୋଲିସ ରଞ୍ଜନ ଓ ପଞ୍ଚୁଙ୍କୁ ଅଟକ ରଖିଛି। ଶନିବାର ଜିଲା ସାଇଣ୍ଟିଫିକ ଟିମ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।






# ଷ୍ଟିୟରିଂ, କାର୍ଯ୍ୟାନ୍ୱୟନ କମିଟି ଗଢ଼ିଲା ବିଜେଡି

ଭୁବନେଶ୍ୱର,୩।୧୦(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଗୁରୁବାର ଦଳର ଆଇଟି ଏବଂ ସୋସିଆଲ ମିଡିଆ ଟିମ୍, ଷ୍ଟିୟରିଂ କମିଟି ଏବଂ କାର୍ଯ୍ୟାନ୍ୱୟନ (ଇମ୍ପ୍ଲିମେଣ୍ଟେଶନ) କମିଟି ଗଠନ କରାଯାଇଛି। ଷ୍ଟିୟରିଂ କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲିକ, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, କଳିକେଶ ସିଂ ଦେଓ, ମହେଶ ସାହୁ, ପ୍ରୀତିରଞ୍ଜନ ଘଡ଼େଇ, ତୁଷାରକାନ୍ତି ବେହେରା, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାଏ, ଦେବେଶ ଆଚାର୍ଯ୍ୟ ଏବଂ ଭୃଗୁ ବକ୍ସିପାତ୍ର ରହିଛନ୍ତି। ସେହିପରି କାର୍ଯ୍ୟାନ୍ୱୟନ କମିଟିରେ ସୁଲୋଚନା ଦାସ, ସୁନୀଲ ମହାନ୍ତି, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ବର୍ଷା ସିଂ ବରିହା, ରୁଦ୍ର ମହାରଥୀ, ମନ୍ମଥ ରାଉତରାୟ, ଅବିନାଶ ସାମଲ, ବିଷ୍ଣୁବ୍ରତ ରାଉତରାୟ, ଲେଲିନ୍ ମହାନ୍ତି, ଚିନ୍ମୟାନନ୍ଦ ସ୍ୱରୂପଦେବ, ସୁଶ୍ରୀ ରଞ୍ଜିତା ସାହୁ, ଚିନ୍ମୟ ସାହୁ, ଈପ୍ସିତା ସାହୁ ପ୍ରମୁଖ ରହିଛନ୍ତି।

# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟାକଲେ ଏବିଡିଓ

ହାଟଡିହୀ/ବଉଳା,୩।୧୦ (ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଅଁର ଗ୍ରାମରେ ଗୁରୁବାର ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ହେଲେ ଦେବୀପ୍ରସାଦ ଜେନା। ସେ ଭଦ୍ରକ ଜିଲା ବନ୍ତରେ ଏବିଡିଓ ଭାବେ କାର୍ଯ୍ୟ କରନ୍ତି। ମାଛଧରା ଜାଲକୁ ନେଇ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହୁଥିବାବେଳେ ପରକୀୟା ପ୍ରୀତି ଯୋଗୁ ଏହି ଅଘଟଣ ଘଟିଥିବା ମୃତାଙ୍କ ପୁଅ ଅଭିଯୋଗ କରିଛନ୍ତି। ଘଟଣା ପରେ ଦେବୀପ୍ରସାଦ ଫେରାର ଅଛନ୍ତି। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ



ଅଭିଯୁକ୍ତ ଦେବୀପ୍ରସାଦ ଜେନା

କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏବିଡିଓ ଦେବୀପ୍ରସାଦ ଏବଂ ତାଙ୍କ ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ମଧ୍ୟରେ ମାଛଧରା ଜାଲକୁ ନେଇ ଗୁରୁବାର ଝଗଡ଼ା ହୋଇଥିଲା। ଦେବୀପ୍ରସାଦ କ୍ରୋଧାନ୍ୱିତ ହୋଇ ଏକ ଟାଙ୍ଗିଆରେ ସୁଦେଷ୍ଣାଙ୍କ ବେକକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଦେଷ୍ଣାଘରେ ପଡ଼ିଥିବା ବେଳେ ପଡୋଶୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଶାଳନିଆଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ସତ୍ୟ ପ୍ରକାଶ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ, ନିଜ କୁଟୁମ୍ବରେ ଅନ୍ୟ ଜଣେ ମହିଳାଙ୍କ ସହ ତାଙ୍କ ବାପାଙ୍କ ପରକୀୟା ପ୍ରୀତି ଥିଲା। ତେଣୁ ବାପାଙ୍କ ଦ୍ୱାରା ମା', ଭଉଣୀ ଏବଂ ସେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇଛନ୍ତି। ବାପାଙ୍କର ନିର୍ଯାତନା ବାବଦରେ ବ୍ଲକ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ଥାନାରେ ମଧ୍ୟ ପୂର୍ବରୁ ଅନେକ ଥର ଅଭିଯୋଗ କରି କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ପୁଅଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇଛି। ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ବନ୍ତ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଏବିଡିଓ ଦେବୀପ୍ରସାଦଙ୍କ ବିଷୟରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ବିନା ଛୁଟି ଦରଖାସ୍ତରେ ଶୁକ୍ରବାର ସେ ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଏ ବାବଦରେ ଜିଲାପାଳଙ୍କୁ ଚିଠି ଜରିଆରେ ଜଣାଯାଇଛି।




## ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ନାକଟିଦେଉଳ,୩।୧୦(ବୈକୁଣ୍ଠନାଥ ସାହୁ ): ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଥୁରିଆ ଗ୍ରାମରେ ବୁଧବାର ବଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଦଳି ମାରିଦେଇଛି ଦନ୍ତା। ମୃତ ବୃଦ୍ଧ ହେଲେ ଧୃତ ଦେହୁରୀ(୬୦)। ରେଢ଼ାଖୋଲ ପୋଲିସ ଗୁରୁବାର ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ସୀମା ଦ୍ୱନ୍ଦ୍ୱକୁ ନେଇ ବନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସମ୍ବାଦ ଏବଂ କନକ ନ୍ୟୁଜ୍‌ର ବାର୍ଷିକ ଉତ୍ସବ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ଅପରାହ୍ନ ୫ଟା ୩୦।
- ବଲ୍ଲଭ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### ପୁରୀ
- ପ୍ରତିଭା ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ସମୟ: ସକାଳ ୯ଟା।
- ୧୯୭୫ ବ୍ୟାଚ୍ ପୁରାତନ ଛାତ୍ରଙ୍କ ଗୋଲ୍ଡେନ ଉତ୍ସବ, ସ୍ଥାନ: ପୁରୀ ଜିଲା ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନିମାପଡ଼ା ପକ୍ଷରୁ ଶତାବ୍ଦୀ ବର୍ଷ ଉଦ୍‌ଘାଟନୀ ଉତ୍ସବ ଓ ସାଧାରଣ ସଭା, ସ୍ଥାନ: ବାରବାଟୀ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

### ଖୋର୍ଦ୍ଧା
- ସତ୍ୟାନନ୍ଦ ଚମ୍ପତିରାୟଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ପାଠାଗାର, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ପ୍ରବଚନ ସଭା ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କେନ୍ଦୁଝର
- ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

### ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ତାଳପଦା ଦୂର୍ଗାପୂଜା ମଣ୍ଡପ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ମେଲୋଡି ନାଇଟ୍ସ, ସ୍ଥାନ: ତୁଳସୀଚଉରା, ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

### କନ୍ଧମାଳ
- ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ, ସ୍ଥାନ: କ.ନୂଆଗାଁ, ସମୟ: ଅପରାହ୍ନ ୪ ଟା ।

### ଢେଙ୍କାନାଳ
- ସ୍ୱଚ୍ଛତା ପରିଚାଳନା ସମ୍ପର୍କିତ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ସତ୍ୟ ସାଇବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ସହର ଓ ନୟାଗଡ଼ ସହରର ଆଖପାଖରେ ଥିବା ନୟାଗଡ଼ ବ୍ଲକର ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ୩୭ତମ ବାର୍ଷିକ ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଜିଲାର ପଙ୍ଗାରସିଂହ ବନାମ ଆୟୋଜକ ବନମାଳୀପୁର ଆଞ୍ଚଳିକ ସ୍ପୋଟସ ଟିମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳୀପୁର ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ମନୁ ଜ୍ୟୋତି ଆଶ୍ରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡ଼ା, ସମୟ : ଅପରାହ୍ନ ୪ଟା ।

### ନବରଙ୍ଗପୁର
- ଆୟାପ୍ପା ସ୍ୱାମୀ ଭକ୍ତମାନଙ୍କ ଦୀକ୍ଷା ଗ୍ରହଣ, ସ୍ଥାନ: ଡାବୁଗାଁ ଶିବ ମନ୍ଦିର, ସମୟ: ପ୍ରାତଃ ୫ଟା।

### କୋରାପୁଟ
- ଦସ୍ତଖତ ସଂଗ୍ରହ ଅଭିଯାନ, ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗର ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ (ଜୟପୁର)
- ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସନ୍ଧ୍ୟା ୭ଟା।
- ନାଲ୍‌କୋରେ ରାବଣ ପୋଡ଼ି ଉତ୍ସବ, ସ୍ଥାନ: ବିଆର୍ ଆମ୍ବେଡକର ଷ୍ଟାଡିୟମ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

### ମାଲକାନଗିରି
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୧ ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭୀମ ଆର୍ମିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

### ବଲାଙ୍ଗୀର
- ପ୍ରଥମ ଜିଲାସ୍ତରୀୟ ସୁଟିଂ କ୍ୟାମ୍ପ ଏବଂ ପ୍ରତିଯୋଗିତା ୨୦୨୫ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଶ୍ୱର ମନ୍ଦିରରୁ ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ରଚନା ପକ୍ଷରୁ ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା ଓ ସର୍ଜନ ପୁରସ୍କାର ସମାରୋହ, ସ୍ଥାନ: ସରୋଜିନୀ ରେସିଡେନ୍ସି ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

### ରାଉରକେଲା
- ଶନିଦେବ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ଉଦିତନଗର ଶନି ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସଫେଇ ଅଭିଯାନ, ସ୍ଥାନ: ଡିଏଭି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଦ୍ୱାଦଶୀ, ସ୍ଥାନ: ସେକ୍ଟର--୧, ସମୟ: ଅପରାହ୍ନ ୧ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଇଡିଏଲ୍ ସମାଜ ମଙ୍ଗଳ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରେଷ୍ଠ ଓଡିଆଣୀ ସିଜନ-୩ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ ସେହନାଇ ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଅଷ୍ଟାଦଶ ହେମନ୍ତ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

### କଳାହାଣ୍ଡି
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଡ୍ୟାନ୍ସ ଧମାକା, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ବଞ୍ଜାରୀ ଦେବୀଙ୍କ ଶାରଦୀୟ ପୂଜା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ଅପରାହ୍ନ ୪ଟା।

# ରାୟଗଡ଼ରେ ଭୂସ୍ଖଳନ: ୨ ମୃତ

## ମାଟି ତଳେ ବାପ ପୁଅ ଚାପିହୋଇ ରହିଥିବା ସନ୍ଦେହ

ପାରଳାଖେମୁଣ୍ଡି/ରାୟଗଡ଼ (ଗଜପତି) ୩।୧୦ (ଗିରିଧାରୀ ପରିଚ୍ଛା /ଜ୍ୟୋତି ପ୍ରସାଦ ପାଣି)

ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ଗଜପତି ଜିଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ମାର୍ଲବା ପଞ୍ଚାୟତ ପେକଟ ଗ୍ରାମ ନିକଟରେ ଥିବା ବାଘମରା ପାହାଡ଼ରୁ ଭୂସ୍ଖଳନ ଯୋଗୁ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବସ୍ତ୍ରିଗୁଡା ପଞ୍ଚାୟତର ତ୍ରିନାଥ ନାୟକ ଓ ମେରାପଲ୍ଲି ପଞ୍ଚାୟତର ଲକ୍ଷ୍ମଣ ନାୟକ। ଏଥିସହ ପେକଟ ଗାଁର କାର୍ତ୍ତିକ ଶବର (୭୦) ଓ ତାଙ୍କ ପୁଅ ରାଜିକ ଶବର ନିଖୋଜ ଅଛନ୍ତି। ଏମାନେ ମାଟି ତଳେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି। ଅଗ୍ନିଶମ ବାହିନୀକର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଭୂସ୍ଖଳନ ଯୋଗୁ ରାୟଗଡ଼ଠାରୁ ନୂଆଗଡ଼ ଓ ଆର. ଉଦୟଗିରି ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସରେ ଗଜପତି ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣା ସ୍ଥଳ ପରିଦର୍ଶନ ସହ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଅପରପକ୍ଷେ ମହେନ୍ଦ୍ରଗିରି ବୁଲିବାକୁ ଆସି ଫସିଥିବା ୨୪ଜଣ ପର୍ଯ୍ୟଟକଙ୍କୁ ବୁଧବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇ ଗାରାବନ୍ଧ ଥାନାରେ ରଖାଯାଇଥିଲା। ମନ୍ତ୍ରୀ ଜେନା ସେଠାରେ ପହଞ୍ଚି ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଛନ୍ତି। ସେହିପରି ଯୋଗାଯୋଗ ସ୍ୱାଭାବିକ କରିବାକୁ ରାସ୍ତା ସଫା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଘଟଣାସ୍ଥଳରେ ମନ୍ତ୍ରୀ ଜେନାଙ୍କ ସମେତ ଉପଜିଲାପାଳ ଅନୁପ ପଣ୍ଡା, ଆଇଟିଡିଏ ପିଏ ଅଂଶୁମାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭୂସ୍ଖଳନ ସ୍ଥଳ

### ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

ଭୁବନେଶ୍ୱର,୩।୧୦(ରବିନାରାୟଣ ଜେନା)

ଗଜପତି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ବସ୍ତ୍ରୀଗୁଡା ଗ୍ରାମପଞ୍ଚାୟତର ତ୍ରିନାଥ ନାୟକ (ପିତା-କାର୍ତ୍ତିକ ନାୟକ) ଏବଂ ମେରିପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ(ପିତା-କାନ୍ତାରୁ ନାୟକ)ଙ୍କ ପ୍ରାଣହାନି ଘଟିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଶୁକ୍ରବାର ଗଜପତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅକ୍ଷୟ କୁମାରଙ୍କ ଝିଅଙ୍କୁ ନ୍ୟୁଡ୍ ଫଟୋ ମାଗିଥିଲେ ସାଇବର ଅପରାଧୀ

ମୁମ୍ବାଇ,୩।୧୦

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଝିଅ ଏକଦା ଅନ୍‌ଲାଇନ ଭିଡିଓ ଗେମ୍ ଖେଳୁଥିବାବେଳେ ତାଙ୍କୁ ନ୍ୟୁଡ୍ ଫଟୋ ମଗାଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗ ଦେଇଥିବା ସାଇବର ସୁରକ୍ଷା ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଅକ୍ଷୟ ଏହା ପ୍ରଘଟ କରିଛନ୍ତି। ଶୁକ୍ରବାର ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଅକ୍ଷୟ କହିଛନ୍ତି, ରାସ୍ତାଘାଟରେ ଘଟୁଥିବା ଅପରାଧଠାରୁ ସାଇବର କ୍ରାଇମ୍ ବହୁଗୁଣରେ ବଢ଼ିଚାଲିଛି। କିଛି ମାସ ତଳେ ତାଙ୍କ ସ୍ୱଳ୍ପବୟସ୍କା ଝିଅ ଏକ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ସେହି ସମୟରେ ଜଣେ ଅଜ୍ଞାତ ବ୍ୟକ୍ତି ତାଙ୍କୁ ପ୍ରଥମେ ଭଦ୍ର ବ୍ୟବହାର ଦେଖାଇଥିଲେ ଓ ମେସେଜିଂ ପାଇଁ ଉତ୍ସାହିତ କରିଥିଲେ। କିଛି ଦିନ ପରେ ସେହି ବ୍ୟକ୍ତି ଅକ୍ଷୟଙ୍କ ଝିଅଙ୍କୁ ପ୍ରଶଂସା କରିବା ସହ ତୁମେ ପୁରୁଷ ନା ମହିଳା ବୋଲି ପ୍ରଶ୍ନ କରିଥିଲେ। ବାସସ୍ଥାନ ପଚାରିବାରୁ ଝିଅ ମୁମ୍ବାଇ ବୋଲି ଉତ୍ତର ଦେଇଥିଲେ। ଆଉ ଦିନେ ଖେଳ ଶେଷରେ ତାଙ୍କୁ ଉଲଗ୍ନ ଫଟୋ ପଠାଇବାକୁ କହିଥିଲେ। ଏହା ଶୁଣିବା ପରେ ଅକ୍ଷୟଙ୍କ ଝିଅ ଚକିତ ହୋଇପଡ଼ିଥିଲେ। ସେ ତତ୍‌କ୍ଷଣାତ ନିଜ ମୋବାଇଲ୍‌କୁ ସୁଇଚ୍ ଅଫ୍ କରି ମା'ଙ୍କୁ ସବୁକଥା ଜଣାଇଥିଲେ। ବର୍ତ୍ତମାନର ଡିଜିଟାଲ ଦୁନିଆରେ ବନ୍ଧୁତା ଆଳରେ କିପରି ସାଇବର ଅପରାଧ ଘଟିଚାଲିଛି ଏବଂ ସେଥିରୁ ପିଲାଙ୍କୁ ମୁକ୍ତ କରାଯାଇପାରବ, ସେନେଇ ଲୋକଙ୍କୁ ସତର୍କ ଓ ସଚେତନ କରାଇବା ସକାଶେ ଅଭିନେତା ତାଙ୍କ ଝିଅ ସହ ବିତିଥିବା ଏହି ଘଟଣାର ଅବତାରଣା କରିଛନ୍ତି। ଏଥିସହ ସାଇବର ଅପରାଧ ସମ୍ପର୍କରେ ଶିକ୍ଷାଦାନକୁ ଜୋର୍ ଦେଇ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସପ୍ତାହକୁ ଗୋଟିଏ ସାଇବର ନିରାପତ୍ତା ପରିୟଡ୍ ରଖିବା ପାଇଁ ଅକ୍ଷୟ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗ କଉଡ଼ି ଭଙ୍ଗରେ ଯାଏ**
**ଚିତା କଉଡ଼ି ସଙ୍ଗରେ ଯାଏ ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ନିଜ ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସଙ୍ଗ ମଙ୍ଗ ମଙ୍ଗିତା**
**ଅସଙ୍ଗ ସାଙ୍ଗେ ସାଙ୍ଗ ହେଲେ,**
**କାଠ ଘଣ୍ଟ ଲମ୍ବିତା ।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନ୍‌ର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତୁତ ରୁହ...

ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଅନେକ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ସେବେଠୁ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକ୍‌ରେ ପାକିସ୍ତାନୀ ସେନାର ସାମରିକ ଗତିବିଧି ବୃଦ୍ଧି ନେଇ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଥିଲେ। ପାକିସ୍ତାନୀ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କଲେ ଭାରତ ଏପରି ଜବାବ ଦେବ ଯେ ପାକିସ୍ତାନର ଇତିହାସ ଓ ଭୂଗୋଳ ବଦଳିଯିବ ବୋଲି ରାଜନାଥ କହିଥିଲେ। ଏହାର ଦିନକ ପରେ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ରାଜସ୍ଥାନର ଅନୁପଗଡ଼ରୁ ଇସ୍‌ଲାମାବାଦକୁ କଡ଼ା ଚେତାବନୀ ଦେଇଛନ୍ତି। ଦ୍ୱିବେଦୀ କହିଛନ୍ତି, ଭାରତୀୟ ବଳ ଏଥର ଆଉ ଅପରେଶନ୍ ସିନ୍ଦୂର ୧.୦ ଭଳି ସଂଯମ ହେବ ନାହିଁ। ପାକିସ୍ତାନ ଭୂଗୋଳରେ ରହିବାକୁ ଚାହେଁ କି ନାହିଁ ତାହା ସ୍ଥିର କରୁ। ଯଦି ରହିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବନ୍ଦ କରିବା ଜରୁରୀ। ଯବାନମାନଙ୍କୁ ସମ୍ବୋଧନ ବେଳେ ଦ୍ୱିବେଦୀ ଆହୁରି କହିଛନ୍ତି, ଯଦି ଭଗବାନଙ୍କ ଇଚ୍ଛା ଥିବ, ତେବେ ଆପଣମାନେ ଶୀଘ୍ର ଏକ ସୁଯୋଗ ପାଇବେ। ଏଥିପାଇଁ ପ୍ରସ୍ତୁତ ରୁହନ୍ତୁ।

### ୧୨ ପାକିସ୍ତାନୀ ...

ସମ୍ପର୍କରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ବାୟୁସେନା ମୁଖ୍ୟ ଦେଇନାହାନ୍ତି। ପୂର୍ବରୁ ଭାରତ ନିଜର କେତୋଟି ଯୁଦ୍ଧବିମାନ ହରାଇଥିବା ନେଇ ସ୍ୱୀକାର କରିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା କହି ନ ଥିଲା। ବାୟୁସେନା ମୁଖ୍ୟଙ୍କ ସଦ୍ୟ ଦାବିକୁ ନେଇ କଂଗ୍ରେସ ସମାଲୋଚନା କରିଛି। ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ତଥା ବାରାଣସୀରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଅଜୟ ରାୟ କହିଛନ୍ତି, 'ଅପରେଶନ ସିନ୍ଦୂର'କୁ ନେଇ କିଛି ଗଡ଼ବଡ଼ ରହିଛି। ଏହି ସାମରିକ ଅଭିଯାନ ସମ୍ପର୍କରେ ସେନାର ଶୀର୍ଷ ଅଧିକାରୀମାନେ ଭିନ୍ନ ପ୍ରକାର ମନ୍ତବ୍ୟ ଦେଉଛନ୍ତି, ଯହିଁରୁ ଅପରେଶନର ତ୍ରୁଟି ସାମ୍ନାକୁ ଆସୁଛି।


ଚୌଦ୍ୱାର ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିବା ୨ କଏଦୀ (ଇନ୍‌ସେଟ୍) ।

### ଚୌଦ୍ୱାର ଜେଲରୁ ...

ଜୋନ୍‌୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ଦୀପ୍ତିକାନ୍ତ ଖଣ୍ଡାୟତରାୟ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ପ୍ରାଥମିକ ତଦନ୍ତ କରିଛନ୍ତି। କମିଶନରେଟ୍ ପୋଲିସ ପକ୍ଷରୁ ଉଭୟଙ୍କ ବିଷୟରେ ସୂଚନା ଦେବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରାୟ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତଦନ୍ତ ପରେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ପାଇଁ ଜୋର୍‌ଦାର ପ୍ରୟାସ କରାଯାଇଛି। ବ୍ୟବହାର ପାଇଁ ଦିଆଯାଇଥିବା ଏକ କମ୍ବଳକୁ କାଟି ତାହାକୁ ରଶି କରି ଉଭୟ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ବୋଲି ଜେଲ୍ ଡିଜି ନାଥ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଖଣ୍ଡେ ୨ରୁ ୩ ଫୁଟର କାଠରେ ୩ ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ବାନ୍ଧି ମଝିରେ ମଝିରେ ଗଣ୍ଠି ପକାଇ ୨ଟି ପାଚେରି ଡେଇଁ କଏଦୀ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଏତେ ସମୟ ତଦନ୍ତ କରି ମଧ୍ୟ କଏଦୀ ଫେରାର ଥିବା ସ୍ଥାନକୁ ଡିଜି ନା ଅନ୍ୟ ବରିଷ୍ଠ ଅଧିକାରୀ ଯାଇ ନ ଥିବା କୁହାଯାଉଛି।

ସୂଚନା ମୁତାବକ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଜେଲ କଲୋନୀର କେତେଜଣ ବ୍ୟକ୍ତି ମର୍ନିଂ ୱାକ କରୁଥିବା ବେଳେ କଲୋନୀ ପଟ ଜେଲ ଉଚ୍ଚ ପାଚେରିରୁ ଏକ କାଠ ଫାଳିଆ ସହାୟତାରେ ୩ଟି ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ରଶି ପରି ତଳକୁ ଝୁଲିଥିବା ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜେଲ କର୍ତ୍ତୃପକ୍ଷ ଓ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସୁରକ୍ଷାକର୍ମୀ ଲକ୍‌ଅପ୍ ଯାଞ୍ଚ କରିବାରୁ ଜଣାପଡ଼ିଥିଲା ଯେ, ପାଣିକୋଇଲି ସୁନା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ବିହାରୀ କଏଦୀ ଖସି ପଳାଇଛନ୍ତି। ଏ ନେଇ ଜେଲ କର୍ତ୍ତୃପକ୍ଷ ଚୌଦ୍ୱାର ଥାନା ଅଧିକାରୀଙ୍କୁ ଅବଗତ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

ସୂଚନାଥାଉ କି ଗିରଫ ସମୟରେ ଜେଲ ଚାରିକାନ୍ଥ ସେମାନଙ୍କୁ ରଖି ପାରିବନି ବୋଲି କହି ଓଡ଼ିଶା ପୋଲିସକୁ ଚାଲେଞ୍ଜ କରିବା ଏବଂ କଟକ ବଡ ମେଡିକାଲ କର୍ମଚାରୀଙ୍କୁ ହତ୍ୟା କରିବାକୁ ଧମକ ଦେବାର ଭିଡିଓ ଭାଇରାଲ ହେଉଛି। ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହେବାର ଗତ ୯ ମାସ ମଧ୍ୟରେ ସେମାନେ ଜେଲରୁ ୨ ଥର ଖସିବାକୁ ଯୋଜନା କରିଥିଲେ। ଗତ ଜୁଲାଇ ୨୧ରେ ରାତିରେ ୨ଟି ଆରି ବ୍ଲେଡ୍‌ରେ ସେଲ୍ କାଟି ଖସି ଯାଉଥିବା ସମୟରେ ଧରାପଡ଼ିଥିଲେ। ଏ ନେଇ ଜୁଲାଇ ୨୨ରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୪୩୩/୨୫) ରୁଜୁ କରିଥିଲା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ଏକାଦଶରେ ଚନ୍ଦ୍ର ପାପଗ୍ରହ ରାହୁଙ୍କ ଦ୍ୱାରା କବଳିତହୋଇ ପାରିବାରିକ ଜୀବନରେ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ଭୁଲ୍ ନିଷ୍ପତ୍ତିଜନିତ ସମସ୍ୟା ସୃଷ୍ଟି ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟିବ।

**ବୃଷ** ଭଲ ରୂପେ ନ ବୁଝି ନ ଶୁଝି କୌଣସି କଥାରେ ହଁ ଭରିବା ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ବୃହସ୍ପତିଙ୍କ ପ୍ରଭାବରୁ କାମଟି ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏଥିପାଇଁ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟାଜନିତ ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ମିଥୁନ** ପାପଗ୍ରହ ପ୍ରଭାବରେ ବିବାଦୀୟ ମନ୍ତବ୍ୟ ଦେଇ ଘରେ କିମ୍ବା ବାହାରେ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ସତର୍କତା ଅଭାବରୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ଆପଣଙ୍କ ଅନୁରୋଧକୁ ଉପେକ୍ଷା କରି ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ।

**କର୍କଟ** ପାପଗ୍ରହଯୁକ୍ତ ରାଶ୍ୟାଧିପ ଚନ୍ଦ୍ର ଏକାଧାରରେ ଦୈହିକ ଏବଂ ମାନସିକ ସ୍ଥିତିକୁ କମ୍‌ଜୋର କରିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧର ଚାପ ବୃଦ୍ଧି ପାଇବା ସାଙ୍ଗକୁ ପରିବାର ସକାଶେ ଆଦୌ ସମୟ ଦେଇପାରିବେ ନାହିଁ। ପରିସ୍ଥିତିର ତାଡ଼ନାରେ ଅଥବା ବାଧ୍ୟବାଧକତାରେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ଦୁର୍ବଳ ରବିଙ୍କ ଜନିତ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବାରେ ଅସୁବିଧା ଅନୁଭବ କରିବେ। କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିପାରେ।

**କନ୍ୟା** କର୍ମାଧିପତିଙ୍କ ସବଳତା କାରଣରୁ ନିଜ ଲୋକମାନେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** ଭାଗ୍ୟାଧିପ ରାଶିରେ ଥିବାରୁ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ସହଯୋଗର ଅଭାବ ରହିବନାହିଁ। ଆଜି ଅର୍ଥ ସଙ୍କଟକୁ ଦୂରେଇବାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତୀତରୁ ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମ ଅଟକିରହିବ ନାହିଁ, କିନ୍ତୁ ପୂର୍ଣ୍ଣାଙ୍ଗ ମଧ୍ୟ ନ ହୋଇପାରେ। ଯାତ୍ରା କାଳରେ ପରିବହନରେ କିମ୍ବା ବ୍ୟବସାୟରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅବଶ୍ୟ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ବୁଧଙ୍କ ପ୍ରଭାବରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହାୟତାରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ପରିଜନମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** କେତୁଯୁକ୍ତ କର୍ମାଧିପ ହେତୁ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ଆଶଙ୍କା ରହିଛି। ଆଲୋଚନା ପରିସରରେ ବାକ୍ ସଂଯମ ନିତାନ୍ତ ଜରୁରୀ ନଚେତ୍‌ବା ପରେ ଅନୁତାପ କରିବାକୁ ପଡ଼ିପାରେ।

**କୁମ୍ଭ** ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ପରିସ୍ଥିତି ପ୍ରତି ଗୁରୁତ୍ୱ ଦେଇ ଦୂରେଇରହିବା ଉପକ୍ରମ କରିପାରନ୍ତି। ଶନିଙ୍କ ଯୋଗୁ ପରିବର୍ତ୍ତନର ସ୍ୱର ଓ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ବିଭିନ୍ନ ସୂତ୍ରରୁ ରୋଜଗାରକରି ଋଣ ପରିଶୋଧର ଯୋଜନା କରିପାରନ୍ତି।

**ମୀନ** ରାହୁଯୁକ୍ତ ଚନ୍ଦ୍ର ଏବଂ କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସ୍ଥିତିଜନିତ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହାର ପୁନର୍ବିଚାର କରିବା ଭଲ। କର୍ମକ୍ଷେତ୍ରର ଦାୟିତ୍ୱ ନିଭାଇବାକୁ ଯାଇ କଠୋର ପରିଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

ଆଜି ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୦୯।୦୮ ଗତେ ଶତଭିଷା/କୁମ୍ଭ। ସକାଳ ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ, ଘ.୧୧।୫୮ ମି. ଗତେ, ଘ.୦୮।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୮।୩୮ ମି. ଗତେ, ଘ.୧୦।୦୬ ମି. ମଧ୍ୟେ ରାହୁକାଳ ।

## ଜାମୁକା ମୁହାଣରେ ମୃତ ଡଲଫିନ



ବାହାନଗା,(ଅରୂପ କୁମାର ଦାସ): ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୋପାଳପୁର ଥାନା ଅଧୀନ ତାଳପଦା ସମୁଦ୍ରକୂଳ ଜାମୁକା ମୁହାଣରେ ପଡିଛି ମୃତ ଡଲଫିନ। ଶୁକ୍ରବାର ପ୍ରାତଃ ୫ଟା ବେଳେ ଧୀବରମାନେ ସମୁଦ୍ରରୁ ମାଛ ମାରି ମୁହାଣ ନିକଟକୁ ଫେରିଲା ବେଳେ ମୁହାଣ ବାଲି ଉପରେ ଏକ ଡଲଫିନ ମୃତ ଅବସ୍ଥାରେ ପଡିଥିବା ଦେଖିଥିଲେ। ମୃତ ଡଲଫିନର ଲମ୍ବ ୭ ଫୁଟ ଓ ଓଜନ ୮୦ କିଲୋରୁ ୧ କୁଇଣ୍ଟାଲ ହେବ। ବନବିଭାଗ ପକ୍ଷରୁ ମୃତ ଡଲଫିନକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ନିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଡଲଫିନ ମୃତ୍ୟୁର କାରଣ ଜଣାପଡିବ ବୋଲି ପ୍ରାଣୀ ଚିକିତ୍ସକ ଡ଼.ଶୁଭଶ୍ରୀ ରାଉତ କହିଛନ୍ତି।



ପ୍ରବଳ ବର୍ଷା ଯୋଗୁ ଗୁରୁବାର କୋରାପୁଟ-ରାୟଗଡ଼ା ରେଳ ଲାଇନ୍‌ରେ ପାହାଡ଼ରୁ ମାଟି ଅତଡ଼ା ଧସିବାରୁ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଛି।

# ଓଡ଼ିଶାକୁ ଟିକସ ବାବଦ ଅଗ୍ରିମ ୪,୬୦୧ କୋଟି ପ୍ରଦାନ କଲା କେନ୍ଦ୍ର

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩ା୧୦(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଟିକସ ବାବଦ ଅର୍ଥ ବାବଦରେ ଓଡ଼ିଶାକୁ ଅଗ୍ରିମ ଭାବେ ୪,୬୦୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅଗ୍ରିମ ରାଶି ପ୍ରଦାନ କରିଥିବା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଯଥା ସମୟରେ କେନ୍ଦ୍ର ଏହି ଅର୍ଥ ପ୍ରଦାନ କରିବା ଦ୍ୱାରା ରାଜ୍ୟ ପାଇଁ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ସମନ୍ୱୟ ଯୋଗୁ ଓଡ଼ିଶାର ବିକାଶ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଗତି ମିଳିବ। ବିଶେଷ ଭାବେ ପାର୍ବଣ ସମୟରେ ଏହା ଅତ୍ୟନ୍ତ ଲାଭଦାୟକ ହେବ। ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଯେ ଏହି ଅର୍ଥ ରାଶି ଖର୍ଚ୍ଚରେ ସ୍ୱଚ୍ଛତା ରହିବ, ଯାହା ରାଜ୍ୟର ଲୋକଙ୍କ ଲାଭରେ ଏବଂ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶକୁ ଅଗ୍ରିମ ଭାବେ ୪,୧୧୨, ଅରୁଣାଚଳ ପ୍ରଦେଶକୁ ୧,୭୮୫, ଆସାମକୁ ୩,୧୭୮, ବିହାରକୁ ୧୦,୨୧୯, ଛତିଶଗଡ଼କୁ ୩,୪୬୨, ଗୋଆକୁ ୩୯୨, ଗୁଜରାଟକୁ ୩,୫୩୪, ହରିୟାଣାକୁ ୧,୧୧୧, ହିମାଚଳ ପ୍ରଦେଶକୁ ୮୪୩, ଝାଡ଼ଖଣ୍ଡକୁ ୩,୩୬୦, କର୍ଣ୍ଣାଟକକୁ ୩,୭୦୫, କେରଳକୁ ୧,୯୫୬, ମଧ୍ୟ ପ୍ରଦେଶକୁ ୭,୯୭୬, ମହାରାଷ୍ଟ୍ରକୁ ୬,୪୧୮, ମଣିପୁରକୁ ୭୨୭, ମେଘାଳୟକୁ ୭୭୯, ମିଜୋରାମକୁ ୫୦୮, ନାଗାଲାଣ୍ଡକୁ ୫୭୮, ପଞ୍ଜାବକୁ ୧,୮୩୬, ରାଜସ୍ଥାନକୁ ୬,୧୨୩, ସିକ୍କିମ୍‌କୁ ୩୯୪, ତାମିଲନାଡୁକୁ ୪,୧୪୪, ତେଲଙ୍ଗାନାକୁ ୨,୧୩୬, ତ୍ରିପୁରାକୁ ୭୧୯, ଉତ୍ତର ପ୍ରଦେଶକୁ ୧୮,୨୨୭, ଉତ୍ତରାଖଣ୍ଡକୁ ୧,୧୩୬ ଏବଂ ପଶ୍ଚିମବଙ୍ଗକୁ ୭,୬୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଉତ୍ତରପ୍ରଦେଶକୁ ସର୍ବାଧିକ ଅର୍ଥ ରାଶି ଦିଆଯାଇଥିବା ବେଳେ ଗୋଆକୁ ସର୍ବନିମ୍ନ ମିଳିଛି।

# କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

ଶେରଗଡ଼,୩ା୧୦ (ସୂର୍ଯ୍ୟ ନାରାୟଣ ଦାଶ)



ଗୋପୀନାଥ ସ୍ୱାଇଁ

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଗୁରୁବାର ଭୋରରୁ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ବୟସ ହୋଇଥିଲା। ସେ ଜଣେ କୃଷ୍ଣଲୀଳା ଗୁରୁ ରୂପେ ଜିଲା ସମେତ ରାଜ୍ୟରେ ସୁପରିଚିତ ଥିଲେ। କୃଷ୍ଣଲୀଳାର ପ୍ରଚାରପ୍ରସାରରେ ଗୋପୀନାଥଙ୍କ ଅନବଦ୍ୟ ଭୂମିକା ପାଇଁ ସେ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଥିଲେ।

କିଛି ଦିନ ହେଲା ଏହି ଶତାୟୁ ପୁରୁଷ ଗୋପୀନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହୋଇ ସେ ନିକଟରେ ଘରକୁ ଫେରିଥିଲେ। ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ଏହି ସମୟରେ ତାଙ୍କୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଜେଡି ନେତା ଦେବାନନ୍ଦ ମହାପାତ୍ର, ସରପଞ୍ଚ କୁନି ସ୍ୱାଇଁ, ବୁଢ଼ା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଭାଜପା ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବିଡିଓ ତୃପ୍ତିମୟୀ ଜେନାଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଏନ୍‌ଆଇଇଏଲ୍‌ଆଇଟି

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩ା୧୦ (ରବିନାରାୟଣ ଜେନା)

ବାଲେଶ୍ୱରରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି) କେନ୍ଦ୍ର ସ୍ଥାପନା ଘୋଷଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ଅନୁଭବ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ(ଏକ୍ସ)ରେ କହିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ନୂତନ ପଥ ଉନ୍ମୋଚନ ହେବ। ଏହି କେନ୍ଦ୍ରରୁ ସମଗ୍ର ଓଡ଼ିଶାର ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଲାଭାନ୍ୱିତ ହେବେ। ଏହି ଏନ୍‌ଆଇଇଏଲ୍‌ଆଇଟି ହେବା ଦ୍ୱାରା ଯୁବପିଢ଼ିମାନେ ପ୍ରଯୁକ୍ତିବିଦ୍ୟାରେ ପାରଦର୍ଶିତା ହାସଲ କରିପାରିବେ ଏବଂ ରାଜ୍ୟର ବୃଦ୍ଧିଶୀଳ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିପାରିବେ। ଯୁବବର୍ଗ ପାଇଁ ଡିଜିଟାଲ୍ ଭାବେ ସଶକ୍ତ ଭବିଷ୍ୟତ ଗଢ଼ିବାରେ ଓଡ଼ିଶା ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସହଭାଗୀ ହେବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବାକୁ ଗୁରୁତ୍ୱ

## ଆଜି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'



ପ୍ରତିବର୍ଷ ଅକ୍ଟୋବର ୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'। ପ୍ରାଣୀଙ୍କର କଲ୍ୟାଣ, ସେମାନଙ୍କୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ପ୍ରାଣୀଙ୍କ ପ୍ରତି କ୍ରୁରତାକୁ ରୋକିବା, ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଗୁରୁତ୍ୱ ଦିଆଯାଉଛି। ପ୍ରାଣୀଙ୍କ ସଂରକ୍ଷଣ ନେଇ କାର୍ଯ୍ୟ କରୁଥିବା ହେନେରିକ୍ ଜିମରମେନ୍ ୧୯୨୫ରେ ଜର୍ମାନୀରେ ପ୍ରଥମେ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରିଥିଲେ। ଏହାପରେ ୧୯୩୧ରେ ଇଟାଲୀର ଫ୍ଲୋରେନ୍ସଠାରେ ହୋଇଥିବା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ଏହାକୁ ବିଶ୍ୱସ୍ତରରେ ପାଳନ କରାଯାଇଥିଲା। ତେବେ ପ୍ରାଣୀ ଏବଂ ପ୍ରକୃତିର ସଂରକ୍ଷକ ସେଣ୍ଟ୍ ଫ୍ରାନ୍ସିସ୍ ଅଫ୍ ଅସିସିଙ୍କ ଜନ୍ମ ଦିବସ ଅର୍ଥାତ୍ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଉକ୍ତ ଦିନକୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରାଯାଉଛି।

**– ବନ୍ଦନା ସେଠୀ,** ଭୁବନେଶ୍ୱର

# ୯ରୁ ମାସେବ୍ୟାପୀ ବିଜେଡି ପାଳିବ ଜନସମ୍ପର୍କ ପଦଯାତ୍ରା



ଜନତା ମଇଦାନ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନେତୃବୃନ୍ଦ ଜନସମ୍ପର୍କ ଅଭିଯାନ ଲାଗି ସଂକଳ୍ପ ନେଉଛନ୍ତି।

## ଜନସମ୍ପର୍କ ଅଭିଯାନର ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୩ା୧୦(ସୁନିତ୍ ମିଶ୍ର)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଛନ୍ତି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘର ଘର ବୁଲି ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନର ଭାଜପା ଶାସନର ବିଫଳତା ନେଇ ବିଜେଡି ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି। ଏହା ନଭେମ୍ବର ୯ ପର୍ଯ୍ୟନ୍ତ ମାସେବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବାର୍ତ୍ତା ଦେଇ ନବୀନ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଅହିଂସାକୁ ଭାରତର ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୩ା୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ୧୦୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧ କୋଟି ୬ ଲକ୍ଷ ୩୦ ହଜାର ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ମଧ୍ୟ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯାଇଥିବାବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ଯୋଗାଇଦିଆଯିବ ବୋଲି ବିଜାପୁର ପୋଲିସ ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି।

# ଲାଖ ବିନ୍ଧିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ

ପାଟଣାଗଡ଼,୩ା୧୦(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିସ୍ଥିତ ରାଜଖମାରଠାରେ ଗୁରୁବାର ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିଜୟା ଦଶମୀରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମକୁ ବଜାୟ ରଖିଛନ୍ତି ପାଟଣା ମହାରାଜା ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ପୂର୍ବରୁ ଧନୁ ତୀରରେ ଲାଖ ବିନ୍ଧିବା ପରମ୍ପରା ଥିବା ବେଳେ ଏବେ ବନ୍ଧୁକରେ ଲକ୍ଷ୍ୟ ଭେଦ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ରାଜଖମାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ସମସ୍ତେ ମିଳିମିଶି କାମ କରିବା ସହ ଦୁର୍ନୀତିକୁ ବିରୋଧ କରିବା ପାଇଁ ଆହ୍ୱାନ କରିଥିଲେ।



ପାଟଣାଗଡଠାରେ ଲାଖ ବିନ୍ଧା କାର୍ଯ୍ୟକ୍ରମ ଅବସରରେ ଉପ ମୁଖ୍ୟମନ୍ତ୍ରୀ।

# ମୋଟୁରୁ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା

କାଲିମେଳା,୩ା୧୦(ଜୀବନ କୃଷ୍ଣ ଦାସ)



ମୁଗି ପଏଣ୍ଟରେ ଆୟୋଜିତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଦଳୀୟ ନେତୃବୃନ୍ଦ।

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅଧୀନ ମୋଟୁ ସୀମାନ୍ତ ମୁଗି ପଏଣ୍ଟରୁ କଂଗ୍ରେସ ପକ୍ଷରୁ ଗୁରୁବାର ଗାନ୍ଧୀ ଜୟନ୍ତୀରୁ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହୋଇଛି। ଏଥିଲାଗି ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ(ପିସିସି) ସଭାପତି ଭକ୍ତ ଚରଣ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଅମିତ ହୁସେନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ମିଡିଆ ସେଲ୍ ସଭାପତି ଅରବିନ୍ଦ ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା ସଭାପତି ଜି.ଶ୍ରୀନିବାସ ରାଓ, ବିଧାୟକ ପ୍ରାର୍ଥୀ ମାଲା ମାଡ଼ି ପ୍ରମୁଖ ଯୋଗଦେଇଥିଲେ। ପିସିସି ସଭାପତି ଭକ୍ତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଥିଲେ ସରକାରୀ ଉଦାସୀନତା ବିରୋଧରେ ଏହି ପଦଯାତ୍ରା ଜନ ଆନ୍ଦୋଳନ ଭାବେ ରାଜ୍ୟବ୍ୟାପୀ ଜାରି ରହିବ। ଏହି ପଦଯାତ୍ରାରେ ୩,୦୦୦ରୁ ଉର୍ଦ୍ଧ୍ୱ ନେତା,କର୍ମୀ ଓ ଜନସାଧାରଣ ସାମିଲ ଥିଲେ।



ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

-ଗ୍ୟାରୁଁହ ସରିଫ୍



# ପଦବୀ ଚାଲିଗଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାଂଶୱାଡ଼ାରେ ପ୍ରଧାନମନ୍ତ୍ରୀଙ୍କ ରାଲିର ସ୍କ୍ରିନ୍ ୧୦ ମିନିଟ୍ ପାଇଁ ଅନ୍ଧକାର ରହିବା ଯୋଗୁ ତାହାର ପରିଣାମ ତତ୍କ୍ଷଣାତ ପ୍ରକାଶ ପାଇଥିଲା। ରାଜସ୍ଥାନର ଇନ୍‌ଫୋଟେକ ସଚିବ ଅର୍ଚ୍ଚନା ସିଂଙ୍କ ପଦବୀ ୧୦ ସେକେଣ୍ଡରେ ଚାଲିଗଲା। ଦେଖିବାକୁ ଗଲେ, ଅନେକ ବର୍ଷ ହେଲା ଏପରିକି ଏବେ ବି ଟିକସଦାତା ଏବଂ ବୃତ୍ତିଧାରୀମାନେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଚାଲୁଥିବା ଆୟକର, ଜିଏସ୍‌ଟି ଏବଂ ଏମ୍‌ସିଏ ପୋର୍ଟାଲ ସହ ସଂଗ୍ରାମ କରିଆସୁଛନ୍ତି, ଯେଉଁଠି ବ୍ୟବହାରିକ କ୍ଷେତ୍ରରେ ତ୍ରୁଟି ହେବା ଏକ ଧାରା ପାଲଟିଯାଇଛି। କୋର୍ଟ ଏହା ଉପରେ ପଦକ୍ଷେପ ନେଇଛନ୍ତି, ବୃତ୍ତିଧାରୀମାନେ ପ୍ରତିବାଦ କରିଛନ୍ତି ଏବଂ ଅନେକ ହଜାର କୋଟି ଟଙ୍କା ଅନାଦାୟ ରହିଆସୁଥିବା ସ୍ଥଳେ ଟିକସଦାତାମାନେ ତାହା ବିଳମ୍ବରେ ଦେଉଛନ୍ତି। ଏଭଳି ବିଫଳ ସ୍ଥିତିରେ କୌଣସି ସଚିବଙ୍କୁ ଚାକିରିରୁ ବିଦା କରାଯାଇନାହିଁ। କିନ୍ତୁ ବିଡ଼ମ୍ବନାର ବିଷୟ ତାହା ହିଁ ବାସ୍ତବରେ ହିଁ ଘଟୁଛି। ଗୋଟିଏ ତ୍ରୁଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ୧୦ ମିନିଟ୍ ଅସୁବିଧା ଯୋଗୁ କ୍ୟାରିୟର ଶେଷ ହୋଇଯାଇଛି। ହେଲେ ବର୍ଷ ବର୍ଷ ଧରି ନାଗରିକଙ୍କୁ ଅସୁବିଧାରେ ପକାଉଥିବା ତ୍ରୁଟିଗୁଡ଼ିକୁ କେବଳ 'ସାମାନ୍ୟ ସମସ୍ୟା' ହୋଇଯାଇଛି। ଏହି ସମୟରେ ମାନ୍ଦା ଟ୍ୟାକ୍ସ ପୋର୍ଟାଲରେ କାମ କରୁଥିବା ସାଧାରଣ ବୃତ୍ତିଧାରୀମାନେ ସମ୍ଭବତଃ ବିଫଳତା ପାଇଁ କାର୍ଯ୍ୟାଳୟରୁ ବିଦା ହେବା ବିଷୟ ଭାବୁଛନ୍ତି। ରାଲି ହେଉଛି ଏକ ରଙ୍ଗମଞ୍ଚ ଏବଂ ଏଠାରେ ଷ୍ଟାରଙ୍କ ଉପରେ ପଡୁଥିବା ଆଲୋକକୁ ତୁମେ ଅସ୍ୱଚ୍ଛ କରିପାରିବ ନାହିଁ। କିନ୍ତୁ ସମ୍ଭବତଃ ପ୍ରତିଦିନ ନାଗରିକମାନେ ଟ୍ୟାକ୍ସ ଫାଇଲ କରୁଥିବା ଷ୍ଟେଜ,ବ୍ୟବସାୟିକ ନିୟମ ଅନୁପାଳନ ଏବଂ ଅର୍ଥବ୍ୟବସ୍ଥାକୁ ଆଗକୁ ବଢ଼ାଉଥିବା ବୃତ୍ତିଧାରୀଙ୍କ କ୍ଷେତ୍ରରେ ଏଭଳି ସମାନ ଆବଶ୍ୟକତା ପ୍ରୟୋଗ କରାଯିବା ଉଚିତ। ଯଦି ଉତ୍ତରଦାୟିତ୍ୱ ମୂଳମନ୍ତ୍ର ହୁଏ , ତେବେ ଏହାକୁ ସମାନ ଭାବେ ଲାଗୁ କରାଯାଉ।

### ପରୀକ୍ଷାର ଧାରା

ୟୁପିଏସ୍‌ସି ପରୀକ୍ଷା ଧୀରେ ଧୀରେ ନିର୍ଣ୍ଣୟକୈନ୍ଦ୍ରିକ ହେବା ପରିବର୍ତ୍ତେ ଏକ ସ୍ମୃତି ପରୀକ୍ଷଣ ପାଲଟିଯାଇଛି। ଏକଦା ଜ୍ଞାନ, ବିଶ୍ଳେଷଣ ଏବଂ କୌଣସି ଘଟଣାରେ ଯୁକ୍ତି କରିବାର ଦକ୍ଷତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏବେ ଶୀଘ୍ର କ୍ଷୁଦ୍ର ଉତ୍ତରର ମାଧ୍ୟମ ହୋଇଯାଇଛି। ଯେଉଁଠି ଯେଉଁ ପ୍ରାର୍ଥୀମାନେ ଯେତେ ଭଲ ଭାବେ ପ୍ରସ୍ତୁତ ହେଉଛନ୍ତି ସେମାନେ ସେତେ ଶୀଘ୍ର ଉତ୍ତର ଦେଇପାରୁଛନ୍ତି। କିନ୍ତୁ ସର୍ଚ୍ଚ ପ୍ରକ୍ରିୟା ଏବଂ ଏଆଇ ସାଧନ ଦ୍ୱାରା ବିଶ୍ୱରେ ତୁରନ୍ତ ତଥ୍ୟ ବାହାରିପାରୁଛି, ତର୍କ ଅପେକ୍ଷା ସ୍ମରଣ ଶକ୍ତିକୁ ମହତ୍ତ୍ୱ ଦେଉଥିଲେ ମଧ୍ୟ ଅଧିକ ତ୍ରୁଟିପୂର୍ଣ୍ଣ ମନେ ହେଉଛି। ଶାସନ କହିଲେ କେବଳ ତାଲିକା କିମ୍ବା ପରିଭାଷାକୁ ମନେରଖିବାର ଧାରାକୁ ବୁଝାଏ ନାହିଁ, ବରଂ ଚାପରେ ନିଷ୍ପତ୍ତି ନେବା, ପ୍ରତିଯୋଗିତା ସ୍ୱାର୍ଥକୁ ଗୁରୁତ୍ୱ ଦେବା ଏବଂ ଦରକାର ପଡ଼ିଲେ ନାହିଁ କହିବାର ନୈତିକ ଶକ୍ତି ପ୍ରଦର୍ଶନ କରିବା ଏହାର କାର୍ଯ୍ୟ। ତଥାପି କୋଚିଂ ସେଣ୍ଟରଗୁଡ଼ିକ ପାଇଁ ପରୀକ୍ଷାର ଢାଞ୍ଚା ସୂତ୍ରବଦ୍ଧ ଉତ୍ତରକୁ ପ୍ରାଥମିକତା ଦେଉଛି , ଫଳରେ ଭିନ୍ନ ଢଙ୍ଗରେ ଚିନ୍ତା କରୁଥିବା ଅଶାୟୀଙ୍କର କ୍ଷତି କରୁଛି। ଅନେକ ବର୍ଷ ଧରି କୋଚିଂ ସେଣ୍ଟରଗୁଡ଼ିକରେ ସମ୍ବଳର ଅଭାବ ରହିଛି। ଏହା ସାମାଜିକ ଭାବେ ବିଚାରର ପରିସରକୁ ସଙ୍କୁଚିତ କରୁଛି । ଏଣୁ ବୌଦ୍ଧିକ ଭାବେ ଏବେ ଦେଶରେ ବ୍ୟାପକ ଦୃଷ୍ଟିକୋଣ ଆବଶ୍ୟକ କରେ। ଭାରତ ଡିଜିଟାଲ ନୂତନତ୍ୱ ଏବଂ ବୈଶ୍ୱିକ ନେତୃତ୍ୱର ହବ୍ ବା କେନ୍ଦ୍ର ହେବାକୁ ଚାହେଁ, କିନ୍ତୁ ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପଥ ଏଯାବତ ପୂର୍ବ ଧାରାରେ ରହିଛି। ଭବିଷ୍ୟତରେ ଜଟିଳ, ଅସ୍ପଷ୍ଟ ତଥା ଉତ୍ତରଦାୟୀ ସ୍ଥିତିରେ ଅଧିକାରୀମାନେ କିଭଳି ନିୟନ୍ତ୍ରଣ କରିବେ ତାହା ପ୍ରକୃତ ପରୀକ୍ଷା ହେବା ଉଚିତ।

### ଉଦାସୀନ ଅଧିକାରୀ

ଅଧିକାରୀମାନେ ବିଜ୍ଞାନ ମନ୍ତ୍ରଣାଳୟକୁ ଆଡ଼ ଆଖିରେ ଦେଖୁଥିବା ବିଷୟକୁ ସର୍ବସାଧାରଣରେ ଜଣେ କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିବା ଘଟଣାରୁ ଜଣାପଡ଼େ ଯେ, ସେଥିରେ କିଛି ସମସ୍ୟା ରହିଛି। ଜିତେନ୍ଦ୍ର ସିଂ ସ୍ପଷ୍ଟ ଭାବେ କହିଛନ୍ତି ଯେ, ୨୮ଟି ରାଜ୍ୟ ମଧ୍ୟରୁ ୨୪ଟିରେ ବିଜ୍ଞାନ ବିଭାଗକୁ ନିଷ୍କ୍ରିୟ ଅଧିକାରୀମାନେ ପରିଚାଳନା କରୁଛନ୍ତି। ଏହା ସୂଚିତ କରୁଛି, ତଥାକଥିତ ନୂତନତ୍ୱ ପରିବେଶରେ ବିଜ୍ଞାନ ଓ ପ୍ରଯୁକ୍ତି ଭାରତୀୟ ଅମଲାତନ୍ତ୍ରକୁ ପ୍ରେରିତ କରିପାରିନାହିଁ। କାହିଁକି ଏହା ଘଟୁଛି ତାହା ବୁଝିବା କଷ୍ଟକର ନୁହେଁ। ମହତ୍ତ୍ୱାକାଂକ୍ଷୀ ଆଇଏଏସ୍ ଅଧିକାରୀମାନଙ୍କ ମତରେ ବିଜ୍ଞାନ ମନ୍ତ୍ରଣାଳୟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଅର୍ଥ ମନ୍ତ୍ରଣାଳୟର ପ୍ରଭାବ ରହୁନାହିଁ। ଏହିସବୁ ମନ୍ତ୍ରଣାଳୟର ନିର୍ଦ୍ଦେଶାତ୍ମକ ଶୀର୍ଷକ ଶକ୍ତି ସମ୍ବନ୍ଧରେ ଅଧିକ ପ୍ରକାଶ କରୁଛି। ହେଲେ ବିଜ୍ଞାନ କ୍ଷେତ୍ରରେ ତାହା ଘଟୁନାହିଁ। ବିଜ୍ଞାନ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଅନୁସନ୍ଧାନ ଓ ବିକାଶକୁ ଆଗକୁ ବଢ଼ାଉଛି ଏବଂ ଭବିଷ୍ୟତରେ କିଛି ବୃହତ କାର୍ଯ୍ୟ ହାସଲ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ସମ୍ପର୍କରେ କମ୍ ଖବର ପ୍ରକାଶ ପାଇବା ସହ କମ୍ ପ୍ରୋତ୍ସାହନ ମିଳୁଛି। ହେଲେ ଭାରତର ପ୍ରଯୁକ୍ତି ଓ ନୂତନତ୍ୱ ବିଶ୍ୱରେ ସବୁଠୁ ଦ୍ରୁତଗତିରେ ବିକାଶ ହେଉଛି। ଆମେ ଷ୍ଟାର୍ଟଅପ, ଏଆଇ ବିକାଶ ଓ ଡିଜିଟାଲ ସେବା କ୍ଷେତ୍ର ପାଇଁ ବୈଶ୍ୱିକ କେନ୍ଦ୍ର ହୋଇଛୁ। ତଥାପି ରାଜ୍ୟ ସ୍ତରରେ ସମ୍ପୃକ୍ତ ଅଧିକାରୀମାନେ ଏହି ବିକାଶ ନେତୃତ୍ୱ ନେବାରେ ଉଦାସୀନତା ପ୍ରକାଶ କରୁଛନ୍ତି। ସିଂଙ୍କ ମତରେ ଏହାକୁ ମାନସିକତାର ଅଭାବ ବୋଲି ଦର୍ଶାଇଛନ୍ତି। ଅମଲାତାନ୍ତ୍ରିକ ଜଡ଼ତା, ବିପଦକୁ ସାମ୍ନା କରିବା ମନୋଭାବର ଅଭାବ ବିଜ୍ଞାନର ପରିବର୍ତ୍ତିତ ଭୂମିକାରେ ବାଧା ଆଣୁଛି। ଏଣୁ ବିଜ୍ଞାନ ବିଭାଗରେ ନିଯୁକ୍ତିକୁ ଦଣ୍ଡ ମନେ କରୁ ନ ଥିବା ଅଧିକାରୀ ଭାରତ ପାଇଁ ଦରକାର।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| | | | 4 | | | 2 | | 6 |
| 1 | 6 | | | | 7 | 3 | | |
| | 7 | | | | | | | 2 |
| | 8 | | 3 | | | | | |
| 2 | | 4 | 6 | 8 | | | | |
| | | 9 | | 2 | 8 | | | 5 |
| 5 | | | | | 6 | | | |
| | 4 | 2 | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 4 | 9 | 6 | 7 | 3 |
| 3 | 6 | 4 | 5 | 7 | 8 | 9 | 2 | 1 |
| 9 | 7 | 2 | 3 | 1 | 6 | 5 | 4 | 8 |
| 8 | 5 | 3 | 6 | 2 | 4 | 7 | 1 | 9 |
| 4 | 9 | 6 | 7 | 8 | 1 | 3 | 5 | 2 |
| 1 | 2 | 7 | 9 | 3 | 5 | 8 | 6 | 4 |
| 7 | 4 | 9 | 1 | 6 | 3 | 2 | 8 | 5 |
| 2 | 8 | 5 | 4 | 9 | 7 | 1 | 3 | 6 |
| 6 | 3 | 1 | 8 | 5 | 2 | 4 | 9 | 7 |

ଗତ ସଂସ୍କରଣର ଉତ୍ତର

# ରାଷ୍ଟ୍ର ସାଧନାର ଶହେ ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃ ପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ। ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର। ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ୍ ଅବସରର ସାକ୍ଷୀ। ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣକରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି। ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହିଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ। ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି। ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଙ୍ଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ିହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି। ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟକୁ ପୂରଣକରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା। ସଂଘ ଶାଖାର ସେହି ପଡ଼ିଆ ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍‌ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ। ସଂଘର ଶାଖାଗୁଡ଼ିକ ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ।

ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି। ଏହିସବୁ ସ୍ତମ୍ଭ ଉପରେ ଛିଡ଼ାହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇନେଉଛନ୍ତି। ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଘ ସଂରକ୍ଷଣ ଦେଇଥିଲା। ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା। ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି। ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା। ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା। କିନ୍ତୁ ସଂଘ ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରି ନ ଥିଲେ। କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଙ୍କଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି, ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି।

ପ୍ରତିଷ୍ଠା ଦିନରୁ ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି। ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ। ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ ସର୍ବାଗ୍ରେ ଠିଆହୋଇଥିଲେ। ଏହା କେବଳ ସାହାଯ୍ୟ ନ ଥିଲା ; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା। ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂରକରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ। ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ।

ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି, ସ୍ୱାଭିମାନ ଜଗାଇଛି। ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମକରି ଆସିଛି, ଯାହା ଦୁର୍ଗମ, ଯେଉଁଠି ପହଞ୍ଚିବା ସବୁଠୁ କଠିନ। ସଂଘ ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି। ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି। ଆଜି ସେବା ଭାରତୀ, ବିଦ୍ୟା ଭାରତୀ, ଏକଲ ବିଦ୍ୟାଳୟ, ବନବାସୀ କଲ୍ୟାଣ ଆଶ୍ରମ, ଆଦିବାସୀ ସମାଜର ସଶକ୍ତୀକରଣ ପାଇଁ ଆଧାର ପାଲଟିଛନ୍ତି।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚନୀଚ ଭାବନା ସୃଷ୍ଟିକରିବା ସହ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି। ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତର କାମ କରିଆସିଛି। ଡକ୍ଟର ସାହେବଙ୍କଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ୍ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି। ପରମପୂଜ୍ୟ ଗୁରୁଜୀ ନିରନ୍ତର 'ନ ହିନ୍ଦୁ ପତିତୋ ଭବେତ୍' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି। ପୂଜ୍ୟ ବାଳା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ। ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା। କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ। ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ।

ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା। ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି। ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫି ମିଶନ ଘୋଷଣା କରିଛି। ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜଭୁତ କରିବାକୁ ହେବ। ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି। ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି। ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଊର୍ଜା ବଢ଼ାଇ ଦେଶକୁ ଅନୁପ୍ରାଣିତ କରିବ। ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା।

# ବିଶ୍ୱ ଜଳବାୟୁ ସମସ୍ୟା



ନିରାକାର ଦାସ

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏକ ଆକଳନରୁ ଜଣାଯାଏ ବିଶ୍ୱସ୍ତରରେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧିଘଟିଛି। ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଚଳିତ ଶତାବ୍ଦୀ ସୁଦ୍ଧା ତାପମାତ୍ର ବୃଦ୍ଧିକୁ ଯଥା ସମ୍ଭବ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ବିଶ୍ୱର ସମସ୍ତ ଦେଶକୁ ଆହ୍ୱାନ ଦିଆଯାଇଛି। ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ପ୍ରାୟ ୧୭ ଶତାଂଶ ଜଙ୍ଗଲ ଲୋପପାଇସାରିଛି। ପ୍ରତି ମିନିଟ୍‌ରେ ପୃଥିବୀର ୨୩ ଲକ୍ଷ ମିଟର ପରିମିତ ଜମିରୁ ଜଙ୍ଗଲ କ୍ଷୟ ହେଉଛି। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ନ ରଖିଲେ ପୃଥିବୀରେ ଉପଲବ୍ଧ ହିମପ୍ରବାହ(ଗ୍ଲେସିଅର)ଗୁଡ଼ିକ ଦ୍ରୁତଗତିରେ ତରଳିବ। ଫଳରେ ଆଇସ୍‌ଲାଣ୍ଡରେ ବିଦ୍ୟମାନ ୩୦୦ ହିମପ୍ରବାହ ଆଗାମୀ ୨୦୦ବର୍ଷ ମଧ୍ୟରେ ତରଳି ମୃତ ପାଲଟିଯିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି। ଗ୍ରୀନ୍‌ଲାଣ୍ଡର ହିମପ୍ରବାହଗୁଡ଼ିକ ମଧ୍ୟ ଭୟାନକ ଭାବେ ତରଳିବାରେ ଲାଗିଛନ୍ତି। ୨୦୧୫ ପରଠାରୁ ଅଣ୍ଟାର୍କଟିକା ମହାଦେଶରେ ଗ୍ରୀନ୍‌ଲାଣ୍ଡ ଆକାରରେ ବରଫ ତରଳି ସାରିଛି ; ଯାହା ଗତ ଦଶନ୍ଧିର ସବୁଠାରୁ ବଡ଼ ପରିବେଶଗତ ପରିବର୍ତ୍ତନ। ଏଥିଯୋଗୁ ଭବିଷ୍ୟତରେ ସମୁଦ୍ରପତ୍ତନ ୧ରୁ ୧.୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏପରି ହେଲେ ପୃଥିବୀର ନଦୀଗୁଡ଼ିକରେ ଭୟଙ୍କର ବନ୍ୟା ଆସିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଅନେକ ସହର ଜଳଗର୍ଭରେ ଲୀନହୋଇଯିବ। ୨୦୫୦ ବେଳକୁ ୧.୫ କୋଟି ଲୋକ 'କ୍ଲାଇମେଟ୍ ରିଫ୍ୟୁଜି' ହେବେ ବୋଲି ଜଳବାୟୁ ବିଶେଷଜ୍ଞମାନେ ମତ ଦେଇଛନ୍ତି। ପୃଥିବୀର ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ପ୍ରାୟ ୧୭ କ୍ୟୁବିକ୍ କିଲୋମିଟର ଖସିବାକୁ ଲାଗିଛି। ବହୁଳ ଭାବେ ବ୍ୟବହୃତ ରେଫ୍ରିଜରେଟର, ଏୟାର କଣ୍ଡିସନର, ଦ୍ରାବକ, ଶିଳ୍ପଗୁଡ଼ିକରୁ ବହିର୍ଗତ ନାଇଟ୍ରୋଜେନ୍ ଯୌଗିକ ବସ୍ତୁ, ଅନିୟନ୍ତ୍ରିତ ରକେଟ୍ କ୍ଷେପଣ, ପରମାଣୁ ପରୀକ୍ଷଣ ଇତ୍ୟାଦି ସହ ଅନ୍ୟାନ୍ୟ କୃତ୍ରିମ ଓ ପ୍ରାକୃତିକ କାରଣ ପାଇଁ ଓଜୋନ୍ ସ୍ତର ପତଳା ହେବାରେ ଲାଗିଛି। ସେଥିପାଇଁ ଉତ୍ତାପସ୍ତର ଆଶାତୀତ ଭାବେ ବୃଦ୍ଧି ଘଟୁଛି। ବର୍ତ୍ତମାନ ଘଟିଯାଇଥିବା ଇରାନ ଓ ଇସ୍ରାଇଲ ଯୁଦ୍ଧର ପ୍ରଥମ ୫ ଦିନରେ ୩୫,୦୦୦ ଟନ୍‌ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗତ ହୋଇଛି ଯାହାକି ବର୍ଷକୁ ୮,୩୦୦ କାର୍ ଚଳାଇବା ଦ୍ୱାରା ନିଃସରଣ ଅଙ୍ଗାରକାମ୍ଳ ସହ ସମାନ। ଏହି ଯୁଦ୍ଧର ପ୍ରାରମ୍ଭରେ ଜେଟ୍ ଫୁଏଲ୍, ରକେଟ୍ ଫାୟାର ଏବଂ କ୍ଷେପଣାସ୍ତ୍ର ପ୍ରୟୋଗରେ ଯେତିକି ଅଙ୍ଗାରକାମ୍ଳ ନିର୍ଗତ ହୋଇଛି, ୨୦ ହଜାର ଟନ୍ କୋଇଲା ଜାଳିଲେ ସେତିକି ନିର୍ଗତ ହେବ। ଏଥିରୁ ଅନୁମାନ କରାଯାଉ ଯୁଦ୍ଧ ବିଭୀଷିକା ଆମ ଜଳବାୟୁକୁ କେତେ ପ୍ରଭାବିତ କରିଥିବ ? ଏହି ସଙ୍କଟ ଦୂରକରିବାକୁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ



ରାଷ୍ଟ୍ରଗୁଡ଼ିକ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏହାର କାରଣ ବ୍ରିଟିଶ ରାଜନୀତିଜ୍ଞ ଡେରେକ୍ ୱାଲ୍‌ଙ୍କ 'ଗ୍ରୀନ୍ ଲେଫ୍‌ଟ୍' ପୁସ୍ତକରେ ଉଲ୍ଲେଖ ଅଛି – 'ପୁଞ୍ଜିବାଦ ଶ୍ରମର ଶୋଷଣ ଓ ପ୍ରକୃତିର ଲୁଣ୍ଠନ ଲବ୍ଧ ଲାଭ ମାଧ୍ୟମରେ ନିଜର ଆୟ ବଢ଼ାଇ ଚାଲେ।' ସେହିପରି ଆମେରିକାନ୍ ଲେଖକ ଜୋଏଲ୍ ଷ୍ଟିଫେନ୍ କେଭେଲ କୁହନ୍ତି, ''ପୁଞ୍ଜିବାଦ ପ୍ରକୃତିର ଶତ୍ରୁ ଓ ପରିବେଶ ଧ୍ୱଂସର ଏକମାତ୍ର କାରଣ ପାଲଟିଛି।''

ଏହିପରି ପରିବେଶର ଦ୍ରୁତ ସ୍ଖଳନ ଓ ଜଳବାୟୁର ଅସନ୍ତୁଳନ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ପରିବେଶବିତ୍ ରଣଧୀର ସିଂ କହିଥିଲେ, ''ପୁଞ୍ଜିବାଦ ପ୍ରକୃତିର ଲାଳନ ପାଳନ କରିବାକୁ ଚାହେଁନା, ଏହା ପ୍ରକୃତିକୁ ସ୍ୱ-ସ୍ୱାର୍ଥରେ ବ୍ୟବହାର କରେ। ବଜାର ଶାସିତ ଅର୍ଥନୀତି ସଦାସର୍ବଦା ପ୍ରକୃତି ଓ ପରିବେଶର ବିରୋଧୀ। ଅଧିକନ୍ତୁ ଏହା ପ୍ରକୃତି ଓ ପରିବେଶ ଧ୍ୱଂସକାରୀ।'' ମାତ୍ରାଧିକ ଶିଳ୍ପନିର୍ମାଣ ପରିବେଶ ଅସନ୍ତୁଳନ ପାଇଁ ଅନ୍ୟ ଏକ ବଡ଼ କାରଣ ପାଲଟିଛି। ଶିଳ୍ପ ପରିଚାଳନା ପାଇଁ ଜଳ, ଜମି ଓ ଜଙ୍ଗଲକୁ ବିନିଯୋଗ ନିଶ୍ଚିତ କରିବେ ଏଥିରେ ସନ୍ଦେହ ନାହିଁ। ଏହିସବୁ ଶିଳ୍ପକ୍ଷେତ୍ରରୁ ନିର୍ଗତ ଧୂଆଁରୁ ଜଳବାୟୁ ତ ଦୂଷିତ ହେବ ହିଁ ହେବ। ଏହି ଶିଳ୍ପଗୁଡ଼ିକ ଲାଭ ପାଇଁ ଆବଶ୍ୟକତାଠାରୁ ଅଧିକ ଜଳ, ଜମି, ଜଙ୍ଗଲର ଉପଯୋଗ କରନ୍ତି, ଧ୍ୱଂସ କରନ୍ତି। ଫଳରେ ଗଛ କଟାଯାଏ, ଖଣିଖାଦାନ ଖୋଳାଯାଏ ଓ ଜଳବାୟୁ ଅଶୁଦ୍ଧ ହୁଏ। ଉତ୍ତାପ ବୃଦ୍ଧିର ଏହା ଏକ ସର୍ବଶ୍ରେଷ୍ଠ କାରଣ ବୋଲି କୁହାଯାଏ। ଆମେରିକାରେ ୧୮୭୩ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଯାହା ବିଶ୍ୱର ୧୦ ବୃହତ୍ ଦେଶ ସହ ସମାନ ଏବଂ ପୃଥିବୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି। ଏଥିରୁ ଅନୁମାନ କରାଯାଏ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଦ୍ୱାରା ଆଧିପତ୍ୟ ଦେଶଗୁଡ଼ିକ ପରିବେଶ ସନ୍ତୁଳନ ପାଇଁ ବିଶ୍ୱ ସମ୍ମିଳନୀର ପ୍ରସ୍ତାବକୁ ଏଡ଼େଇଯାଉଛନ୍ତି।

ସାମ୍ୟବାଦୀ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ଦକ୍ଷ ପରିଚାଳନା କରିଥାନ୍ତି। ଏହି ଦେଶଗୁଡ଼ିକରେ ପରିବେଶ ସୁରକ୍ଷା ନିମନ୍ତେ କେନ୍ଦ୍ରୀୟ ଯୋଜନା, ରାଷ୍ଟ୍ରର ମାଲିକାନା ଓ ଦୂର ଭବିଷ୍ୟତକୁ ଚିନ୍ତାକରି ଯୋଜନା ପ୍ରସ୍ତୁତ କରିଥାନ୍ତି। ଏହା ପୁଞ୍ଜିବାଦୀ ଦେଶଗୁଡ଼ିକରେ ଓଲଟା। କ୍ୟୁବାର ଅର୍ଗାନିକ୍ ଫାର୍ମିଂ ଦ୍ୱାରା ମାଟି ସୁସ୍ଥ ରହିବା ସହ କେମିକାଲ ବ୍ୟବହାର କମ୍ ହୁଏ, ଯାହା ବିଶ୍ୱ ପାଇଁ ଏକ ଉତ୍ତମ ଉଦାହରଣ। ଚାଇନା 'ରିନ୍ୟୁଏବେଲ୍ ଏନର୍ଜି ବିନିଯୋଗ ଓ ବୈଷୟିକ ପ୍ରୟୋଗ' ପାଇଁ ବିଶ୍ୱର ନେତୃତ୍ୱ ନେଇପାରୁଛି। ତେଣୁ ଦୁନିଆକୁ ଜଳବାୟୁ ସଙ୍କଟରୁ ସୁରକ୍ଷିତ ରଖିବାକୁ ହେଲେ ସାମ୍ୟବାଦ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା।

**ଏସ୍‌ବିଟି ଇଣ୍ଡସ୍ ଭ୍ୟାଲ, ରଘୁନାଥପୁର**
**ଭୁବନେଶ୍ୱର , ମୋ: ୯୪୩୭୦୧୩୧୩୯**

## ଏଇ ଭାରତରେ

ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହନ୍ତି ୨୫୦ ପରିବାର। ପ୍ରତିଦିନ ପ୍ରତ୍ୟେକ ପରିବାରରୁ ରୋଷେଇଘର ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷ ବାହାରେ ଏବଂ ତାହାକୁ ସଂଗ୍ରହ କରି ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ। ଗତ ୬ ବର୍ଷ ହେଲା ଏହି କଲୋନିରୁ କୌଣସି ବର୍ଜ୍ୟ ବାହାରେ ଠୁଳ ହୋଇ ରହିବାକୁ ଦେଉନାହାନ୍ତି ରୁବି। ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି। ପ୍ରତିଦିନ ୨୫୦ କେଜି ରୋଷଘର ବର୍ଜ୍ୟକୁ ଖତ କରାଯାଉଛି। ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଯାଉଛି। ଏହାବ୍ୟତୀତ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ଏବେ ସୁଦ୍ଧା ଡ. ରୁବି ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି ଏବଂ ଏହାକୁ ନେଇ ସେ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଛନ୍ତି। ପ୍ରାରମ୍ଭରେ ଡ. ରୁବି କଲୋନିର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ବର୍ଜ୍ୟ ପରିଚାଳନା ସମ୍ପର୍କରେ ଅବଗତ କରିବା ପରେ ସେମାନଙ୍କଠାରୁ ତାଙ୍କ ଏନ୍‌ଜିଓ ମାଧ୍ୟମରେ ବର୍ଜ୍ୟ ସଂଗ୍ରହ କରିବା ଆରମ୍ଭ କରିଥିଲେ। ତେବେ ୬ ବର୍ଷ ଭିତରେ ସେ କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବାକୁ ସକ୍ଷମ ହୋଇପାରିଛନ୍ତି।

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସଂସ୍କାର ଜରୁରୀ

ମହାଶୟ,

ଏବେ ମେଡିକାଲ କଲେଜ ପ୍ରଶାସନିକ ସ୍ତରରେ ସଂସ୍କାର ଜରୁରୀ ହୋଇପଡ଼ିଛି। ମାତ୍ର ରାଜ୍ୟ ସରକାର ଏଭଳି ସଂସ୍କାର କିମ୍ବା ପଦ୍ଧତି ପ୍ରଚଳନ କରିବାକୁ ଆଗଭର ହେଉନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବିଷୟବସ୍ତୁ ଓ ଆଭିମୁଖ୍ୟ ରାଜ୍ୟର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଓଡ଼ିଶା ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ୧୪୬୦/୨୦୧୩ ଅନୁସାରେ ଏକକ ପ୍ରଫେସର ଅବସ୍ଥାପିତ ଥିବା ବିଭାଗର ବିଭାଗୀୟ ମୁଖ୍ୟ ଭାବେ ସମାନ କାର୍ଯ୍ୟ ତୁଲାଇପାରିବେ ଏବଂ ଏକାଧିକ ପ୍ରଫେସର ଥିଲେ ପ୍ରତି ୨ ବର୍ଷରେ ଥରେ ରୋଟେଶନ କ୍ରମରେ ବିଭାଗୀୟ ମୁଖ୍ୟ ଅବସ୍ଥାପିତ ହେବେ। ପୁନଶ୍ଚ ପ୍ରଶାସନିକ ସଂସ୍କାରର ପୁନଃ ସରଳୀକରଣକରି ରିଜୋଲୁସନ ନଂ.୮୯୬୭/୨୦୨୨ ଜରିଆରେ ନିର୍ଦ୍ଦେଶ ଦିଆଗଲା ଯେ ଏକକ ପ୍ରଫେସର ଥିବାସ୍ଥଳେ ଉଭୟ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପ୍ରତି ୨ ବର୍ଷରେ ଥରେ ରୋଟେସନ କ୍ରମରେ ବିଭାଗୀୟ ମୁଖ୍ୟ ଦାୟିତ୍ୱରେ ରହିପାରିବେ। ମାତ୍ର ଜୁଲାଇ ୧୬ରେ ପ୍ରକାଶିତ ବିଜ୍ଞପ୍ତି ୨୦୨୨ ମସିହା ବିଜ୍ଞପ୍ତିର ସମସ୍ତ ଆଦର୍ଶ ଓ ନିଷ୍ପତ୍ତିକୁ ରଦ୍ଦ କରିବା ପରି ପ୍ରତୀୟମାନ ହେଉଛି। ବାସ୍ତବରେ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ତଥା ମେଡିକାଲ କର୍ତ୍ତୃପକ୍ଷ ୨୦୨୨ର ରୋଟେସନ ବିଷୟକ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି।

**-ଡା. ଶର୍ମିଷ୍ଠା ବେହେରା, ବରଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଟିପତି ଲୋଭରେ ୫୨ ଲକ୍ଷ ହରାଇଲେ

■କାଠ ବ୍ୟବସାୟ, ହର୍ସ ରେସ୍‌ରେ ପାର୍ଟନର କରିଦେବାକୁ କହି ଠକେଇ
■୫ ସାଇବର ଠକଙ୍କୁ ଗିରଫ କଲା ଅନୁଗୋଳ ପୋଲିସ


ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

କାଠ ବ୍ୟବସାୟ ଓ ହର୍ସ ରେସ୍‌ର ପାର୍ଟନର କରି ରାତାରାତି କୋଟିପତି ଟଙ୍କା ଲାଭ ଦେବାର ଲୋଭ ଦେଖାଇ ଅନୁଗୋଳର ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୫ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସୋର ଅଞ୍ଚଳର ଦିଲ୍ଲୀପ କୁମାର ଲେଙ୍କା, ବିଜୟ କୁମାର ଜେନା, ଚିତରଞ୍ଜନ ମୁଦୁଲି, ଭଦ୍ରକର କୃପାସିନ୍ଧୁ ମହାରଣା ଏବଂ ଦାର୍ଜିଲିଂର ମହମ୍ମଦ ନିଶାର ଆଲମ।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ଜୁଲାଇରେ ଅନୁଗୋଳ ଗାନ୍ଧୀ ମାର୍ଗର ଜଣେ ବ୍ୟକ୍ତିଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। କଲ୍ କରିଥିବା ମହିଳା ଜଣକ ସେ ଗୁଜରାଟ ବରୋଦା ଅଞ୍ଚଳର ଶିକ୍ଷା ଅଗ୍ରୱାଲ ବୋଲି ପରିଚୟ ଦେବା ସହ କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ଟଙ୍କା ଲଗାଇ ପାର୍ଟନର ହେବାକୁ ଅଫର ଦେଇଥିଲେ। ଏହି ବ୍ୟବସାୟରେ ଟଙ୍କା ଲଗାଇଲେ ବହୁ କୋଟି ଟଙ୍କା ଲାଭ ପାଇବେ ବୋଲି ପ୍ରଲୋଭନ ଦେଖାଇଥିଲେ। ଲୋଭରେ ପଡ଼ି ଅଭିଯୋଗକାରୀ ସମ୍ପୃକ୍ତ ଠକ ମହିଳା ପଠାଇଥିବା ଲିଙ୍କ୍ ଜରିଆରେ ପ୍ରଥମ ଦଫାରେ ୫ଟି କିସ୍ତିରେ ୩୦ ଲକ୍ଷ ୮୦ ହଜାର ଓ ଦ୍ୱିତୀୟ ଦଫାରେ ୨୧ ଲକ୍ଷ ୪୬ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଏତେ ଟଙ୍କା ନେବା ପରେ ମଧ୍ୟ ଠକମାନେ ଆୟକର ବାବଦରେ ୨୯ ଲକ୍ଷ ୫୨ ହଜାର ୩୩୬ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ଅଭିଯୋଗକାରୀ ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣିପାରି ଅଗଷ୍ଟ ୨୯ରେ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସଙ୍କ ନେତୃତ୍ୱରେ ଏସ୍‌ଆଇ କାଳେଶ୍ୱର ସେଠୀ, ସବ୍‌ଇନ୍‌ସପେକ୍ଟର ସୌରଭ ସାମଲ, ଗୋପୀନାଥ ଭାରତୀ ପ୍ରମୁଖ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୨୮ ହଜାର ଟଙ୍କା, ସୁନାଗହଣା, ମୋବାଇଲ,ଏକାଧିକ ପାସବୁକ୍ ଜବତ କରାଯାଇଛି।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ସ୍ୱାମୀ ଅଟକ

ତେନ୍ସା,୩।୧୦(ସମର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଲା ଗ୍ରାମରେ ଗୁରୁବାର ରାତିରେ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ହେଲେ ମିତା ନାଏକ(୨୯)। ଖବର ଲେଖାହେବା ଯାଏ ମୃତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି। ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ମିତା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସେ ଉତ୍ତେଜିତ ହୋଇ ମିତାଙ୍କୁ ଏକ ଠେଙ୍ଗାରେ ପିଟିବାରୁ ସେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କୋଇଡା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଇଡା ପୋଲିସ ଶୁକ୍ରବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ରାଉରକେଲା ସାଇଣ୍ଟିଫିକ୍ ଟିମ୍ ଆସିଲେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କେନ୍ଦୁଝର/ଡେଙ୍କିକୋଟ, ୩।୧୦(ରମେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ ବିଟ୍ ହାଉସ ଅନ୍ତର୍ଗତ ନେଟିମିପୁର ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଘର ବାରଣ୍ଡାରେ ଶୋଇଥିବା ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଭଦୁ ମହାକୁଡ଼। ପୋଲିସ ମୃତଦେହ ଜବତ ସହ ଗ୍ରାମର ଗମ୍ଭା ମହାକୁଡ଼ଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଭଦୁଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଝିଅର ବାହାଘର ସରିଛି। ପୁଅ ଅନ୍ୟ ରାଜ୍ୟରେ ଚାକିରି କରୁଥିବାରୁ ସେ ଘରେ ଏକୁଟିଆ ରହୁଥିଲେ। ଗୁରୁବାର ରାତିରେ ନିଜ ଘର ବାରଣ୍ଡାରେ ଶୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗମ୍ଭାଙ୍କ ସ୍ତ୍ରୀ ଓ ଭଦୁଙ୍କ ମଧ୍ୟରେ ସମ୍ପର୍କ ଥିଲା। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରାଗରେ ହତ୍ୟା କରିଥିବା ଗମ୍ଭା ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ ସହ ଟାଙ୍ଗିଆ ଜବତ କରିଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୪୩୭/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟ ମହାପାତ୍ର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

କର୍ମଚାରୀ ଆବଶ୍ୟକ
କଟକ ଓ ଭୁବନେଶ୍ୱରରେ (Well & Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/ Site Incharge ଏବଂ ଭୁବନେଶ୍ୱର ପଟିଆ ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ।
Ph: 9937499625

WANTED

| Post | No. of Posts |
|---|---|
| **Engineer (Instrument)** ( B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| **Instrument Technician** (ITI/ Diploma with 10 years experience) | 15 Nos. |
| **AO / MIS / VSAP** (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
Location : SSL (VAL, LANJIGARH), Mobile : 9937718861
Email: soumyakant.mishra@sslegacy.co.in
Salary is not constraint for suitable candidates

# ଭୁଜାଲିମାଡ଼ରେ ସାନ ମୃତ, ବଡ଼ ଗୁରୁତର

## ଆମ୍ବୁଲାନ୍ସ ଭଡ଼ାକୁ ନେଇ ୨ ଭାଇଙ୍କୁ ଆକ୍ରମଣ


ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

ଅସୁସ୍ଥ କୁକୁରକୁ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେବା ବାବଦ ଭଡ଼ା ଅର୍ଥକୁ କେନ୍ଦ୍ରକରି ଅନୁଗୋଳ ଟାଉନଥାନା ହରିମହୁରି ଛକ ନିକଟରେ ଗତ ବୁଧବାର ରାତିରେ ଘଟିଛି ହତ୍ୟାକାଣ୍ଡ। ଅସୁସ୍ଥ କୁକୁର ମାଲିକ ସୌଭାଗ୍ୟନଗରର ରାହୁଲଙ୍କ ଭୁଜାଲି ମାଡ଼ରେ ଆମ୍ବୁଲାନ୍ସ ମାଲିକ ହରିମହୁରି ଛକର ସୌରଭ ବସାକ ଗୁରୁତର ହୋଇଥିବା ବେଳେ ତାଙ୍କ ସାନଭାଇ ସୌଭାଗ୍ୟ ବସାକଙ୍କ ମୃତ୍ୟୁ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ଅଭିଯୁକ୍ତ ରାହୁଲ ମଧ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ସହରରେ ପତିଆରା ଦେଖାଇବା ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଆଲୋଚନା ହେଉଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୌଭାଗ୍ୟନଗରର ରାହୁଲଙ୍କ ପୋଷା କୁକୁର ଅସୁସ୍ଥ ଥିବାରୁ ସେ ସୌରଭଙ୍କ ଆମ୍ବୁଲାନ୍ସରେ ତାକୁ ଭୁବନେଶ୍ୱର ନେଉଥିଲେ। ହେଲେ ଢେଙ୍କାନାଳ ପାଖରେ ଆମ୍ବୁଲାନ୍ସ ଅଚଳ ହୋଇପଡ଼ିଥିଲା। ଫଳରେ ରାହୁଲ ଅନ୍ୟ ଏକ ଆମ୍ବୁଲାନ୍ସରେ କୁକୁରକୁ ଭୁବନେଶ୍ୱର ନେଉଥିଲେ। ଭୁବନେଶ୍ୱରରେ ପହଞ୍ଚିଥିବା ଆମ୍ବୁଲାନ୍ସ ଚାଳକଙ୍କୁ ରାହୁଲ ଭଡ଼ା ବାବଦ ଅର୍ଥ ଅଚଳ ଆମ୍ବୁଲାନ୍ସ ମାଲିକ ସୌରଭଙ୍କଠାରୁ ନେବାକୁ କହିଥିଲେ। କିନ୍ତୁ ସୌରଭ ଭଡ଼ା ବାବଦ ନିର୍ଦ୍ଧାରିତ ଅର୍ଥ ଦେଇ ନ ଥିବା ଆମ୍ବୁଲାନ୍ସ ଚାଳକ କହିବା ପରେ ଏଥିରେ ଉତ୍ତେଜିତ ହୋଇ ରାହୁଲ ସହଯୋଗୀଙ୍କ ସହ ହରିମହୁରୀ ଛକସ୍ଥିତ ସୌରଭଙ୍କ ବାସଭବନରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୌରଭଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ସୌଭାଗ୍ୟ ଆସିବାରୁ ଅଭିଯୁକ୍ତମାନେ ୨ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସାନଭାଇ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଅନୁଗୋଳ ଟଉନଥାନା ଆଇଆଇସି ଧୀରେଶ ଦାସ କହିଛନ୍ତି, ସିସିଟିଭି ଫୁଟେଜରେ ଗଣ୍ଡଗୋଳର ଦୃଶ୍ୟ ସ୍ପଷ୍ଟ ରହିଛି। ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରାଯାଇଛି। ସେ ଆହତ ହୋଇଥିବାରୁ ମେଡିକାଲରେ ଚିକିତ୍ସା କରାଯାଉଛି। ସହଯୋଗୀ ୨ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି।

# ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ଲାଞ୍ଜିଗଡ଼, ୩।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଫୁଲସିଂ ମାଝି (୪୯)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବୁଟ୍ରୀ ମାଝୀ। ସୂଚନାନୁସାରେ ଫୁଲସିଂ ସ୍ତ୍ରୀ ବୁଟ୍ରୀ ଓ ଆଉ ପରିବାର ସଦସ୍ୟ ସହିତ ସର୍ଗିଗୁଡାରେ ରହୁଥିଲେ। ତାଙ୍କର ୫ ଝିଅ ଓ ୨ ପୁଅ ଥିବାବେଳେ ୪ଝିଅ ବିବାହ କରିସାରିଛନ୍ତି। ସୋମବାର ରାତିରେ କୌଣସି କାରଣରୁ ଫୁଲସିଂ ନିଜ ସ୍ତ୍ରୀ ବୁଟ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ।


ଗିରଫ ଫୁଲସିଂ ମାଝି

ମଙ୍ଗଳବାର ସକାଳେ ବୁଟ୍ରୀଙ୍କ ଭାଇ ଏନେଇ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଲାଞ୍ଜିଗଡ଼ରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ପୋଲିସ ଫୁଲସିଂଙ୍କୁ ଗିରଫ କରିଥିବାବେଳେ ସେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୮/୨୫) ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ଡାଟା-ଲବି-ଟିଏଲ୍‌ସି-୧୦, ତାରିଖ: ୩୦।୦୯।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍–I: ବୈଷୟିକ ବିଡ୍ ଏବଂ ପ୍ୟାକେଟ୍–II: ଆର୍ଥିକ ବିଡ୍) ଆହ୍ୱାନ କରାଯାଉଛି । ଟେଣ୍ଡର ବାବଦରେ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୭୩୦ ଦିନ ପାଇଁ ସମସ୍ତ ଲବି ଯଥା ଜରୋଲି, ଡାଙ୍ଗୋଆପୋଷି, ଟାଟାନଗର, ଆଦିତ୍ୟପୁର, ସିନି, ଚକ୍ରଧରପୁର, ବଣ୍ଡମୁଣ୍ଡା, ରାଉରକେଲା ଓ ଝାରସୁଗୁଡ଼ା ଏବଂ ଟିଏଲ୍‌ସି/ଚକ୍ରଧରପୁରଠାରେ ଲୋକୋ ଏବଂ କ୍ରିଉ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଦର୍ଶନର ତଦାରଖ ପାଇଁ ବିଭିନ୍ନ ଗୁଗଲ୍ ଶିଟ୍, ଏଫ୍‌ଓଆଇଏସ୍, ଏସ୍‌ଏଲ୍‌ଏଏମ୍, ଆଇସିଏମ୍‌ଏସ୍, ସିଓଏ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଅସ୍ୱାଭାବିକତା ଭଳି ଟ୍ରେନ୍ ପରିଚାଳନା ସମ୍ବନ୍ଧୀୟ ଡାଟା ଏଣ୍ଟ୍ରି ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୧୮,୯୯,୪୦୮.୮୦ । **ଇ.ଏମ୍.ଡି.:** ₹୨,୦୯,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ୫,୦୦୦/– । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-687)

**Tender Notice**
**BAIF Institute for Sustainable Livelihoods and Development**
Invites sealed quotations from reputed vendors for "Power Tiller, Power reaper & Paddy Thresher" procurement for Kujang block, Jagatsinghpur district, Odisha. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra
PO. Dhanupali, Sambalpur, Odisha–768005
Telephone: +91-7894418530

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-32, ତା.25.09.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 07 ଗୋଟି ସେକ୍ସନରେ ଅତ୍ୟଧିକ ପୁରୁଣା କ୍ୱାଡ୍ କେବୁଲ ଏବଂ OFC ର ସ୍ଥାନାନ୍ତରଣ। ସେକ୍ସନ ସମୂହ : ଅତାବିରା-ଦେବାହାଲ, ଦେବାହାଲ-ବରଗଡ଼ ରୋଡ୍, ଲୋଇସିଂହା-ବଲାଙ୍ଗୀର, ଦେଓଗାଁ ରୋଡ୍-ସଇଁତଲା, ସଇଁତଲା-ବଡ଼ମାଲ, ବଡ଼ମାଲ-ସିକିର ଏବଂ ମହାସମୁନ୍ଦ-ବେଲସୋଣ୍ଡା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 4,89,97,349/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,95,000/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-649/Q/25-26

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା, ୱାର୍ଡ ସଭ୍ୟ ଅପହରଣ

## ଗ୍ରାମାଞ୍ଚଳରେ ରାଜନୀତି ସରଗରମ

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)



ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ ଅଭିଯୋଗ ନେଇ ଥାନାରେ ଦ୍ୱାରସ୍ଥ ତାଙ୍କ ସ୍ତ୍ରୀ ଏବଂ ସମର୍ଥକ।

ପଞ୍ଚାୟତ ନିର୍ବାଚନକୁ ପ୍ରାୟ ଦେଢ଼ବର୍ଷ ବାକି ରହିଥିବାବେଳେ ଯାଜପୁର ଜିଲାରେ ସରପଞ୍ଚମାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ରାଜନୀତି ଜୋର ଧରିଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ରଣପୁର ଏବଂ ଦଶରଥପୁର ବ୍ଲକ ବିରୁହାଁ ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇସାରିଛି। ସେଥିମଧ୍ୟରୁ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏହିସବୁ ଅନାସ୍ଥା ନାଟକରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି।

ବିଞ୍ଝାରପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ୱାର୍ଡ ସଭ୍ୟ ଧନେଶ୍ୱର ଉପଜିଲାପାଳଙ୍କ ନିକଟରେ ରଣପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ଏଥିପାଇଁ ଉପଜିଲାପାଳ ଆସନ୍ତା ୮।୧୦।୨୦୨୫ରେ ଅନାସ୍ଥା ଭୋଟ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହାପରେ ଗ୍ରାମାଞ୍ଚଳ ନେତାଙ୍କ ମଧ୍ୟରେ ଘୋଡ଼ା ବେପାର ଆରମ୍ଭ ହୋଇଛି। ପୁଷ୍ପଲତାଙ୍କ ଅଭିଯୋଗ ଅନୁସାରେ ରଣପୁର ଗ୍ରାମର ଧନେଶ୍ୱର ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ବିଞ୍ଝାରପୁର ହାଟକୁ ସଉଦା କରିବାକୁ ଯାଇଥିଲେ। ସେ ହାଟରୁ ସଉଦା ସାରି ଫେରୁଥିବାବେଳେ ସରପଞ୍ଚଙ୍କ ସମର୍ଥକମାନେ ତାଙ୍କୁ ଜୋରଜବରଦସ୍ତ ସ୍କୁଟିରେ ବସାଇ ନେଇଯାଇଥିଲେ। ଏହି ସମୟରେ ଧନେଶ୍ୱରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହାପରେ ପାଟିରେ କପଡା ପୂରାଇ କାରରେ ବସାଇ କୁଆଡେ ଅପହରଣ କରିନେଇଛନ୍ତି। ରଣପୁର ଗ୍ରାମର କେତେଜଣ ଲୋକ ଏହା ଦେଖି ପୁଷ୍ପଲତାଙ୍କୁ ଖବର ଦେଇଥିଲେ। ତେଣୁ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ଥାନାରେ ଏନେଇ କେସ୍ ନଂ. ୪୫୬/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ଜିଲାର ଦଶରଥପୁର ବ୍ଲକ ବିରୁହାଁ ପଞ୍ଚାୟତ ସରପଞ୍ଚ ସୁବାସ ଦେବତାଙ୍କ ବିରୋଧରେ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ନେତୃତ୍ୱରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉପଜିଲାପାଳ ଅନାସ୍ଥା ଭୋଟ ପାଇଁ କୌଣସି ତାରିଖ ଧାର୍ଯ୍ୟ କରି ନାହାନ୍ତି। ତଥାପି ସରପଞ୍ଚଙ୍କ ବିରୋଧରେ ୯ ଜଣ ୱାର୍ଡ ସଭ୍ୟ ଅଜ୍ଞାତବାସରେ ଥିବା ଚର୍ଚ୍ଚା ହେଉଛି। ଏହାସହ ଜିଲାର ଆଉ କେତେକ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଯୋଜନା ଚାଲିଛି ବୋଲି ସୂଚନା ମିଳିଛି।

ଗ୍ରାମାଞ୍ଚଳର ବିକାଶରେ ପଞ୍ଚାୟତର ଅଧିକ ଭୂମିକା ରହିଛି। ଏଥିପାଇଁ ୧୯୯୬ରେ ରାଜ୍ୟରେ ପଞ୍ଚାୟତ ଅଧିନିୟମ ପ୍ରବର୍ତ୍ତିତ କରାଯାଇଥିଲା। ଏହାର ୩ ଦଶନ୍ଧି ବିତିଯାଇଥିଲେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ। ଜିଲାର ଗ୍ରାମାଞ୍ଚଳରେ ପାନୀୟ ସମସ୍ୟାକୁ ଅବଲୋକନ କଲେ ଜିଲା ପରିଷଦର କ୍ଷମତା ବହୁ ପରିମାଣରେ ସଙ୍କୁଚିତ ହୋଇଯାଇଥିବା ମନେ ହେଉଛି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ଜିଲା ପରିଷଦର ପ୍ରମୁଖ ଭୂମିକା ରହିଛି ବୋଲି ସଭା ସମିତିରେ କୁହାଯାଉଛି। କିନ୍ତୁ ସେଗୁଡ଼ିକ କେବଳ ପରିଷଦ ବୈଠକର ଆଲୋଚନାରେ ସୀମିତ ରହୁଛି। ଏ ଦିଗରେ ରାଜ୍ୟ ସରକାର କିମ୍ବା ନିର୍ବାଚନ ଅଧିକାରୀ କେହି କେବେ ସମୀକ୍ଷା କରି ଏହାର ନିରାକରଣ ପନ୍ଥା ବାହାର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

**ବିଜ୍ଞାପନ ସଂଖ୍ୟା ୦୩/୨୦୨୫**
ଭାରତ ସରକାର
ଇସ୍ପାତ ମନ୍ତ୍ରଣାଳୟ
ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ନିର୍ଦ୍ଦେଶକ (ବାଣିଜ୍ୟିକ) ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୨।୧୧।୨୦୨୫ରିଖ ୧୭.୦୦ ଘଟିକା ପର୍ଯ୍ୟନ୍ତ ।
ବିବରଣୀ ପାଇଁ ୱେବ୍‌ସାଇଟ୍ https://steel.gov.in/advertisements ରେ ଲଗ୍‌ଇନ୍ କରନ୍ତୁ ।
cbc 40101/11/0012/2526

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 04.10.2025
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/ 2025-26/ 2500001071 | 5,00,000/- | 5,000 | 08.10.2025; 18:00 Hrs. |
| 2 | Rate Contract for Hiring of Safety Professionals at PAN TPSODL, Odisha | TPSODL/OT/ 2025-26/ 2500001072 | 2,00,000/- | 5,000 | 15.10.2025; 18:00 Hrs |

For detailed tender, please visit Tender Section on TPSODL website https://www.tpsouthernodisha.com

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ବଣ୍ଡମୁଣ୍ଡା–ଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୧୮,୭୯,୯୭୩.୦୬; ₹୨,୦୯,୪୦୦/– । **(୨) ସିକେପି-ୱେଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ରାଉରକେଲାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୩୮,୫୯,୯୯୯.୮୨; ₹୨,୧୯,୩୦୦/– । **(୩) ସିକେପି-ୱେଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ରାଜଗାଙ୍ଗପୁରଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/– । **(୪) ସିକେପି-ୱେଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/– । **(୫) ସିକେପି-ୱେଷ୍ଟ-୨୫-୨୬-୨୭, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ସରଡେଗା ମଧ୍ୟରେ ସିଏଚ୍ ୦ – ସିଏଚ୍ ୫୦ ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୨,୫୯,୬୬,୭୯୯.୮୪; ₹୨,୭୯,୮୦୦/– । **(୬) ସିକେପି-ୱେଷ୍ଟ-୨୫-୨୬-୨୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା–ପାନପୋଷ ମଧ୍ୟରେ ୱେ' ସାଇଡ୍ ଷ୍ଟେଶନରେ ସର୍ଭିସ୍/ଆବାସିକ ବିଲ୍ଡିଂ ଆଦି ପାଇଁ ଜୋନାଲ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ); ₹୧,୩୮,୦୦,୦୦୦/–; ₹୨,୧୯,୦୦୦/– । **(୭) ସିକେପି-ସେଣ୍ଟ୍ରାଲ-୨୫-୨୬-୩୬, ତାରିଖ: ୨୬।୦୯।୨୦୨୫** । ମଣ୍ଡଳ ଯନ୍ତ୍ରୀ/ମଧ୍ୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚକ୍ରଧରପୁରଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ; ₹୧,୬୯,୨୯,୦୦୦/–; ₹୨,୩୪,୭୦୦/– । **(୮) ସିକେପି-ସେଣ୍ଟ୍ରାଲ-୨୫-୨୬-୩୭, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ 'ଏ' କ୍ୟାବିନ୍ (କିମି ୪୦୭/୧୧)ରୁ ଚାନ୍ଦିପୋଷି (କିମି ୪୩୮/୦) ଏବଂ ଡୁମେର୍ତା (କିମି ୪୧୨/୧୧)ରୁ ଲିଙ୍କ୍ ସି (କିମି ୫୭୯/୫) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୫,୭୩,୦୦୦/–; ₹୨,୪୬,୫୦୦/– । **(୯) ସିକେପି-ସେଣ୍ଟ୍ରାଲ-୨୫-୨୬-୩୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ–II)/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୩,୦୫,୦୦୦/–; ₹୨,୪୬,୫୦୦/– । **(୧୦) ସିକେପି-ସେଣ୍ଟ୍ରାଲ-୨୫-୨୬-୩୯, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ମନୋହରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୨୨,୭୫,୦୦୦/–; ₹୨,୬୧,୪୦୦/– । **(୧୧) ସିକେପି-ସେଣ୍ଟ୍ରାଲ-୨୫-୨୬-୪୦, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ପି.ୱେ/ଡୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ ସେକ୍ସନ ଚାନ୍ଦିପୋଷି (କିମି ଏକ୍ସ–୪୩୮/୦)ରୁ ବରସୁଆଁ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୪୦,୦୦୦/–; ₹୨,୨୯,୨୦୦/– । **(୧୨) ସିକେପି-ସେଣ୍ଟ୍ରାଲ-୨୫-୨୬-୪୧, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବିମଲଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୬୮,୩୦,୦୦୦/–; ₹୨,୩୪,୨୦୦/– । **(୧୩) ସିକେପି-ଇଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୮,୦୯,୮୯୯.୯୯; ₹୨,୪୯,୧୦୦/– । **(୧୪) ସିକେପି-ଇଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଆଦିତ୍ୟପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୩୯,୯୯୯.୯୯; ₹୨,୨୯,୨୦୦/– । **(୧୫) ସିକେପି-ଇଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୪୩,୫୫,୦୦୦/–; ₹୨,୨୧,୮୦୦/– । **(୧୬) ସିକେପି-ଇଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାହାଲଦା ରୋଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅଁଳାଜୋରି, ଅଁଳାଜୋରି–ଗୋରୁମହିଷାଣି ଏବଂ ଅଁଳାଜୋରି–ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୮,୭୦,୦୦୦/–; ₹୨,୧୪,୪୦୦/– । **(୧୭) ସିକେପି-ସାଉଥ୍-୨୫-୨୬-୧୨, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚାଇବାସାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୬୮,୬୦୦/–; ₹୨,୮୮,୯୦୦/– । **(୧୮) ସିକେପି-ସାଉଥ୍-୨୫-୨୬-୧୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୧୯,୮୩,୩୦୦/–; ₹୩,୦୯,୯୦୦/– । **(୧୯) ସିକେପି-ସାଉଥ୍-୨୫-୨୬-୧୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାଂଶପାଣିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୫୯,୨୮,୦୦୦/–; ₹୩,୨୯,୬୦୦/– । **(୨୦) ସିକେପି-ସାଉଥ୍-୨୫-୨୬-୧୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ ଜାମଦାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୮୪,୮୦୦/–; ₹୨,୮୮,୯୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-678)

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଲୁଗା ବ୍ୟବସାୟୀ ମୃତ

ଖୋର୍ଦ୍ଧା/ବୋଲଗଡ଼,୩।୧୦ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଲି ଦେଉଳି ପୂର୍ବ ରାସ୍ତାର ସାନପଦର ରେଲୱେ ବ୍ରିଜ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଲୁଗା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନପଦର ଗ୍ରାମର ବସନ୍ତ ନାୟକ। ପୂଜା ସାମଗ୍ରୀ କିଣି ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ନିକଟରେ ଥିବା ଜମିରେ ପଡିଯାଇଥିଲେ। ଦୀର୍ଘ ସମୟ ପଡି ରହିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

### ଶିକାରୀ ଗିରଫ, ବନ୍ଧୁକ ଜବତ

ଟାଙ୍ଗୀ,୩।୧୦ (ରଘୁନାଥ ସାହୁ): ଟାଙ୍ଗୀ ଥାନା ପୋଲିସ ତରାପି ଜଙ୍ଗଲରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ କୋଲିଆ ଗ୍ରାମର ମହେନ୍ଦ୍ର କୁମାର ଅରିସଲ। ତାଙ୍କ ନିକଟରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ କରାଯାଇଛି। ସୂଚନା ମୁତାବକ, ତରାପି ଜଙ୍ଗଲରେ ବହୁ ସଂଖ୍ୟାରେ ବାରହା, କୁଟୁରା ଅଛନ୍ତି। କେତେଜଣ ଯୁବକ ଶିକାର ପାଇଁ ଉକ୍ତ ଜଙ୍ଗଲକୁ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସକୁ ଦେଖି କେତେଜଣ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ମହେନ୍ଦ୍ର ଧରାପଡ଼ିଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

ଟାଙ୍ଗୀ,୩।୧୦ (ରଘୁନାଥ ସାହୁ): ଟାଙ୍ଗୀ ଅବକାରୀ ଥାନା ପୋଲିସ କୁହୁଡି ବଜାର ରାସ୍ତାରେ ଚଢ଼ାଉ କରି ମଦ ବେପାରୀ ନାରାୟଣ ରାଉତରାୟ ଏବଂ ଟାଙ୍ଗୀ କଲେଜ ଖେଳପଡିଆ ରାସ୍ତାରେ ଚଢ଼ାଉ କରି ବରିଲ ଗ୍ରାମର ବେପାରୀ ଅନିଲ କୁମାର ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋଟ୍ ୩ ଲିଟର ୨୦୦ମିଲି ଦେଶୀମଦ, ୫ ଲିଟର ୫୦୦ମିଲି ବିଦେଶୀ ମଦ ଓ ୮ଲିଟର ବିୟର ଏବଂ ଏକ ସ୍କୁଟି ଜବତ କରାଯାଇଛି। ଏନେଇ ପୃଥକ ଭାବେ ଦୁଇଟି ମାମଲା (ନଂ.୧୨୭, ୧୨୮/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି।

### ଗାନ୍ଧୀ ଜୟନ୍ତୀ ପାଳିତ

ନିରାକାରପୁର,୩।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ସାହିରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଡ.ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ସହିତ ଅନୁଷ୍ଠାନର ସଭ୍ୟ ଆଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ସମାଜିକ କର୍ମୀ ପ୍ରସାଦ ଦାସ, ଖଡ଼ଦାଦା ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ଲକ୍ଷ୍ମଣ ନାୟକ, ଶୁଭମ ପଣ୍ଡା, ପଦିଆ କାଣ୍ଡି, ରବୀନ୍ଦ୍ର କାଣ୍ଡି, ପବିତ୍ର କାଣ୍ଡି, ନାଗେଶ୍ୱରୀ ପ୍ରଧାନ, ମାମି ସାହୁ, ସୁରେଖା ଦାଶ, ତେଜସ୍ୱିନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ, ଋତୁପର୍ଣ୍ଣା ପାତ୍ର, ସାଇ ଶ୍ରୀଅନୁରାଗ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧିଙ୍କ ପ୍ରିୟ ଭଜନ ଗାନ କରିଥିଲେ। ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଉପରେ ଆଲୋଚନା କରାଯାଇଥିଲା।

# 'ଗାନ୍ଧୀଙ୍କ ବିଚାରଧାରାକୁ ବିଶ୍ୱ ଅନୁକରଣ କରୁଛି'

**ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ**



ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୩।୧୦ (ପ୍ରଭାତ ପାଣିଗ୍ରାହୀ)

ମହାତ୍ମା ଗାନ୍ଧୀ ଜଣେ କେବଳ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ବିଚାରଧାରା। ବିଶ୍ୱର ଅନେକ ରାଷ୍ଟ୍ର ଗାନ୍ଧୀଙ୍କ ବିଚାରଧାରାକୁ ଆପଣାଇଛନ୍ତି। ତାଙ୍କ ଅହିଂସା ମାର୍ଗକୁ ଜାତିସଂଘ ମଧ୍ୟ ଗ୍ରହଣ କରିଛି। ଗୀତା, କୋରାନ, ବାଇବେଲ ସବୁ ଗ୍ରନ୍ଥ ଉପରେ ଗାନ୍ଧୀଙ୍କ ସାରସତ ପ୍ରଗାଢ଼ତା ଥିଲା। ଅନ୍ୟାୟ ବିରୋଧରେ ସତ୍ୟ ଓ ଅହିଂସା ମନ୍ତ୍ରରେ ଲଢ଼ିବା ତାଙ୍କର ମୂଳ ମନ୍ତ୍ର ଥିଲା। ଆଜିର ଯୁବପିଢ଼ି ଗାନ୍ଧୀଙ୍କ ମାର୍ଗରେ ପରିଚାଳିତ ହେଲେ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ରାମରାଜ୍ୟ ଗଠନ ସମ୍ଭବପର ବୋଲି ଗତ ଗୁରୁବାର ପ୍ରଫେସର ନାରାୟଣ ରାଓ କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ରାଓ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଯୁବପିଢ଼ି, ଛାତ୍ର ସମାଜ ଅନୁପ୍ରାଣିତ ହେବାକୁ କହିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ, ଉପସଭାପତି ଗୋପୀନାଥ ମହାରଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେବି ହାଇସ୍କୁଲ ଛାତ୍ର ଶିଶିର ମହାରଣା ଓ ବିଶ୍ୱଜିତ୍ ମହାରଣା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ବିଂଶ ଶତାବ୍ଦୀରେ ଗାନ୍ଧୀ ଦର୍ଶନ ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଓ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁଶାନ୍ତ ମିଶ୍ର ଗୀତାପାଠ, ମାନୁଏଲ କାରାଡୋ ବାଇବେଲ ଏବଂ ମୌଲାନା ମହମ୍ମଦ ତୁରୁଦ୍ଦିନ ଖାଁ କୋରାନ ପାଠ କରିଥିଲେ। ସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରରେ ରାମଧୁନ ପୌର ପରିଷଦ ଅଞ୍ଚଳରେ ପ୍ରଚାର କରାଯାଇଥିଲା। ସକାଳ ୮ଟାରେ ଡାକବଙ୍ଗଳା ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ସ୍ତମ୍ଭକାର ଉମା ଶଙ୍କର ପ୍ରସାଦ, ସତ୍ୟବାଦୀ ବଳିୟାରସିଂହ, ଗୋପାଳ କୃଷ୍ଣ ଦାସ, ଦେବ ପ୍ରସାଦ ମଜୁମଦାର, ଭୀମସେନ ପ୍ରଧାନ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ।

## ଶାରଦୀୟ କବିତା ପାଠ ଉତ୍ସବ

ଖୋର୍ଦ୍ଧା,୩।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶ୍ରୀରାମନଗର ସ୍ଥିତ ଖୋର୍ଦ୍ଧା ସାହିତ୍ୟ ସଂସଦ ସଭାଗୃହରେ ବରିଷ୍ଠ ସାହିତ୍ୟିକ ବିଧାନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶାରଦୀୟ କବିତା ପାଠୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ବଂଶୀଧର ଦାସ, କବୟିତ୍ରୀ ଆରତି ମଞ୍ଜରୀ ଦାଶ ଏବଂ ଡ.ଚପଳା କୁମାରୀ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ମା' ଦୁର୍ଗାଙ୍କୁ ଆବାହନ କରି ଜଗତର ମଙ୍ଗଳ କଲ୍ୟାଣ ପାଇଁ ଡ.ବୃନ୍ଦାବନ ପଣ୍ଡା, ବୈକୁଣ୍ଠ ନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଜ୍ୟୋତିପ୍ରଭା ପଟ୍ଟନାୟକ, ବିନତି ମିଶ୍ର, ନାରାୟଣ ଦାସ, ଡା.ଯୋଗେଶ ଚନ୍ଦ୍ର ରଥ ଏବଂ ବିକ୍ରମ କେଶରୀ ଚମ୍ପତି ସ୍ୱରଚିତ କବିତା ପାଠ କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଏବଂ ବୈକୁଣ୍ଠ ନାଥ ରାଜଗୁରୁ କବିତା ଗୁଡ଼ିକ ସମାଜ କଲ୍ୟାଣ ପାଇଁ ସର୍ବଦା ଅଭିପ୍ରେତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ 'ପାଇକ ସଂସ୍କୃତିରେ ଦଶହରା' ଶୀର୍ଷକ ଆଲୋଚନା କରିଥିଲେ। ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଚିନ୍ତା, ଚେତନା, କଥା ଓ କାମ ଦ୍ୱାରା ସମଦର୍ଶୀ ସମାଜ ଗଠନ ସମ୍ଭବ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦର କର୍ମକର୍ତ୍ତାମାନେ।

ବେଗୁନିଆ,୩।୧୦ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଥାନା କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ସ୍ମୃତିସ୍ଥଳରେ ଆୟୋଜିତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ, ରାମଧୂନ ସହିତ ସ୍ମୃତିସ୍ଥଳ ପରିକ୍ରମା ପରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ 'ଗାନ୍ଧୀ ବିଚାର' ଶୀର୍ଷକ ଆଲୋଚନାଚକ୍ରରେ ସଂସଦର ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ବିନୋଦ ଦାଶଙ୍କ ବେଦପାଠ ଓ ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ପରେ ସଭା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଓ ସଂସ୍କୃତି ବିଶେଷଜ୍ଞ ଡ.ଉଦ୍ଧବ ଚରଣ ନାୟକ ମୁଖ୍ୟ ଅତିଥି, ସ୍ତମ୍ଭକାର ପ୍ରହ୍ଲାଦ ସିଂହ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ମଣିଷର ଚିନ୍ତା, ଚେତନା, କାର୍ଯ୍ୟ ଓ କଥା ଗୋଟିଏ ସରଳରେଖାରେ ରହିଲେ ଏକ ସମଦର୍ଶୀ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିହର ମହାପାତ୍ର ଭଜନ 'ହେ ବାପୁ ତୁମେ' ଗାନ କରିଥିବା ବେଳେ ଡା.ଅମରେନ୍ଦ୍ର ନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ସୁଧାକର ସାମନ୍ତରାୟ, ମାନସୀ ଦାସ, ଦିବ୍ୟ ଲୋଚନ ଭାରିମଲ, ଉପେନ୍ଦ୍ର ନାଥ ସାହୁ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଶରତ ଦାଶ, ଶ୍ୟାମସୁନ୍ଦର ସାହୁ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ସୁରେନ୍ଦ୍ର ପାଲଟାସିଂହ, ସୁରେନ୍ଦ୍ର ନାଥ ପଣ୍ଡା, ବୈକୁଣ୍ଠ ନାଥ ସ୍ୱାଇଁ, ରାଜନ ପାତ୍ର, ତ୍ରିଲୋଚନ ବାଘସିଂହ, ପତିତପାବନ ବଳବନ୍ତରାୟ, ଦୀନବନ୍ଧୁ ଦାଶ, ରାଜକିଶୋର ସାହୁ, ଶରତ ପଣ୍ଡା, ଇଂ.ଦେବାଶିଷ ସାହୁ, ଇଂ.ରାମମାନସ ପଣ୍ଡା, ବଂଶୀଧର ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ନରସିଂହ ସାହୁ, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଭା ସମ୍ମାନ ଉତ୍ସବ

ଜଟଣୀ,୩।୧୦ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ବେଲପଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଉଗ୍ରସେନ ସୁନ୍ଦରାୟଙ୍କ ସଭାପତିତ୍ୱରେ ଦିବାକର ପ୍ରତିଭା ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜବାହରଲାଲ ସୁବୁଦ୍ଧି ଏବଂ ନୋଟାରୀ ଅବନୀ କୁମାର ରାଉତରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ସାରଙ୍ଗଧର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜ, ବିଜୟ ଜେନା, ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶୁଭମ ଛୁଆଳସିଂହଙ୍କୁ ମେଧାବୀ ପ୍ରତିଭା ସମ୍ମାନ ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ପାଇଁ ନବମ ଶ୍ରେଣୀର ପିଙ୍କି ନାୟକ, ଦଶମ ଶ୍ରେଣୀର ଲକ୍ଷ୍ମୀପ୍ରିୟା ସାହୁଙ୍କୁ ମଧ୍ୟ ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଛି। ସୁଜାତା ପଟ୍ଟନାୟକ, ଅମର ଜ୍ୟୋତି ପଟ୍ଟନାୟକ, ବିଜୟାନନ୍ଦ ମହାକୁଡ, ବିଚିତ୍ରାନନ୍ଦ ମହାକୁଡ଼ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ବୟସ୍କ ନାଗରିକ ଦିବସ

ଟାଙ୍ଗୀ,୩।୧୦ (ରଘୁନାଥ ସାହୁ): ଚାନ୍ଦପୁର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ରାଧାକୃଷ୍ଣ ମନ୍ଦିର ପରିସରରେ ସଭାପତି ସୁକାନ୍ତ କିଶୋର ସେନାପତିଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ବୟସ୍କ ନାଗରିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତା ସମ୍ପାଦକ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ଅଭିଜ୍ଞତାର ଉତ୍ସ ଓ ସାଂସ୍କୃତିକ ପରମ୍ପରାର ରକ୍ଷକ। ସୁସ୍ଥ ସମାଜ ଗଠନ ପାଇଁ ସବୁସ୍ତରରେ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ଚାନ୍ଦପୁର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚାନ୍ଦପୁର ଥାନା ପକ୍ଷରୁ ୪୫ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସହ ସମ୍ପାଦକ ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ, ଦୁଃଖିଶ୍ୟାମ ମହାପାତ୍ର, ଦୁଃଶାସନ ରାଉତରାୟ, ପଙ୍କଜ ଖମାରୀ, ବିଜୟ ନାୟକ, ରତ୍ନାକର ନାୟକ, ପ୍ରମୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା'ବାପାଙ୍କ ସେବା ଝିଅପୁଅଙ୍କ ନୈତିକ ଦାୟିତ୍ୱ




ଆଦର୍ଶ ପରିବାର ସମ୍ମାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା,୩।୧୦ (ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ଆନୁକୂଲ୍ୟରେ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରେ 'ଆଦର୍ଶ ପରିବାର ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶାରଦୀୟ ଅଭିନନ୍ଦନ ସହ ବିଜୟାଦଶମୀ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଝିଅଙ୍କୁ ଉଚ୍ଚ ଶିକ୍ଷିତ କରାଇବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ। ବୃଦ୍ଧବସ୍ଥାରେ ମା'ବାପାଙ୍କୁ ଯଥୋଚିତ ସମ୍ମାନ, ସେବାଯତ୍ନ ନେବା ପ୍ରତ୍ୟେକ ପୁଅଝିଅଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ବିଡିଏ କଲୋନୀରେ ରହୁଥିବା ବନଜିନୀ ଷଡଙ୍ଗୀ ଏବଂ କୈଳାସ ଚନ୍ଦ୍ର ଷଡଙ୍ଗୀଙ୍କୁ ସେମାନଙ୍କ ପୁତ୍ର ଶୈଳେଶ କୁମାର ଷଡଙ୍ଗୀ, ଉମେଶ କୁମାର ଷଡଙ୍ଗୀ, ପୁତ୍ରବଧୂ, କନ୍ୟା ଜାମାତା, ନାତି ନାତୁଣୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିବା ସହିତ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ମଞ୍ଚର ସଭାପତି ଦେବପ୍ରସାଦ ମଜୁମଦାରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଧାନ ଚନ୍ଦ୍ର ମହାନ୍ତି, ଡ.ପ୍ରଫୁଲ୍ଲ ସାମନ୍ତରାୟ, ପ୍ରତାପ ଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ବଳିୟାରସିଂହ, ସନ୍ତୋଷ ଦାସ, ରବୀନ୍ଦ୍ର ସାହୁ, ସତ୍ୟବ୍ରତ ଦାସ, ରତ୍ନାକର ରଣସିଂହ, ନବକିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, ମାୟାଧର ପ୍ରଧାନ, ହରମୋହନ ମହାପାତ୍ର, ଗଦାଧର ଗୋଛି, ବିପିନ ବିହାରୀ ମିଶ୍ର, ବିଜୟ ପଣ୍ଡା, ଅଞ୍ଜନ ରାୟ, ବିରଞ୍ଚି ନାରାୟଣ ପ୍ରଧାନ, ରବି ନାରାୟଣ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ହାଜି ନସିମ ଉଦ୍ଦିନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସିକୋରେ ବାଦୀପାଲା

ବେଗୁନିଆ,୩।୧୦ (ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ସିକୋ ଗଣେଶ ବଜାର ସ୍ଥିତ ସତ୍ୟନାରାୟଣ ପାଲା ପୂଜା କମିଟି ପକ୍ଷରୁ ବାଦୀପାଲା ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବାକୁ ଥିବା ବେଳେ ଗାୟକ ରସସାଗର ମୁରଲୀ ମୋହନ ସାହୁ ଏବଂ ଜ୍ଞାନସୁଧା ସାରଦା ପ୍ରସନ୍ନ ନାୟକ ପାଲା ପରିବେଷଣ କରୁଛନ୍ତି। ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂଘର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ ଏବଂ ବଣିକ ସଂଘ ସଭ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ପୂର୍ବତନ ସମିତିସଭ୍ୟ ପ୍ରମୋଦ ମହାପାତ୍ର, ଭର୍ଗେଶ୍ୱର ଛୋଟରାୟ, ବୁଲୁ ବାହୁବଳେନ୍ଦ୍ର, ଚିନ୍ତାମଣି ସାମନ୍ତରାୟ, ବିଶ୍ୱନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଟାଙ୍ଗୀସାହିରେ ଦଶହରା ପର୍ବ ଉଦ୍‌ଯାପିତ

ବୋଲଗଡ଼,୩।୧୦ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ମା'ଶିଖର ବାସିନୀ ମନ୍ଦିର ପରିଚାଳନା କମିଟି ଓ ଟାଙ୍ଗୀସାହି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଦଶହରା ପର୍ବ ୪ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିବା ବେଳେ ପୂଜକ ଅଚ୍ୟୁତ ପଣ୍ଡାଙ୍କ ଦ୍ୱାରା ଘଟ ସ୍ଥାପନ, ବିଗ୍ରହ ପ୍ରତିଷ୍ଠା,ସୂର୍ଯ୍ୟ ପୂଜା, ଗୋ ପୂଜା, ସର୍ବ ଦେବଦେବୀ ପୂଜା ସହ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଗ୍ରାମର ଯୁବ କଳାକାର ଓ ଅତିଥି କଳାକାରଙ୍କୁ ନେଇ ମହାସପ୍ତମୀ ରାତ୍ରରେ କାନ୍ଦନା ଲୁହ ସରିଯିବ, ଅଷ୍ଟମୀ ରାତ୍ରରେ କିଏ କାନ୍ଦିନାହିଁ ହାତଟେକ ଏବଂ ନବମୀ ରାତ୍ରରେ ଦରିଆ କୁଳର ଦରଦୀ ବନ୍ଧୁ ନାଟକ ମଞ୍ଚସ୍ଥ ହୋଇଥିଲା। ଦଶହରା ଦିବସରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତ୍ୟହ ଆୟୋଜିତ ସାଧାରଣ ସଭାର ବିଭିନ୍ନ ଦିବସରେ ବିଧାୟକ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଭାଜପା ନେତା ପ୍ରକାଶ ବିଜୁଳି, ସାମାଜିକକର୍ମୀ ବାସୁଦେବ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ୟାସିର ନୱାଜ, ମାନସ ବେହେରା, ରାଜୀବ ପ୍ରଧାନ ପ୍ରମୁଖଙ୍କ ସମେତ ଅତିଥିମାନେ ଯୋଗଦେଇଥିଲେ। କମିଟି ସଭାପତି ଦୀନବନ୍ଧୁ ସାମନ୍ତରା, ଉପସଭାପତି ବାସୁଦେବ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ବିରଞ୍ଚି କୁମାର ସାହୁ, ସଭ୍ୟ କାର୍ତ୍ତିକ ସ୍ୱାଇଁ ସୁକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଜନ୍ମେଜୟ ମାଝୀ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୩।୧୦ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ତ୍ରି-ଦିବସୀୟ ଆନ୍ତଃ ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶର ପ୍ରଶିକ୍ଷଣ ଶିବିର ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୭ ମହାବିଦ୍ୟାଳୟର ୧୧୦ଜଣ ସ୍ୱେଚ୍ଛାସେବୀଙ୍କ ସହିତ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ। ଏହି ତାଲିମ ଶିବିରରେ ରିସୋର୍ସ ପର୍ସନ ଭାବେ ଡ. ରଘୁନାଥ ମଣ୍ଡଳ, ବି. ଗୋବିନ୍ଦ ରାଓ, ଡ. ଲୋକନାଥ ମହାନ୍ତି, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ସୁକାନ୍ତି ମହାପାତ୍ର, ପ୍ରଦୀପ ମହାନ୍ତି, ଏସ୍.କେ. ସିରାଜ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାର ଗୁରୁତ୍ୱ, ନେତୃତ୍ୱ ବିକାଶ, ଏଚ୍‌ଆଇଭି ଏଡ୍‌ସ ସଚେତନତା, ରୋଡ ସେଫ୍ଟି , ଫାଷ୍ଟଏଡ୍, ସାମାଜିକ ଗଣମାଧ୍ୟମର ପ୍ରଭାବ, ନାରୀ ସଶକ୍ତୀକରଣ, ପରିବେଶ ସୁରକ୍ଷା, ନିଶା ନିବାରଣ ଓ ସାଇବର ଅପରାଧ ବିଷୟରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ସଭାପତିତ୍ୱ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ୟକ୍ତିତ୍ୱ, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଡ. ପ୍ରସନ୍ନ କୁମାର ଜେନା କହିଥିଲେ, ସମାଜରେ ସ୍ୱେଚ୍ଛାସେବୀଙ୍କ ପ୍ରମୁଖ ଭୂମିକା ରହିଛି। ସମ୍ମାନିତ ଅତିଥିଭାବେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା ଜିଲା ଏନ୍‌ଏସ୍‌ଏସ୍ ଏଡିପିଓ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଡ. ଅଜୟ କୁମାର ମିଶ୍ର, ଅଧ୍ୟାପିକା ସିପ୍ରା ମହାନ୍ତି, କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଟି. ଅକ୍ଷୟ କୁମାର, କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ଅଧ୍ୟାପକ ସୁଜୟ ଶ୍ରୀଚନ୍ଦନ, ଅଧ୍ୟାପକ ଆଶିଷ ସାହୁ, ଅଧ୍ୟାପକ ରବି ନାରାୟଣ ସ୍ୱାଇଁ, ଅଧ୍ୟାପକ ସୁକୁମାର ପଟ୍ଟନାୟକ, ଅଧ୍ୟାପକ ଶୈଳେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିଟ୍-୯କୁ ହରାଇ ବାରଙ୍ଗ ଚାମ୍ପିୟନ

ବୋଲଗଡ଼,୩।୧୦ (ଦେବବ୍ରତ ହୋତା)



ଅତିଥିଙ୍କ ଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବର କବାଡ଼ି ଖେଳପଡିଆରେ ମା'ରାମଚଣ୍ଡୀ କବାଡି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟରେ ବାରଙ୍ଗ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ବାରଙ୍ଗ ଏବଂ ଭୁବନେଶ୍ୱର ୟୁନିଟ-୯ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ୟୁନିଟ-୯ ଟିମ୍ ୫ ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ ଟିମ୍ ୧୭ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ୟୁନିଟ-୯ ଟିମ୍ ୩୧ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ଟିମ୍ ୩୬ ପଏଣ୍ଟ ପାଇ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଥିଲା। ରେଫରିଭାବେ ଭାଗୀରଥି ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ଗଣେଶ୍ୱର ମହାପାତ୍ର, ନୀଳକଣ୍ଠ ବେହେରା, ଅଜୟ ବଳିୟାରସିଂହ, କାହ୍ନୁ ଚରଣ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟ ବକ୍ତାଭାବେ ବିଜେଡି ନେତା ମନ୍ମଥ ରାଉତରାୟ ଯୋଗଦେଇ ଚାମ୍ପିୟନ ଟିମକୁ ଚାଲେଞ୍ଜ କପ୍ ଏବଂ ରନର୍ସଅପ୍ ଟିମକୁ ରନର୍ସ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥଲେ। ସମ୍ମାନିତ ଅତିଥିଭାବେ ବ୍ଲକଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଦସ୍ୟ ସୁବାସ ରାୟଗୁରୁ, ଯୋଗେଶ ସାମନ୍ତସିଂହାର, ଭାସ୍କର ରାଉତରାୟ,ରଞ୍ଜନ ଲେଙ୍କା, ସୁମନ୍ତ ଛୋଟରାୟ, କୁଳମଣି ହୋତା, କୃଷ୍ଣ ଚନ୍ଦ୍ର ବଳିୟାରସିଂହ, ମାଧବ ବିଶ୍ୱାଳ, ଜୟକୃଷ୍ଣ ଫତେସିଂହ, ଦିଲୀପ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଗୁଣନିଧି ପାଇକରାୟ, ପ୍ରମୋଦ ମହାପାତ୍ର, ବିଶ୍ୱରଞ୍ଜନ ବିଶ୍ୱାଳ, ଉମା ବିଶ୍ୱାଳ, ଶିବାଜୀ ମଙ୍ଗରାଜ, ଅରୁଣ ଛୋଟରାୟ, ପ୍ରଭାତ ରାୟଗୁରୁ, ଜୟ ପରିଡା, ଅଶୋକ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ରାମଚଣ୍ଡୀ କବାଡ଼ି ଆସୋସିଏଶନ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ପଳାଶପୁର

ଝାଁଳା,୩।୧୦ (ବୁଲା ବାରିକ)

ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଝାଁଳା କପ୍‌ରେ ପଳାଶପୁର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ କୁମାରବସ୍ତ ଏବଂ ପଳାଶପୁର ଟିମ୍ ମଧ୍ୟରେ ହୋଇଥିଲା। ପଳାଶପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ କୌଣସି ଉଇକେଟ ନ ହରାଇ ୧୪୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ଅପରାଜିତ ୧୧୦ ରନ କରିଥିଲେ। ଜବାବରେ କୁମାରବସ୍ତ ଟିମ୍ ୯୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପଳାଶପୁର ଟିମ୍‌ର ବସନ୍ତ ସାହୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଯଶବନ୍ତ ସାମନ୍ତରାୟ, କ୍ରିଷ୍ଣା ଶେଖର ପ୍ରଧାନ ଏବଂ ଚିତ୍ତ ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ପ୍ରଦୋଷ କୁମାର ଜେନା, ଜିତେନ୍ଦ୍ର ସେନାପତି, ବୁଲା ବାରିକ, ଗଙ୍ଗାଧର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




ଅତିଥିଙ୍କ ଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଭସାଣିରେ ହିନ୍ଦୁ-ମୁସଲିମ ହାତାହାତି

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କଟକ ଦଶହରା ଭସାଣି ସମୟରେ ଉତ୍ତେଜନା ଦେଇଛି। କଟକସ୍ଥିତ ହାତିପୋଖରୀରୁ ଦରଘାବଜାର ଦେଇ ଶୋଭାଯାତ୍ରା ଯାଉଥିବା ସମୟରେ କୌଣସି କାରଣ ଯୋଗୁ ଉକ୍ତ ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ଲୋକେ ବଚସା କରିଥିଲେ। ପରେ ଘଟଣା ତୀବ୍ର ରୂପ ନେଇଥିଲା। ଉକ୍ତ ଅଞ୍ଚଳରେ ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ହୋଇଥିଲା। ଦୁଇ ପୂଜା କମିଟି କର୍ମକର୍ତ୍ତା ଆହତ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ କଟକ ଡିସିପିଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ସ୍ଥିତି ଆୟତ୍ତକୁ ଆଣିବା ପ୍ରୟାସ ଜାରି ରଖିଥିବା ଜଣାପଡିଛି।



### ସଂକ୍ଷେପରେ

## ପୂର୍ବତନ ବାଚସ୍ପତିଙ୍କ ୧୨୦ତମ ଜୟନ୍ତୀ ପାଳିତ

ବାଲକାଟୀ,୩।୧୦(ମନୋଜ ମଣ୍ଡଳ)

ବିଜୟା ଦଶମୀରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କର ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବ ବାଲକାଟୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ସ୍ୱର୍ଗତ ସତ୍ୟପ୍ରିୟଙ୍କ ଜୀବନୀ ଉପରେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର କୀର୍ତ୍ତନ ପାତ୍ର, ବିଜେଡି ନେତା ମନ୍ମଥ ରାଉତରାୟ, ସନ୍ତୋଷ କୁମାର ମହାନ୍ତି, ସଂଳାପକାର ଡ. ରଜନୀ ରଞ୍ଜନ, ଉପେନ୍ଦ୍ର ସାମନ୍ତରାୟ, ବେଣୁଧର ଭୋଇ, ବିପିନ ପାତ୍ର, ଶିବ ମଳିକ, ବସନ୍ତ ନାୟକ, ଭାଗ୍ୟଧର ନନ୍ଦୀ, ପ୍ରଦୀପ୍ତ ମହାନ୍ତି ଓ କପିଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୫ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ବଜାରରେ ଥିବା ସତ୍ୟପ୍ରିୟଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବଜାର ପରିକ୍ରମା କରିଥିଲେ।

## ରାଜ୍ୟର ୬,୨୫୫ ଗ୍ରାମରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

### ଆଦି କର୍ମଯୋଗୀ ଅଭିଯାନ

### ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନା ଅନୁମୋଦିତ

ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)

ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଗ୍ରାମ ସଭାର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଛି। ସେହିପରି ୭,୬୨୩ଟି ଗ୍ରାମରେ ଆଦି ସେବା କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୬,୨୫୫ଟି ଗ୍ରାମରେ ଆଦି ସେବା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ସେବା ପ୍ରଦାନ ଏବଂ



ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଁ ଅନୁଷ୍ଠିତ ଏକ ଗ୍ରାମସଭା।

ସାମୂଦାୟିକ ସମ୍ପୃକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ଗ୍ରାମରେ ସାମୂଦାୟିକ ପଦଯାତ୍ରା, ଗ୍ରୁପ୍ ଆଲୋଚନା, ସମ୍ବଳ ଏବଂ ଭିଜନ ମ୍ୟାପିଂ ଭଳି ପଦକ୍ଷେପ ଗ୍ରହଣ କରି ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସବୁ ବିଭାଗର ସମନ୍ୱୟ ଓ ସହଯୋଗ ଗ୍ରାମୀଣ ଅଞ୍ଚଳର ସୁଶାସନକୁ ଶକ୍ତିଶାଳୀ କରିବା ସହିତ ବିଶ୍ୱାସକୁ ପୁନଃ ସ୍ଥାପନ କରୁଛି।

ସୂଚନାଯୋଗ୍ୟ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ସେବା ସମର୍ପଣ ଏବଂ ସଂକଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳସ୍ତରରେ ଅତ୍ୟାବଶ୍ୟକ ସେବାଗୁଡ଼ିକ ପ୍ରଦାନ କରିବାରେ ସହଯୋଗ କରିବ। ଏହି ଅଭିଯାନରେ ଓଡ଼ିଶାରେ ୨୨ଟି ଜିଲାର ୨୧୩ଟି ବ୍ଲକ୍ ଓ ୭,୬୨୩ଟି ଗ୍ରାମ ସାମିଲ ହୋଇଛି। କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦି ସାଥୀ ଓ ୩୦ହଜାର ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ୫୦ରୁ ଅଧିକ ସିଭିଲ ସୋସାଇଟି ଅର୍ଗାନାଇଜେଶନ /ଏନ୍‌ଜିଓଙ୍କୁ ସହଭାଗୀ ଭାବେ ସାମିଲ କରାଯାଇଛି।

## ଆଉ ଦୁଇଦିନ ବର୍ଷା, ୯ରେ ପୁଣି ଲଘୁଚାପ

ଭୁବନେଶ୍ୱର, ୩।୧୦ (ବନ୍ଦନା ସେଠୀ)

ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ଟି ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ।

ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛଇ। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଝଟକା ପବନ ସହିତ ଘଡ଼ଘଡ଼ି ଓ ବର୍ଷା ହେବାର ଆକଳନ କରାଯାଇଛି।

## ଅମରେନ୍ଦ୍ର ମାଧବ ଦାଶ ପାଇବେ 'ବସନ୍ତ ମୁଦୁଲି କବିତା ପୁରସ୍କାର'

ଭୁବନେଶ୍ୱର, ୩।୧୦ (ସୌମ୍ୟରଞ୍ଜନ ରାଉତ)



କବି ଅମରେନ୍ଦ୍ର ମାଧବ ଦାଶ ପାଇବେ ଚଳିତ ବର୍ଷର 'କବି ବସନ୍ତ ମୁଦୁଲି କବିତା ପୁରସ୍କାର'। କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂସଦର ପୂର୍ବତନ ସଭାପତି ରଜନୀକାନ୍ତ ମହାନ୍ତି, ଆବାହକ ଅରୁଣ ଖିଲାର, କାର୍ଯ୍ୟକାରୀ ସଭାପତି ନିରାକାର ଦାସ, ଉପସଭାପତି କିଶୋର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅମିତାଭ ଖିଲାର, କବିପୁତ୍ର ପାର୍ଥସାରଥି ମୁଦୁଲିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟର ୪୩ଜଣ ବରିଷ୍ଠ କବିଙ୍କ ସୁପାରିଶକ୍ରମେ କବି ଅମରେନ୍ଦ୍ର ମାଧବ ଦାଶଙ୍କ ନାମ ଚୂଡାନ୍ତ ହୋଇଥିଲା। ଆସନ୍ତା ନଭେମ୍ବର ୨ରେ ଭୁବନେଶ୍ୱରଠାରେ ହେବାକୁ ଥିବା କବିଙ୍କ ସ୍ମୃତି ସମାରୋହରେ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଜଣାଇଛନ୍ତି। ୧୯୬୮ ମସିହାରେ ଜନ୍ମଗ୍ରହଣ କରିଥିବା ଅମରେନ୍ଦ୍ର ୭ଟି କବିତା ପୁସ୍ତକ ରଚନା କରିଛନ୍ତି। ସେ ପୂର୍ବରୁ ଯୁବକବି ସମ୍ମାନ, ସୁବ୍ରତ ରଥ ସମ୍ମାନ ଭଳି ବହୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି।

## ବୟନିକାରୁ ବସ୍ତ୍ର କିଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

### ଲୋକାଲ ଫର୍ ଭୋକାଲ ପାଇଁ ଆହ୍ୱାନ ଦେଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯାଉଛି। ଗାନ୍ଧୀ ଜୟନ୍ତୀ ଅବସରରେ ପରିବାର ସହ ଯାଇ ଗୁରୁବାର ଭୁବନେଶ୍ୱର ସ୍ଥିତ ବୟନିକାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବୁଣାକାରଙ୍କ ହାତ ତିଆରି ବସ୍ତ୍ର କିଣିଛନ୍ତି। ଏଥିରେ ସେ ଏବଂ ତାଙ୍କ ପରିବାର ଅତ୍ୟନ୍ତ ଆନନ୍ଦିତ ବୋଲି ସେ କହିଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତ ଅର୍ଥନୀତି। ଦେଶ ସ୍ୱାଧୀନତାର ୧୦୦ ବର୍ଷ ଅର୍ଥାତ୍ ୨୦୪୭ ସୁଦ୍ଧା ବିକଶିତ ଅର୍ଥନୀତି ହେବା ଲକ୍ଷ୍ୟରେ ଭାରତ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଓଡ଼ିଆଙ୍କ ସଂକଳ୍ପ ଆମ ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରାଯିବ। ବିକଶିତ ଭାରତ ଗଠନରେ ଆମ ଓଡ଼ିଶାର ପ୍ରମୁଖ ଯୋଗଦାନ ରହିବ। ଏଥିପାଇଁ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ସଂକଳ୍ପରୁ ସିଦ୍ଧି ଆଡକୁ ଆଗେଇବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ତାଙ୍କର ମନେ ଅଛି ପ୍ରଧାନମନ୍ତ୍ରୀ ତାଙ୍କ ପ୍ରଥମ ମନ୍ କୀ ବାତ୍ ୨୦୧୪ ଅକ୍ଟୋବର ୩ ତାରିଖରେ କରିଥିଲେ ଏବଂ ତାହା ଥିଲା ପବିତ୍ର ବିଜୟା ଦଶମୀ। ତାଙ୍କ ପ୍ରଥମ ମନ୍ କୀ ବାତ୍, ଗାନ୍ଧୀ ଜୟନ୍ତୀର ପରଦିନ ଦେଶବାସୀଙ୍କୁ ଖଦି ବସ୍ତ୍ର ପିନ୍ଧିବାର ଆହ୍ୱାନ ଦେଇଛନ୍ତି। ୨୦୧୪ରେ ମୋଦି ଖଦିକୁ ଏକ ବ୍ୟାପକ ଅର୍ଥରେ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ଖଦିର ବ୍ୟାପକ ଅର୍ଥ ସ୍ୱଦେଶୀ। ଏହାର ପ୍ରକୃତ ବ୍ୟାଖ୍ୟା ହେଉଛି ଆତ୍ମନିର୍ଭର ଭାରତ। କୋଭିଡ ସମୟରେ ମୋଦି ବାଧ୍ୟବାଧକତା ମାଧ୍ୟମରେ ଭୋକାଲ ଫର୍ ଲୋକାଲର ଆବଶ୍ୟକତାକୁ ଦେଶବାସୀଙ୍କୁ ସରଳ ଭାବେ ବୁଝାଇଥିଲେ। ଦେଶର ସୁନ୍ଦର ଭବିଷ୍ୟତ, ଖଦି, ସ୍ୱଦେଶୀ, ଭୋକାଲ ଫର୍ ଲୋକାଲ, ଆତ୍ମନିର୍ଭର ଭାରତ ଏବଂ ଏହାର ଅନ୍ତିମ ପର୍ଯ୍ୟାୟ ବିକଶିତ ଭାରତ। ବିକଶିତ ଭାରତର ଟାରିଫକୁ ଡର ରହିବ ନାହିଁ। ଟାରିଫକୁ ନେଇ କେହି ଭୟ ଦେଖାଇ ପାରିବେନି। ଆମ ଅର୍ଥନୀତି ସ୍ୱୟଂ ସମ୍ପୂର୍ଣ୍ଣ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଭୋକାଲ ଫର୍ ଲୋକାଲ ଓ ସ୍ୱଦେଶୀର ଆଦ୍ୟ ପଥ ପ୍ରଦର୍ଶକ। ବର୍ତ୍ତମାନ ମଧ୍ୟ ଶ୍ରୀମନ୍ଦିରରେ ଆଳୁ ଓ ବିଲାତି ବାଇଗଣ ପଶିବା ନିଷେଧ କରାଯାଇଛି। ମହାପ୍ରଭୁ ଓଡ଼ିଆ ଲୋକଙ୍କ ହାତବୁଣା ବସ୍ତ୍ର ଛଡା ଆଉ କିଛି ପିନ୍ଧନ୍ତି ନାହିଁ। ପ୍ରତୀକାତ୍ମକ ଭାବେ ସେ ବର୍ତ୍ତମାନ ହସ୍ତତନ୍ତ ବସ୍ତ୍ର କିଣିଛନ୍ତି ସତ। କିନ୍ତୁ ଓଡ଼ିଶା ଓ ଦେଶବାସୀ ବିକଶିତ ଭାରତ ଗଠନ କରିବା ପାଇଁ ଭୋକାଲ ଫର୍ ଲୋକାଲ ସ୍ୱଦେଶୀ ମନ୍ତ୍ରରେ ଅଭିମନ୍ତ୍ରିତ ହେବା ପାଇଁ ଆହ୍ୱାନ କରୁଛି ବୋଲି ସେ କହିଛନ୍ତି।

## ଆଞ୍ଚଳିକ ପ୍ରେସ୍ କ୍ଲବରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ତ୍ରିଶୂଳିଆ,୩।୧୦ (ତୁଷାରକାନ୍ତ ବେହେରା)

ଆଞ୍ଚଳିକ ପ୍ରେସ୍ କ୍ଲବ, ବାରଙ୍ଗ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଗତ ଗୁରୁବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କ୍ଲବ କାର୍ଯ୍ୟାଳୟରେ କ୍ଲବ ସଭାପତି ମହେନ୍ଦ୍ର କୁମାର ବେଉରାଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଭଞ୍ଜ, ସମ୍ପାଦକ ରୁଦ୍ରନାରାୟଣ ଷଡ଼ଙ୍ଗୀ, ମନୋଜ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରବୀଣ ପ୍ରଧାନ, ତୁଷାରକାନ୍ତ ବେହେରା, ପ୍ରଶାନ୍ତ ସାହୁ, ଦୁଷ୍ମନ୍ତ ଜେନା, ଟୁଲୁ ପାତ୍ର, ବିକାଶ ବେହେରା, ସୁବାସ ସାହୁ ସମେତ କ୍ଲବର ମୁଖ୍ୟ ଉପଦେଷ୍ଟା ସନ୍ତୋଷ ପାଣି, ଗୌରାଙ୍ଗ ଚରଣ ରାଉତଙ୍କ ସମେତ ଖବରଦାତାମାନେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ରାଜଭବନରେ ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)



ଚଳିତ ଅକ୍ଟୋବର ୨ ତାରିଖ ଦିନ ରାଜଭବନରେ ଜାତିର ଜନକମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଭିଷେକ ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଏକ ବାର୍ତ୍ତାରେ ମହାମାନବ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

## ଦୁର୍ଗାପୂଜାରେ ୫୦୦ରୁ ଊର୍ଦ୍ଧ୍ୱ ଚୋରି, ଲୁଟ୍

ଭୁବନେଶ୍ୱର, ୩।୧୦(ସତ୍ୟଜିତ ରାଉତ)

ଦୁର୍ଗାପୂଜାରେ କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ ଦେଇ ରାଜଧାନୀରେ ଅପରାଧୀମାନେ ଲୁଟ୍‌ପାଟ୍ ଓ ଚୋରି କରିଛନ୍ତି। ସହର ସାରା ପୋଲିସ ଛାଉଣି ଥିବା ବେଳେ ବିଭିନ୍ନ ପୂଜାମଣ୍ଡପ ଓ ରାବଣ ପୋଡି ପଡିଆରେ ୫୦୦ରୁ ଅଧିକ ମୋବାଇଲ ଚୋରି ଓ ଲୁଟ୍ ହୋଇଛି। ଏନେଇ ଶହୀଦନଗର ଥାନା, ମଞ୍ଚେଶ୍ୱର ଥାନା, ଲକ୍ଷ୍ମୀସାଗର ଥାନା, ନୟାପଲ୍ଲୀ ଥାନା, ଖଣ୍ଡଗିରି ଥାନା, ଚନ୍ଦ୍ରଶେଖରପୁର ଥାନାରେ ସର୍ବାଧିକ ଅଭିଯୋଗ ହୋଇଛି। ଗୁରୁବାର ବରମୁଣ୍ଡା ରାବଣପୋଡି ବେଳେ ୧୫୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବା ଜଣାପଡିଛି। ରାତିରେ ବହୁ ଅଭିଯୋଗକାରୀ ଏତଲା ଦେବାକୁ ଖଣ୍ଡଗିରି ଥାନାରେ ଆସିଥିବାବେଳେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ତେବେ ଭୁବନେଶ୍ୱର ସୁରକ୍ଷା ଦାୟିତ୍ୱରେ ୩ଜଣ ଡିସିପି ର୍‍ୟାଙ୍କ ଅଫିସର ସମେତ ଶତାଧିକ ଅଫିସର, ୩୮ ପ୍ଲାଟୁନ ଫୋର୍ସରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ଥିବା ବେଳେ ଅପରାଧୀମାନେ ଭିଡର ସୁଯୋଗ ନେଇ ଏପରି କାଣ୍ଡ ଘଟାଇଛନ୍ତି। ଚୋରି ଘଟଣାରେ ପୋଲିସ କେବଳ ମିସିଂ ଡାଏରୀ ଏଣ୍ଟ୍ରି କରିଛି। ବମିଖାଲ, ରସୁଲଗଡ଼, ଶହୀଦନଗର, ନୟାପଲ୍ଲୀ, ଷ୍ଟେଶନ ବଜାର, ବରମୁଣ୍ଡା ଆଦି ବଡ଼ ପୂଜା ମଣ୍ଡପ ଅଞ୍ଚଳରେ ଅଧିକ ମୋବାଇଲ ଚୋରି ହୋଇଥିବା ସୂଚନା ମିଳିଛି।

## ୬ରୁ ବ୍ରହ୍ମପୁରରୁ ସୁରଟର ଉଧନାକୁ ନିୟମିତ ଟ୍ରେନ୍ ସେବା

ଭୁବନେଶ୍ୱର,୩।୧୦(ଅନୁରାଧା ମହାରଣା)

ରେଳ ମନ୍ତ୍ରଣାଳୟ ପଶ୍ଚିମ, ମଧ୍ୟ ଏବଂ ପୂର୍ବ ଭାରତରେ ଦୀର୍ଘ ଦୂରତା ରେଳ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଟ୍ରେନ ନମ୍ବର ୧୯୦୨୨/୧୯୦୨୧ ବ୍ରହ୍ମପୁର-ସୁରଟ (ଉଧନା)-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ନିୟମିତ ସେବାକୁ ଅନୁମୋଦନ କରିଛି। ଏହି ନୂତନ ଟ୍ରେନ ସେବା ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ। ୧୯୦୨୨ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ୍ ଆସନ୍ତା ୬ ତାରିଖରୁ ପ୍ରତି ସୋମବାର ୨୩ଟା ୪୫ରେ ବ୍ରହ୍ମପୁରରୁ ଛାଡିବ ଏବଂ ବୁଧବାର ୮ଟା ୪୫ରେ ଉଧନାରେ ପହଞ୍ଚିବ। ଫେରିବା ବେଳେ ୧୯୦୨୧ ସୁରଟ (ଉଧନା)-ବ୍ରହ୍ମପୁର-ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ଆସନ୍ତା ୫ ତାରିଖରୁ ପ୍ରତି ରବିବାର ସକାଳ ୭ଟା୧୦ରେ ଉଧନାରୁ ଛାଡିବ ଏବଂ ପରଦିନ ଅପରାହ୍ନ ୧ଟା ୫୫ ମିନଟରେ ବ୍ରହ୍ମପୁରରେ ପହଞ୍ଚିବ। ଏହି ଟ୍ରେନ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେଶନ ଯଥା ଶ୍ରୀକାକୁଲମ ରୋଡ, ବୋବିଲି , ପାର୍ବତୀପୁରମ, ମୁନିଗୁଡା, କେସିଙ୍ଗା, କଣ୍ଟାବାଞ୍ଜି, ଖରିଆର ରୋଡ୍, ମହାସମୁନ୍ଦ, ଦୁର୍ଗ, ଗୋଣ୍ଡିଆ, ୱାର୍ଧା, ବଡ଼ନେରା, ଆକୋଲା, ମାଲକାପୁର, ଜାଲଗାଁଓ, ଧାରଣଗାଁଓ, ଅମଲନେର, ସିନ୍ଧଖେଡ଼ା, ଦୋନ୍ଦାଇଚ, ନୱାପୁର, ବ୍ୟାରା ଏବଂ ବାରଡୋଲିଠାରେ ରହଣି କରିବ।

## ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଗଣତନ୍ତ୍ରର ପଥ ପ୍ରଦର୍ଶକ : ସିଇସି

ଭୁବନେଶ୍ୱର,୩।୧୦(ରବିନାରାୟଣ ଜେନା)

ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଗଣତନ୍ତ୍ରର ପଥପ୍ରଦର୍ଶକ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିଶନ(ସିଇସି) ଜ୍ଞାନେଶ କୁମାର କହିଛନ୍ତି। ବିହାର ବିଧାନସଭା ନିର୍ବାଚନ ଏବଂ ଅନ୍ୟ ରାଜ୍ୟଗୁଡ଼ିକର ଉପନିର୍ବାଚନ ପାଇଁ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକଙ୍କୁ ସମ୍ବୋଧନ କରି ସିଇସି କହିଥିଲେ, ନିର୍ବାଚନ ଆଇନ, ନିୟମ ଏବଂ ନିର୍ଦ୍ଦେଶାବଳୀ ସହିତ ନିଜକୁ ପରିଚିତ କରିବାକୁ ହେବ। ନିର୍ବାଚନ ଆୟୋଗର ଆଖି ଏବଂ କାନ ଭାବେ ସିଧାସଳଖ କ୍ଷେତ୍ର ସୂଚନା ପ୍ରଦାନ କରିବାକୁ ପଡ଼ିବ। ନିର୍ବାଚନ ପରିଚାଳନା ବେଳେ କଠୋର ଏବଂ ନିରପେକ୍ଷ ନୀତି ଅବଲମ୍ବନ କରିବା ଲାଗି ସିଇସି କହିଥିଲେ।

ଏହି ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ କମିଶନର ଡ. ସୁଖବୀର ସିଂହ ସାନ୍ଧୁ ଏବଂ ଡ. ବିବେକ ଜୋଶୀଙ୍କ ସହିତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଅଂଶଗ୍ରହଣ କରି ନିର୍ବାଚନ ସୁପରିଚାଳନା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିରେ ଦେଶର ୨୮୭ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ଅଧିକାରୀଙ୍କ ସହିତ ୫୮ ଭାରତୀୟ ପୋଲିସ ସେବା (ଆଇପିଏସ୍)ଅଧିକାରୀ ଏବଂ ଆଇଆର୍‌ଏସ୍, ଆଇଆର୍‌ଏଏସ୍, ଆଇସିଏଏସ୍ ବର୍ଗର ୮୦ ଅଧିକାରୀ ଯୋଗଦେଇଥିଲେ।

## ବଙ୍ଗୀୟ ରୀତିନୀତିରେ ମା'ଙ୍କ ବିସର୍ଜନ

### ସିନ୍ଦୁର ଖେଳିଲେ, ଧନୁଚି ନୃତ୍ୟ ପ୍ରଦର୍ଶନ କଲେ ମହିଳା ଶ୍ରଦ୍ଧାଳୁ

ଭୁବନେଶ୍ୱର, ୩। ୧୦ (ସୌମ୍ୟରଞ୍ଜନ ରାଉତ)



ବିଜୟା ଦଶମୀ ଅବସରରେ ସ୍ଥାନୀୟ ପୁରୁଣା ଓ ନୂଆ ଏଜି କଲୋନିର ଦୁଇ ମଣ୍ଡପରେ ପାରମ୍ପରିକ ବଙ୍ଗୀୟ ରୀତିନୀତିରେ ପୂଜାର୍ଚ୍ଚନା ପରେ ଶୁକ୍ରବାର ମା'ଙ୍କ ବିସର୍ଜନ କରାଯାଇଥିଲା। ଏହି ଅବସରରେ ବିବାହିତା ମହିଳାମାନେ ମା'ଙ୍କୁ କାନ୍ଦିକାନ୍ଦି ପାନ ଓ ମିଠା ଅର୍ପଣ କରି ଆସନ୍ତା ବର୍ଷକୁ ଧରାବତରଣ କରିବାକୁ ପ୍ରାର୍ଥନା କରିଥିଲେ। ପରେ ସେମାନେ ଦୁର୍ଗା ମା'ଙ୍କ ପାଦରେ ସିନ୍ଦୂର ଲଗାଇବା ସହ ଅର୍ପଣ ସିନ୍ଦୂରକୁ ଅନ୍ୟ ବିବାହିତ ମହିଳାଙ୍କ ମଥାରେ ଲଗାଇ ସିନ୍ଦୂର ଖେଳ ଖେଳି ସୌଭାଗ୍ୟ, ଆଶୀର୍ବାଦ ପ୍ରାପ୍ତି ପାଇଁ ମାଆଙ୍କୁ ନିବେଦନ କରିଥିଲେ। ଏହି ପରମ୍ପରା ସୁଖ, ସମୃଦ୍ଧି ଓ ବୈବାହିକ ସମ୍ପର୍କ ସୁଦୃଢ଼ କରିଥାଏ ବୋଲି ବିଶ୍ୱାସ। ସିନ୍ଦୂର ଖେଳ ପରେ ସେମାନେ ମାଆଙ୍କୁ ସନ୍ତୁଷ୍ଟ ଓ କରୁଣା ଲାଭ ପାଇଁ ଧନୁଚି ନୃତ୍ୟ କରିଥିଲେ। ପୁରୁଣା ଏଜି କଲୋନିରେ ମାଆଙ୍କୁ ଦେଖିବାକୁ ଆସୁଥିବା ସମସ୍ତ ଭକ୍ତଙ୍କୁ ମହାସପ୍ତମୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଦୁଇ ଏଜି କଲୋନିରେ ପ୍ରତି ସନ୍ଧ୍ୟାରେ ଏଜି କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ, ଗୀତି ନାଟ୍ୟ ମହିଷମର୍ଦ୍ଦିନୀ, ରାମ ଲୀଳା ଓ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଦୀପ୍ତିରଞ୍ଜନ ରାଏ, ନୂଆ କଲୋନି ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ରବିନାରାୟଣ ପଣ୍ଡା, କୈଳାଶ ପଟ୍ଟନାୟକ, ସୁଶାନ୍ତ କୁମାର ରଥ, ଜୟଦେବ ଶାସନୀ ପ୍ରମୁଖ ପରିଚାଳନା କରିଥିଲେ।

## ଚିତ୍ରକଳା କର୍ମଶାଳା 'ବିକଶିତ ଭାରତ'

ଭୁବନେଶ୍ୱର, ୩।୧୦ (ସୌମ୍ୟରଞ୍ଜନ ରାଉତ)



### ୯ ତାରିଖ ଯାଏ ପ୍ରଦର୍ଶିତ ହେବ ଚିତ୍ରକଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ 'ବିକଶିତ ଭାରତ' ଚିତ୍ରକଳା କର୍ମଶାଳା ଗୁରୁବାର କଳିଙ୍ଗ ଆର୍ଟ ଗ୍ୟାଲେରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୧୧୭ଜଣ ଚିତ୍ରଶିଳ୍ପୀ ଯୋଗଦେଇ ନିଜ ସ୍ୱପ୍ନର ବିକଶିତ ଭାରତକୁ କାନ୍‌ଭାସ୍‌ରେ ଚିତ୍ରିତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ଗଠନ ନିମନ୍ତେ ଯୁବପିଢ଼ି ନିଜର ସକ୍ରିୟ ଯୋଗଦାନ ଦେବା ସହିତ ସ୍ୱପ୍ନର ଭାରତକୁ ଚିତ୍ରକଳା ମାଧ୍ୟମରେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେବା ସହ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଦେବଯାନୀ ଭୂୟାଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତୀଶ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଚିତ୍ରକଳା କର୍ମଶାଳାରେ ଚିତ୍ରଶିଳ୍ପୀଙ୍କ ଚିତ୍ରକଳାଗୁଡ଼ିକ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ପ୍ରଦର୍ଶିତ ହେବ।

# ଗାନ୍ଧିଜୀଙ୍କ ସ୍ୱଦେଶୀ ଆହ୍ୱାନର ପ୍ରାସଙ୍ଗିକତା ବୃଦ୍ଧି ପାଉଛି

## କଟକ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

କଟକ,୩।୧୦(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲାସ୍ତରୀୟ ମହାତ୍ମାଗାନ୍ଧିଙ୍କ ୧୫୬ତମ ଜୟନ୍ତୀ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧି ସ୍ମୃତି ପୀଠରେ ଗୁରୁବାର ପାଳିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ଶିନ୍ଦେ କହିଲେ, ଗାନ୍ଧୀ ଜୟନ୍ତୀ କେବଳ ଏକ ସ୍ମୃତିଚାରଣର ଦିବସ ନୁହେଁ, ଏହା ହେଉଛି ଗାନ୍ଧିଜୀଙ୍କ ମୂଲ୍ୟବୋଧ, ଅହିଂସା, ସତ୍ୟ, ସ୍ୱଚ୍ଛତା ଓ ସେବା ପ୍ରତି ଆମ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ। ଗାନ୍ଧିବାଦକୁ ନିଜ ଜୀବନରେ ଆପଣେଇବା, ପରିବେଶ ସୁରକ୍ଷିତ ରଖିବା, ସ୍ୱଚ୍ଛତାକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ଆଦି ଉପରେ ଗୁରୁତ୍ୱାରୋପ କରି ଗାନ୍ଧିଜୀଙ୍କ ସ୍ୱଦେଶୀ ଆହ୍ୱାନର ପ୍ରାସଙ୍ଗିକତା ବୃଦ୍ଧି ପାଉଛି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନାସଭା ଅନୁଷ୍ଠିତ ହୋଇଥିଲା। ଶୁକଦେବ ସ୍ୱାଇଁ ଗୀତା, ସନ୍ଦୀପ ନାୟକ ବାଇବେଲ ଏବଂ ତାଜ ଉଦ୍ଦିନ ଖାନ କୋରାନ ପାଠ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତେଲେଙ୍ଗାପେଣ୍ଠଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଟକ ସଦର ବିଧାୟକଙ୍କ ପ୍ରତିନିଧି ସ୍ୱାଧୀନ ଚନ୍ଦ୍ର ମହାନ୍ତି ଯୋଗଦେଇ ଗାନ୍ଧୀସ୍ମୃତି ପୀଠର ମାହାତ୍ମ୍ୟ, ଗୁରୁତ୍ୱ ତଥା ଉନ୍ନତିକରଣ ଉପରେ ବକ୍ତବ୍ୟ ରଖିଥିଲେ। କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ କର୍ପୋରେଟର ମମତା ମହାନ୍ତି, କଟକ ମହାନଗର ନିଗମ ସହକାରୀ ଆୟୁକ୍ତ ତ୍ରିନାଥ ବେହେରା, ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବାଙ୍କୀଠାରେ ଆଦର୍ଶ ଯୁବ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଉଛି।

**ଚୌଦ୍ୱାର, (ଆଶୁତୋଷ ଦାସ):** ଚୌଦ୍ୱାରରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଧନେଶ୍ୱର ଜେଠୀ, ନୃସିଂହ ଚରଣ ନାୟକ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, କାଉନସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, ଦିଲୀପ କୁମାର ସାହୁ, ମନୋଜ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଶୋଭାଯାତ୍ରାକାରୀ ମାନେ ବିରୁପା ନଦୀ କୂଳରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପୌରପାଳିକା ପକ୍ଷରୁ ବିଚିତ୍ରାନନ୍ଦ ସ୍ୱାଇଁ, ତପନ କୁମାର ସାହୁ, ସନ୍ତୋଷ କୁମାର ହୋତା, ଅନିରୁଦ୍ଧ ସାହୁ ଓ ପୌର କର୍ମଚାରୀ ଏବଂ ବହୁ ବରିଷ୍ଠ ନାଗରିକ ଏହି ଯୋଗଦେଇ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଭାତରେ ସ୍ଥାନୀୟ ଶିଶୁ ସଦନରେ ପିଲାମାନଙ୍କ ଦ୍ୱାରା ଗୀତାପାଠ, ସମୂହ ବେଦ ଆବୃତ୍ତି, ସର୍ବଧର୍ମ ପ୍ରାର୍ଥନା, ଗାନ୍ଧୀ ବାଣୀ ଆଦି ମାଧ୍ୟମରେ ଦୁଇ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହିନ୍ଦ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଶିଶୁ ସଦନର ଅନ୍ତେବାସୀମାନଙ୍କ ସହିତ ରାମଧୂନ କରି ଶୋଭାଯାତ୍ରାରେ ଯାଇ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

**ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀର ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ, ରଘୁନାଥ ଓ ଶୁଭଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ପରିଚାଳନାରେ ଚକାପଦାସ୍ଥିତ ଭୂତନାଥ ମନ୍ଦିର ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ଆହ୍ୱାନ କ୍ରମେ ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁବକ ଓ ମହିଳା ଏହି ଅବସରରେ ଅବସରରେ ମନ୍ଦିର ପରିସର ସଫେଇ କରିଥିଲେ। ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର ଯୁବସମାଜ ନିଜ ଅଞ୍ଚଳରେ ଭଲ କାମ କରି ଭାରତ ବର୍ଷକୁ ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରନ୍ତୁ ବୋଲି ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା, କବି ଶଶୀଭୂଷଣ ତ୍ରିପାଠୀ ପ୍ରମୁଖ ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ମହିଳା ନେତ୍ରୀ ଭାରତୀ ରାଉତ, ଅଶାନ୍ତି ରାଉତ, ଗୀତାଞ୍ଜଳି ଦାସ, ସରୋଜିନୀ ଦାସ, ଯୁବ ସଙ୍ଗଠକ ଦୀପୁ ରଣା, ନନ୍ଦ ରଣା, ଅର୍ପିତ କୁମାର ସାମଲ, ସାଇ ରଣା, ଓମ ପ୍ରକାଶ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ବାଙ୍କୀ କଲେଜ ଆଲୁମନି ଆସୋସିଏଶନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସ କଲେଜ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଆସୋସିଏଶନର ସମ୍ପାଦକ ବୃନ୍ଦାବନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ପରିସରରେ ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସେମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗୁରୁଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶିଷ କୁମାର ରାଉତ, ପଣ୍ଡିତ ପ୍ରହ୍ଲାଦ ବେଉରା, ଅଂଶୁମାନ ରାଉତ ଓ ସୁଦିତ୍ୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

**ତ୍ରିଶୂଳିଆ, (ତୁଷାରକାନ୍ତ ବେହେରା):** ଆଞ୍ଚଳିକ ପ୍ରେସ୍ କ୍ଲବ, ବାରଙ୍ଗ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଗତ ଗୁରୁବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କ୍ଲବ କାର୍ଯ୍ୟାଳୟରେ କ୍ଲବ ସଭାପତି ମହେନ୍ଦ୍ର କୁମାର ବେଉରାଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଭଞ୍ଜ, ସମ୍ପାଦକ ରୁଦ୍ରନାରାୟଣ ଷଡ଼ଙ୍ଗୀ, ମନୋଜ ସ୍ୱାଇଁ, କୋଷାଧକ୍ଷ ପ୍ରବୀଣ ପ୍ରଧାନ, ତୁଷାରକାନ୍ତ ବେହେରା, ପ୍ରଶାନ୍ତ ସାହୁ, ଦୁଷ୍ମନ୍ତ ଜେନା, ଟୁଲୁ ପାତ୍ର, ବିକାଶ ବେହେରା, ସୁବାସ ସାହୁ ସମେତ କ୍ଲବର ମୁଖ୍ୟ ଉପଦେଷ୍ଟା ସନ୍ତୋଷ ପାଣି, ଗୌରାଙ୍ଗ ଚରଣ ରାଉତଙ୍କ ସମେତ ଖବରଦାତାମାନେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଯୁବପିଢ଼ି ଗାନ୍ଧିଜୀଙ୍କ ମାର୍ଗଦର୍ଶନରେ ଅନୁପ୍ରେରିତ ହୁଅନ୍ତୁ

କଟକ,୩।୧୦ (ଶିଳ୍ପା ପ୍ରିୟଦର୍ଶିନୀ)

୧୫୬ତମ ଗାନ୍ଧୀଜୟନ୍ତୀ ଅବସରରେ ଗୁରୁବାର କଟକ ପୁରୀଘାଟସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଟକ ମେୟର ସୁବାସ ସିଂ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମେୟର ସୁବାସ କହିଥିଲେ ଯେ, ସତ୍ୟ, ଅହିଂସା, ଧର୍ଯ୍ୟ ଓ ସତ ମାର୍ଗ ଅବଲମ୍ବନ କରି ଶାନ୍ତିପ୍ରିୟ ଭାରତର ସ୍ୱାଧୀନତା ହାସଲ କରିଥିଲେ। ଆଜିର ଯୁବପିଢ଼ି ଗାନ୍ଧିଜୀଙ୍କ ମାଗଦର୍ଶନରେ ଅନୁପ୍ରାରିତ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ମେୟର ଅନିତା ବେହେରା, ସ୍ଥାନୀୟ କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ରବୀନ୍ଦ୍ର ସାହୁ, ଅର୍ପିତ ଦାସ, ତନମୟୀ ରାୟ, ପ୍ରଶାନ୍ତ ନାୟକ, ଦେବେନ୍ଦ୍ର ପାଣିଗ୍ରାହୀ, କେ. ନିଖିଳ କୁମାରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବି, ଯୁବକ ଓ ଗାନ୍ଧୀବାଦୀ ନେତା ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଏନ୍‌ପିଏସ୍ ସଂଘ ଗଠନ



ସାଧାରଣରେ ସଭାରେ ଯୋଗଦେଇଥିବା ଏନ୍‌ପିଏସ୍ ସଂଘର କର୍ମକର୍ତ୍ତାମାନେ।

ବାଙ୍କୀ, ୩।୧୦(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ରୁଚିକା ମାର୍କେଟ ପରିସରରେ ବରିଷ୍ଠ ଶିକ୍ଷକ ମାନସ କୁମାର ନନ୍ଦଙ୍କ ସଭାପତିତ୍ୱରେ ନୂତନ ଏନ୍‌ପିଏସ୍ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ବ୍ଲକରେ ଥିବା ପୁରୁଣା ସଂଘ ଭାଙ୍ଗିଯାଇଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସର୍ବସମ୍ମତି କ୍ରମେ ନୂତନ ସଂଘ ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସଂଘ ସଭାପତି ଭାବେ ସରୋଜ କୁମାର ମହାପାତ୍ରଙ୍କୁ ଚୟନ କରାଯାଇଥିବାବେଳେ କାର୍ଯ୍ୟକାରୀ ସଭାପତି କୀର୍ତ୍ତିରଞ୍ଜନ ବେହେରା, ସମ୍ପାଦକ ଦାଶରଥୀ ପରିଡ଼ା, ଉପସଭାପତି ବ୍ରହ୍ମାନନ୍ଦ ଧଳ ଓ ବିଭୁତି ଭୂଷଣ ସେଠୀ, ସହ ସମ୍ପାଦକ ଦୀନବନ୍ଧୁ ସେଠ ଓ ସୁଧୀର କୁମାର ବେହେରା, କୋଷାଧକ୍ଷ ସୁବ୍ରତ କୁମାର ଛାଟୋଇଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ମାନସ କୁମାର ନନ୍ଦ, ବିଦ୍ୟାଧର ଖଟୁଆ, ବିଜୟଲକ୍ଷ୍ମୀ ସାହୁ, ରଘୁନାଥ ପଣ୍ଡା, ସନ୍ଧ୍ୟାରାଣୀ ଧଳ, ସଭାକାନ୍ତ ସାହୁ, କାର୍ଯ୍ୟାଳୟ ସଂଯୋଜକ ବେଣୁଧର ବେହେରା, ଗଣମାଧ୍ୟମ ସଂଯୋଜକ ଶିବ ପ୍ରସାଦ ପରିଡ଼ା ଓ ରାଜେନ୍ଦ୍ର ମଙ୍ଗୁଆଳ, କୋର୍ କମିଟି ସଦସ୍ୟ ସଞ୍ଜୟ କୁମାର ପତି, ଶିବ ପ୍ରସାଦ ଦାସ, ରାଜେନ୍ଦ୍ର କୁମାର ବାରିକ, ନିର୍ମଳ କୁମାର ବେହେରା, ଚୈତନ୍ୟ ବେହେରା, ବିଦ୍ୟାଧର ନାୟକ, ଚକ୍ରଧର ପ୍ରଧାନ, ପ୍ରଫୁଲ୍ଲ ପାଳ ଓ ସୁଶାନ୍ତ କୁମାର ସେଠୀ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

# ଭସାଣିରେ ହିନ୍ଦୁ ମୁସଲିମ ହାତାହାତି

କଟକ,୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦଶହରା ଭସାଣି ସମୟରେ ଉତ୍ତେଜନା ଦେଇଛି। କଟକସ୍ଥିତ ହାତିପୋଖରୀରୁ ଦରଘାବଜାର ଦେଇ ଶୋଭାଯାତ୍ରା ଯାଉଥିବା ସମୟରେ କୌଣସି କାରଣ ଯୋଗୁ ଉକ୍ତ ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ଲୋକେ ବଚସା କରିଥିଲେ। ପରେ ଘଟଣା ତୀବ୍ର ରୂପ ନେଇଥିଲା। ଉକ୍ତ ଅଞ୍ଚଳରେ ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ହୋଇଥିଲା। ଦୁଇ ପୂଜା କମିଟି କର୍ମକର୍ତ୍ତା ଆହତ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ କଟକ ଡିସିପିଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ସ୍ଥିତି ଆୟତ୍ତକୁ ଆଣିବା ପ୍ରୟାସ ଜାରିରଖିଥିବା ଜଣାପଡିଛି।

# ଶାନ୍ତିଶୃଙ୍ଖଳାରେ ସରିଲା ମା’ଙ୍କ ଭସାଣି

ତିଗିରିଆ,୩।୧୦(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତରେ ଦଶହରା ଭସାଣି କାର୍ଯ୍ୟକ୍ରମ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ପଞ୍ଚାୟତର ବିଭିନ୍ନ ପୂଜା ମଣ୍ଡପରେ ମା’ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସହ ପୂଜା ପାଉଥିବା ଅନ୍ୟାନ୍ୟ ଦେବାଦେବଙ୍କୁ ଶୁକ୍ରବାର ବିଦାୟ ଦିଆଯାଇଛି। ଏହି ଅବସରରେ ସର୍ବପ୍ରଥମେ ସମସ୍ତ ମେଢ଼ ପୂର୍ବ ନିର୍ଦ୍ଧାରିତ ଅନୁକ୍ରମ ଅନୁସାରେ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକତ୍ରିତ ହୋଇଥିଲେ। ପରେ ସମସ୍ତ ମେଢ଼ ପର୍ଯ୍ୟାୟକ୍ରମେ ପ୍ରଥମେ ସାତଘରିଆ ସାହି, କଦମ୍ବ ସାହି, ପଡ଼ିଆରୀ ସାହି, ସାମନ୍ତ ସାହି, ଦଳେଇ ସାହି, ତଳ ସାହି, ମଠ ସାହି, ବୈଦ୍ୟ ସାହି ଓ ଶେଷରେ ବଣିଆସାହି ପରିକ୍ରମା କରିଥିଲା। ଶେଷରେ ଗ୍ରାମ ପୋଖରୀ ପାଣିରେ ବିସର୍ଜନ ହୋଇଥିଲା। ସେହିପରି ଗୁରୁବାର ଦଶହରା ଉପଲକ୍ଷେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯାତ୍ରା କମିଟି ପକ୍ଷରୁ ୪୦ ଫୁଟରୁ ଉର୍ଦ୍ଧ ରାବଣ ତିଆରି କରାଯାଇଥିବା କମିଟିର ସଭାପତି ସନାତନ ପ୍ରଧାନ ଓ ସମ୍ପାଦକ ମନୋଜ ପଣ୍ଡା ସୂଚନା ଦେଇଛନ୍ତି। ଏହି ଭସାଣି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସମାପ୍ତ ପାଇଁ ତିଗିରିଆ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି।



ପାଞ୍ଚଗାଁରେ ମା’ ଦୁର୍ଗାଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ନନ୍ଦନକାନନରେ ବନ୍ୟପ୍ରାଣୀ ସପ୍ତାହ

ତ୍ରିଶୂଳିଆ,୩।୧୦(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍ୟାନରେ ପ୍ଲାଷ୍ଟିକ୍‌ନିରୋଧୀ ଅଭିଯାନ ସମ୍ପର୍କରେ ସଚେତନତା କରାଯିବା ସହ ଗପ ଓ ଅନ୍‌ଲାଇନରେ କୁଇଜ୍ ପ୍ରତିଯୋଗିତା କରାଯାଇଛି। ଏଥିରେ ନନ୍ଦନକାନନ କର୍ମଚାରୀ, ବନରକ୍ଷୀ, ବନପାଳ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ସହକାରୀ ବନସଂରକ୍ଷକ କ୍ଷୀରାବ୍ଧି ପ୍ରଧାନ, ଏସିଏଫ୍ ନୂତନ ହେମ୍ବ୍ରମ, ରାଜ୍ୟ ଉଦ୍ଭିଦ ଉଦ୍ୟାନ ରେଞ୍ଜର ଖେଳପ୍ରିୟ ସାହୁ, ନିରାପତ୍ତା ରେଞ୍ଜର ଭଗବାନ ବିଶୋଇ, ସ୍ୱତନ୍ତ୍ର ରେଞ୍ଜର ରଞ୍ଜିତା ସାହୁ ପ୍ରମୁଖ ଯୋଗ ଦଇଥିଲେ। ଉତ୍ସବକୁ ନନ୍ଦନକାନନ ଶିକ୍ଷାଧିକାରୀ ମିଳନ ପଣ୍ଡା ପରିଚାଳନା କରିଥିଲେ। ଏହି ବନ୍ୟପ୍ରାଣୀ ସପ୍ତାହ ୨ରୁ ଆରମ୍ଭ ହୋଇ ଆସନ୍ତା ୮ରେ ଶେଷ ହେବ।

# ଟ୍ରକ୍ ପଛରେ ପିଟିଲା ଯାତ୍ରୀବାହୀ ବସ୍: ୧୬ ଆହତ

ଖୁଣ୍ଟୁଣୀ,୩।୧୦ (ସଚ୍ଚିଦାନନ୍ଦ ପଣ୍ଡା)

## ସମସ୍ତ ଆହତ କଟକ ଏସ୍‌ସିବିରେ ଭର୍ତ୍ତି

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ବାଲି-ବଉଳ ମଧ୍ୟବର୍ତ୍ତୀ ସ୍ଥାନରେ ଶୁକ୍ରବାର ଅପରାହ୍ନରେ ଏକ ଯାତ୍ରୀବାହି ବସ୍ ଆଗରେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ପଛରେ ପିଟି ହୋଇଯାଇଛି। ଫଳରେ ବସରେ ଥିବା ୩୧ଜଣ ଯାତ୍ରୀଙ୍କ ମଧ୍ୟରୁ ୧୬ଜଣ ଆହତ ହୋଇଛନ୍ତି। ଗୁରୁଡ଼ିଝାଟିଆ ଥାନା ଆଇଆଇସି ତପନ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ ଓ ବସ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଯେ, ଅପରାହ୍ନରେ ବଡ଼ମ୍ବାରୁ କଟକ ଆସୁଥିବା ଏକ ବସ୍ (ନଂ.ଓଆର୦୫ଏଏଲ-୨୫୫୫) ଯାତ୍ରୀବାହୀ ବସ ବାଲି ଓଭର ବ୍ରିଜ ଉପରେ ଆଗରେ କଟକ ପଟକୁ ଯାଉଥିବା ଟ୍ରକ୍ (ନଂ.ଓଡି୩୫ସି-୪୬୬୯) ପଛରେ ଜୋର ପିଟି ହୋଇଯାଇଥିଲା। ଫଳରେ ବସରେ ବସିଥିବା ସମସ୍ତ ଯାତ୍ରୀ ସିଟ ଉପରୁ ଖସି ପଡ଼ିଥିଲେ। କେତେକ ଯାତ୍ରୀଙ୍କ ଆଗ ସିଟରେ ପିଟିହୋଇ ମୁଣ୍ଡ ଫାଟିଥିବା ବେଳେ କେତେ ବାଳକଙ୍କ ହାତ ଭାଙ୍ଗିଥିବା ଆଇଆଇସି ପତ୍ରି କହିଛନ୍ତି। ଏମାନଙ୍କ ମଧ୍ୟରୁ ବଡମ୍ବା ଅଞ୍ଚଳର ଜଣେ ୫୦ ବର୍ଷୀୟ ମହିଳାଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଅନ୍ୟ ସମସ୍ତେ ଅଳ୍ପବହୁତେ ଆହତ ହୋଇଥିବା ଆଇଆଇସି ପତ୍ରି କହିଛନ୍ତି। ବସ୍‌ର ଆଗ ପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

# ‘ମାଟିର ବିକାଶ, ଅଞ୍ଚଳର ସ୍ୱାଭିମାନ ରକ୍ଷା ପାଇଁ ବିକାଶ ପରିଷଦ ପ୍ରତିଶ୍ରୁତିବଦ୍ଧ’

ଆଠଗଡ, ୩।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ର ଅଗ୍ରଣୀ ଅନୁଷ୍ଠାନ ଆଠଗଡ ବିକାଶ ପରିଷଦର ପୂଜାମିଳନ ଉତ୍ସବ ଚଳିତ ଶାରଦୀୟ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହେଇଯାଇଛି। ମାଟିର ବିକାଶ ଓ ଅଞ୍ଚଳର ସ୍ୱାଭିମାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବିକାଶ ପରିଷଦର ଉକ୍ତ ବନ୍ଧୁ ମିଳନ ସମ୍ବର୍ଦ୍ଧନା ସମାରୋହରେ ଓଡିଶାର ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିଷଦର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ପରିଷଦର ସ୍ଥାୟୀ ସଭାପତି ରାମନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠଗଡ ଉପଖଣ୍ଡ ବରିଷ୍ଠ ଅଧିବକ୍ତା ପ୍ରାଣକୃଷ୍ଣ ଦାଶ, ଅବସରପ୍ରାପ୍ତ ଶିକ୍ଷକ ଯୋଗିନାଥ ଦାଶ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଅବସରପ୍ରାପ୍ତ ମୁଖ୍ୟ କ୍ରମିକ ଅଧିକାରୀ ଦୁର୍ଗା ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବୋଧ ପଟ୍ଟନାୟକ, ସମ୍ମାନିତ ଅତିଥି ଓ ପୂର୍ବତନ ମୁଖ୍ୟ ସୁରକ୍ଷା ଓ ନିରାପତ୍ତା ଅଧିକାରୀ ସ୍ୱାଧୀନ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ସମଗ୍ର



ସମ୍ବର୍ଦ୍ଧନା ସମାରୋହରେ ଅତିଥି ଓ ଆଠଗଡ଼ ବିକାଶ ପରିଷଦର ନେତୃମଣ୍ଡଳୀ।

## ପୂଜା ମିଳନ ଉତ୍ସବ

ଆଠଗଡ ଉପଖଣ୍ଡକୁ ବିକାଶ ପରିଷଦ କାର୍ଯ୍ୟଧାରା ଆଗେଇ ନେଉ ବୋଲି ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟ ଅତିଥିମାନେ ଆଠଗଡକୁ ଜିଲା ମାନ୍ୟତା ପ୍ରଦାନ ପାଇଁ ଯାହା ଆବଶ୍ୟକ ସେଥିପାଇଁ ବିକାଶ ପରିଷଦ ଦାବି କରୁ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ବିଧାୟକ ରସାନନ୍ଦ ସାହୁ, ଲୋକସେବକ ମଣ୍ଡଳ ଆଜୀବନ ସଦସ୍ୟ ପଣ୍ଡିତ ନିରଞ୍ଜନ ରଥ, କବିରାଜ ପ୍ରତାପ ରୁଦ୍ର ବେଉରାୟ ଓ ଆଦର୍ଶ ଶିକ୍ଷକ ରାଜକିଶୋର ଖଟୁଆଙ୍କ ପ୍ରତିଛବିରେ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ସୁଭାସ ଚନ୍ଦ୍ର ପଟ୍ଟନାୟକ, ସମ୍ କଲେଜ ଆଣ୍ଡ ହସ୍ପିଟାଲର ଆସିଷ୍ଟାଣ୍ଟ ଡିନ୍ ପ୍ରଫେସର ଡା. ପ୍ରକାଶ କୁମାର ସାହୁ, ‘କୀଟ’ର ରେଜିଷ୍ଟ୍ରାର ଡ. ଜ୍ଞାନ ରଞ୍ଜନ ମହାନ୍ତି, ଡେପୁଟି ଡାଇରେକ୍ଟର ପ୍ରସିକୁସନ ନଳିନୀ କାନ୍ତ ମହାରଣା, ସମ୍ କଲେଜ ଆଣ୍ଡ ହସ୍ପିଟାଲର ମହିଳା ପ୍ରସୂତି ବିଭାଗ ମୁଖ୍ୟ ଡା. ମନୀଷା ସାହୁଙ୍କ ସହ ୨ କୃତି ବିଦ୍ୟାର୍ଥୀ ବୈଭବ ମହାରଣା ଓ ବୈଶାଳୀ ମହାରଣାଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାୟୀ ସଭାପତି ରାମ ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ସୁରେଶ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଆଇନଜୀବୀ ତଥା ସାମାଜିକ କର୍ମୀ ବିକ୍ରମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ପରିଷଦର ୩୦୦ଶହରୁ ଉର୍ଦ୍ଧ୍ୱ ସଭ୍ୟ ଏଥିରେ ଯୋଗଦେଇଥିଲେ।

## ଫଟୋ ରେଖା ବର



ଓଡ଼ିଶା ହାଇକୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରୁଥିବା ବିଚାରପତି ଓ ବିଚାର ବିଭାଗ ଅଧିକାରୀ।



ଡ୍ରିମ୍‌ସରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ଅତିଥି। (ଫଟୋ: ରାଜକିଶୋର ମହାନ୍ତି)

**ମା' କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଉଦ୍‌ଘାଟିତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ବ୍ଲକ ନିକଟ ଦଶହରା ପଡ଼ିଆରେ ମା' କୁଞ୍ଜେଶ୍ୱରୀଙ୍କ ୨୦ତମ ଶାରଦୀୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ସ୍ଥାୟୀ ସଭାପତି କଣାସ ବମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ କଣାସ ସାନମଠ ମହନ୍ତ ବିଶ୍ୱମ୍ଭର ଦାଶ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାଶ ମହାରାଜ, ବେହେଣ୍ଡା ମଠ ମହନ୍ତ ବୈଷ୍ଣବଚରଣ ଦାଶ, ଅନୁଷ୍ଠାନର ସଂପାଦକ ସୁକାନ୍ତ କିଶୋର ସାମନ୍ତରାୟ, ଦେବତା ପରିଡା ଅତିଥି ଭାବେ ଯୋଗଦେଇ ମହୋତ୍ସବର ଉଦ୍ଦେଶ୍ଯ ସଂପର୍କରେ ସୂଚନା ଦେବାସହ କଣାସ ଅଂଚଳରେ ଲୁକାୟିତ ହୋଇ ରହିଯାଉଥିବା ପ୍ରତିଭାମାନଙ୍କୁ ଆଗଧାଡିକୁ ଆଣିବା ପାଇଁ ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପାଦକ ସାମନ୍ତରାୟ ସୂଚନା ଦେଇଥିଲେ।




୩।୧୦।୨୦୨୫

| | |
|---|---|
| ୫,୯୩,୫୮୯ ଟଙ୍କା | |
| ସୁନା | ୪.୩୫୦ ଗ୍ରାମ୍ |
| ରୁପା | ୪୯.୩୦୦ ଗ୍ରାମ୍ |

# ସାକ୍ଷୀଗୋପାଳଙ୍କ ଜମି ଶାଗମାଛ ଦରରେ ବିକ୍ରିକୁ ବିରୋଧ

ସାକ୍ଷୀଗୋପାଳ,୩।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ପାଇଁ ସାକ୍ଷୀଗୋପାଳ ଠାକୁରଙ୍କ ମୂଲ୍ୟବାନ୍ ଜମି ଶାଗମାଛ ଦରରେ ବିକ୍ରି ପ୍ରକ୍ରିୟାକୁ ବିରୋଧକରି ସତ୍ୟବାଦୀ ସଚେତନ ନାଗରିକ ଓ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶତାଧିକ ଶ୍ରଦ୍ଧାଳୁ ହାତରେ ପ୍ଲା-କାର୍ଡ ଧରି ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗର ଏଭଳି ଚକ୍ରାନ୍ତକୁ ନିନ୍ଦା କରିଥିଲେ। ଉଚିତ ବଜାରଦର ଧାର୍ଯ୍ୟ କରା ନ ଯିବା ପର୍ଯ୍ୟନ୍ତ ବିକ୍ରି ପ୍ରକ୍ରିୟା ବନ୍ଦ ରଖିବାକୁ ତୁରନ୍ତ ଆଦେଶ ଦିଆଯାଉ ବୋଲି ସେମାନେ କହିଥିଲେ।

ଠାକୁରଙ୍କୁ ଠକେଇ ଚଳିବ ନାହିଁ। ନ୍ୟାଯ୍ୟ ଦାବି ହାସଲ ପାଇଁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆଡ୍‌ଭୋକେଟ ଗୋବିନ୍ଦ ମହାପାତ୍ର କହିଛନ୍ତି। ସେହିପରି ହାଇକୋର୍ଟରେ ନ୍ୟାୟ ପାଇଁ ପ୍ରାର୍ଥନା କରିଥିବା ସେବାୟତ ନରହରି ମହାପାତ୍ର ଠାକୁରଙ୍କୁ ଠକେଇକୁ ଦୃଢ଼ ବିରୋଧ କରାଯିବ ବୋଲି କହିଥିବା ବେଳେ ଆଡ୍‌ଭୋକେଟ ବିନାୟକ ମହାନ୍ତି ଏହି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ୬ ବର୍ଷ ତଳେ ବଜାରଦରରେ ବିକ୍ରି ହୋଇଥିବା ଜମି ଦର ଅଧିକ ହେବା ପରିବର୍ତ୍ତେ ଏବେ ଶହେଗୁଣ କମ୍‌ରେ ବିକ୍ରି ପଛର ରହସ୍ୟ ଉନ୍ମୋଚନ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ସତ୍ୟବାଦୀ ଦାସ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ଲୋକନାଥ ବାରିକ, ସୁଦର୍ଶନ ସାହୁ, ଆଡ୍‌ଭୋକେଟ ସୁଶାନ୍ତ କୁମାର ରଥ ପ୍ରମୁଖ ଠାକୁରଙ୍କ ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ସ୍ୱଚ୍ଛତା ରହିବା ଜରୁରୀ ବୋଲି କହିଥିଲେ।

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆରମ୍ଭ

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ନୀତି ଆରମ୍ଭ ହୋଇଛି। ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ଏକମାସ ଧରି ଏହି ବେଶ ଚାଲିବ। ସେହିପରି ଏକାଦଶୀ ତିଥିରୁ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗିହୋଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, କାର୍ତ୍ତିକ ମାସରେ ମଙ୍ଗଳଆଳତି ଓ ଅବକାଶ ନୀତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ଠାକୁରମାନେ ଏହି ବେଶରେ ବାଳଭୋଗ ପର୍ଯ୍ୟନ୍ତ ରହିଥିବାବେଳେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ। ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି। ବାଳଭୋଗ ପରେ ତିନିବାଡ଼ରେ ବନ୍ଦାପନା ଓ ବେଶ ଓଲାଗି ହୋଇଥାଏ। ଏହି ବେଶରେ ଫୁଲନିର୍ମିତ ଗୁଣା, ଚିତା ଓ ଅଧରମାଳା ସହ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଦୁଇ ହସ୍ତରେ ସୁବର୍ଣ୍ଣ ନଳୀଭୁଜ, ତ୍ରିମୁଣ୍ଡିରେ ବାଉଁଶ ପାଟିଆ ଓ କନାରେ ନିର୍ମିତ ଚୂଳ, ଚୂଳ ଅଗ୍ରଭାଗରେ ରୁପା, ଚନ୍ଦ୍ରିକା, କର୍ଣ୍ଣରେ କୁଣ୍ଡଳ, କଟିରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଓ ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ି, ଶିରି କପଡ଼ା, ବଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ। ବିଭିନ୍ନ ବାରରେ ଶ୍ରୀବିଗ୍ରହମାନେ ପୃଥକ ରଙ୍ଗର ପାଟବସ୍ତ୍ର ଲାଗିହୋଇଥାନ୍ତି। ସକାଳ ଧୂପ ବଢ଼ିବା ପରେ ବାଳଭୋଗ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚଉପଚାରରେ ପ୍ରତ୍ୟେକ ଦିନ ବାଳ ଭୋଗ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ସୁନାବେଶ ସହ ଆୟୁଧ ପୂଜା

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ଦଶହରା ଉତ୍ସବ ପାଳିତ ହୋଇଯାଇଛି। ଅବକାଶ ନୀତିପରେ ତିନିବାଡ଼ରେ ଚନ୍ଦନ ଲାଗି ଓ ଶ୍ରୀବିଗ୍ରହମାନଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ପରେ ସୁନାବେଶ ହୋଇଥିଲା। ବେଶ ସମୟରେ ଶ୍ରୀବିଗ୍ରହମାନଙ୍କୁ ଆୟୁଧ ଲାଗି କରାଯାଇ ନ ଥିଲା। ବେଶ ବଢ଼ି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ସେହିପରି ଆୟୁଧ ପୂଜାନୀତି ସମ୍ପନ୍ନ କରାଯାଇଥିଲା। ପାଳିଆ ମେକାପ ତିନିଟି ରୁପାଥାଳିରେ ଆୟୁଧ ରଖି ତଳଚ୍ଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ବଳଭଦ୍ରଙ୍କ ବାଡ଼ରେ ହଳମୂଷଳ, ସୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣ ତଡ଼କୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖ ଚକ୍ର ଆୟୁଧ ଲାଗି କରିଥିଲେ। ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଳାକୁ ବିଜେ କରିବା ନିମନ୍ତେ ବୀରବେଶ ଧାରଣ କରିଥିଲେ। ମଦନମୋହନ ଓ ରାମକୃଷ୍ଣଙ୍କ ସହ ଦୁର୍ଗାମାଧବ ଜଗନ୍ନାଥ ବଲ୍ଲଭ ନିକଟକୁ ବିଜେ କରିଥିଲେ। ତିନିବାଡ଼ରେ ମଙ୍ଗଳାର୍ପଣ କରାଯାଇଥିଲା। ଜଗନ୍ନାଥ ବଲ୍ଲଭ ମଠରେ ଠାକୁରଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା।

### ଗାନ୍ଧୀ ସ୍ମୃତିପୀଠରେ କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ

ପୁରୀ, ୩।୧୦(ଅଜିତ କୁମାର ମହାନ୍ତି)

ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ଦିବସ ଅବସରରେ ଶୁକ୍ରବାର ପୁରୀ ଗାନ୍ଧୀ ସ୍ମୃତି ପୀଠରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଗାନ୍ଧୀ କଥା ଆଲୋଚନା ହୋଇଥିଲା। ଦେଶ ଗଠନରେ ତଥା ସତ୍ୟ ଏବଂ ଅହିଂସା ଆଧାରରେ ଭାରତ ସ୍ୱାଧୀନତା ଲାଭ କରିଥିବାବେଳେ ଅଧୁନା ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ଗାନ୍ଧୀଙ୍କ ଦର୍ଶନ ପାଠ୍ୟକ୍ରମ ଅଗ୍ରଣୀ ଭୂମିକା ନେଇଛି ବୋଲି କଂଗ୍ରେସ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ନଗର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟ, ଦଳୀୟ ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା, ପୂର୍ବତନ କାଉନସିଲର ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, ଆର୍ତ୍ତତ୍ରାଣ ସାହୁ, ଅବିନାଶ ମିଶ୍ର, ଅମିୟ ମହାପାତ୍ର, ରାଜା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍‌ଏସ୍‌ଏସ୍ ଶତାବ୍ଦୀ ବର୍ଷର ଉଦ୍‌ଘାଟନୀ ଉତ୍ସବ

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପୁରୀ ଦ୍ୱାରା ଆୟୋଜିତ ବିଜୟା ଦଶମୀ ଉତ୍ସବ ଶତାବ୍ଦୀ ବର୍ଷର ଉଦଘାଟନୀ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରୁ ଶତାଧିକ ସ୍ୱୟଂସେବକ ଏକ ଭବ୍ୟ ପଥସଂଚଳନ ବାହାରି ଚକ୍ରତୀର୍ଥ, ଦିବ୍ୟଧାମ ଆଶ୍ରମ, ଶ୍ରୀକ୍ଷେତ୍ର କଲୋନୀ ଦେଇ ଭୂଦାନ ବସଷ୍ଟାଣ୍ଡ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ନଗର ସଂଘ ଚାଳକ ଶ୍ୟାମସୁନ୍ଦର ହାଲଦାର, ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାନ୍ତ ସଂଘ ଚାଳକ (ଓଡ଼ିଶା ପୂର୍ବ) ସମୀର କୁମାର ମହାନ୍ତି ଯୋଗଦେଇ ହିନ୍ଦୁ ସମାଜକୁ ସୁସଂଗଠିତ, ବ୍ୟବସ୍ଥିତ ଓ ଭାରତବର୍ଷକୁ ଏକ ପରମ ବୈଭବଶାଳୀ ରାଷ୍ଟ୍ର କରିବାର ସଂକଳ୍ପ ନେବା ପାଇଁ ପ୍ରେରଣା ଦେଇଥିଲେ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ, ଦୁର୍ଗାପୂଜା ମହୋତ୍ସବ

ନିମାପଡ଼ା,୩।୧୦(ବିଚିତ୍ରାନନ୍ଦ ସାହୁ)

ଶ୍ରୀମୁଖ ଆଞ୍ଚଳିକ ଗୋପବନ୍ଧୁ କ୍ଲବ ପକ୍ଷରୁ ୫୦ତମ ମା' ଦୁର୍ଗାଙ୍କ ପୂଜା ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଏବଂ ଦୁର୍ଗାପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ତୁଷାରକାନ୍ତି ବେହେରା, ବିଶିଷ୍ଟ ଶିକ୍ଷାବିତ୍ ଡ. କୁଞ୍ଜବିହାରୀ ମହାନ୍ତି, ବିଶିଷ୍ଟ ଗବେଷକ, ଐତିହାସିକ ତଥା ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏସିପି କନ୍‌ଷ୍ଟ୍ରକ୍ସନ ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଜେ.ଜେ. କନ୍‌ଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ସାମନ୍ତରାୟ, ସୁବର୍ଣ୍ଣ ଜୟନ୍ତୀ ସମାରୋହର ମୁଖ୍ୟ ପରିଚାଳକ ସୁରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। 'ସୁବର୍ଣ୍ଣ ଜୟନ୍ତୀ, ଦୁର୍ଗାପୂଜା ମହୋତ୍ସବ-୨୦୨୫' ଶୀର୍ଷକ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ କଳାକାର, ସାମାଜିକ କର୍ମୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୪ ଦିନ ବ୍ୟାପୀ ଆୟୋଜିତ ନାଟକ ଉତ୍ସବରେ ଅଂଶଗ୍ରହଣ କରି ଚଳିତବର୍ଷ ଶ୍ରେଷ୍ଠ ବିବେଚିତ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିବା ଭୁବନେଶ୍ୱର ବାଙ୍କୁଆଳର ମା' ଗୌରୀ କ୍ଲବକୁ ୫୦ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି ଏବଂ ରନର୍ସଅପ ହୋଇଥିବା ଭୁବନେଶ୍ୱର କେଶୁରାର ଓମ୍ ସାଇ ନାଟ୍ୟ ପରିଷଦକୁ ୪୦ହଜାର ଟଙ୍କା ସମେତ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ୪ଟି ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିଥିଲେ। ଆୟୋଜକ ଆଞ୍ଚଳିକ ଗୋପବନ୍ଧୁ କ୍ଲବର ସଭାପତି ଭାଗ୍ୟଧର ଖଟୋଇ, ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ପରାମର୍ଶଦାତା ପ୍ରଶାନ୍ତ ପରିଡ଼ା, ପ୍ରସନ୍ନ ନାୟକ, ସୀତାରାମ ଖଟୋଇ ପ୍ରମୁଖ ଏହି ସମାରୋହ ଓ ଦୁର୍ଗାପୂଜା ମହୋତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।



ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## କଣାସରେ ଦନ୍ତା ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

କଣାସ,୩।୧୦(ବିଭୂତି ଭୂଷଣ ତ୍ରିପାଠୀ)

ବରୁଣେଇ ପାହାଡ଼ରୁ ୨ ଦନ୍ତା ହାତୀ ଆସି କଣାସ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତର ନାନକେରା ଗ୍ରାମରେ ଗତ ୧ ତାରିଖ ସନ୍ଧ୍ୟାରେ ୨ଟି ଦନ୍ତାହାତୀ ଆସି ଥୋଡ଼ୁଅ ଧାନ ଫସଲ ଗୋଡ଼ରେ ଦଳିଦେବାରୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ସେହି ରାତିରେ ପାଖ ଗ୍ରାମ ଶିମିଳିପାଟଣା ଯାଇ ଧାନଫସଲ କ୍ଷତିଗ୍ରସ୍ତ କରିଥିବା ବେଳେ ୨ ତାରିଖ ଦିନ ଗଡ଼ବଡ଼ପୁଟ ଗ୍ରାମରେ ବ୍ୟାପକ ଥୋଡ଼ୁଅ ଧାନ ନଷ୍ଟ କରିଥିବାରୁ ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିବା ସହ କିପରି ଋଣ ଶୁଝିବେ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ ଧାନଫସଲ ପାଇଁ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗାଁ ମହାଜନଠାରୁ ଚଢ଼ାସୁଧରେ ଋଣ ଆଣି ଧାନଫସଲ କରିଥିଲେ। କ୍ଷତିଗ୍ରସ୍ତମାନଙ୍କୁ ସରକାରୀ ସହାୟତା ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଚକ୍ରାଳତିରେ ଲାଗିଲା ୧୦୮ ଦୀପ କଟକଣା ପାଇଁ ବନ୍ଦରହିଲା ରାବଣ ପୋଡ଼ି

ଅସ୍ତରଙ୍ଗ/କାକଟପୁର,୩।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ବିଜୟାଦଶମୀରେ ଅସ୍ତରଙ୍ଗ ବ୍ଲକ ନଇଗୁଆଁ ଦୁର୍ଗା କ୍ଲବ୍ ପକ୍ଷରୁ ତ୍ରୟୋଦଶ ବାର୍ଷିକ ରାବଣ ପୋଡ଼ି ଅନୁଷ୍ଠିତ ହେବାକୁଥିବା ବେଳେ ପ୍ରଶାସନ କଟକଣା ପରେ ବନ୍ଦ ରହିଥିଲା। ମନସ୍କାମନା ପୂର୍ଣ୍ଣ ପାଇଁ ବିଜୟାଦଶମୀ ଦିନ ସନ୍ଧ୍ୟାରେ ମାନସିକଧାରୀମାନେ ମା' ଦୁର୍ଗାଙ୍କ ନିକଟରେ ଥିବା ଚକ୍ରାଳତିରେ ୧୦୮ ଦୀପ ଲଗାଇଥିଲେ। ଏଥିସହ ତ୍ରୟୋଦଶ ବାର୍ଷିକ ନଇଗୁଆଁ ଦୁର୍ଗାପୂଜା କମିଟି ତରଫରୁ ସୁସଜ୍ଜିତ ଚକ୍ରରେ ଦୀପଗୁଡ଼ିକୁ ସଜ୍ଜିତ କରାଯାଇଥିଲା। ମା'ଙ୍କୁ ଦର୍ଶନ କରିବା ସହ ଚକ୍ରାଳତି ଦେଖିବାକୁ ନଇଗୁଆଁ ଦୁର୍ଗାମଣ୍ଡପ ନିକଟରେ ଲୋକଙ୍କ ସମାଗମ ହୋଇଥିଲା। କ୍ଲବ ସଭାପତି ରତିରଞ୍ଜନ ବିଶ୍ୱାଳ, ଲକି ମହାନ୍ତି, ବିକାଶ ରଞ୍ଜନ ତ୍ରିପାଠୀ, ସୁଶାନ୍ତ ତ୍ରିପାଠୀ, ରୁଦ୍ର ନାରାୟଣ ରଥଙ୍କ ସହ କ୍ଲବର ଅନ୍ୟ ସଦସ୍ୟ ପୂଜା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ପୋଲିସ ଫୋର୍ସ ମୁତୟନ ହେବା ସହ ଅସ୍ତରଙ୍ଗ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।

# କାର୍ତ୍ତିକ ନୀତି ଆରମ୍ଭ

ସାକ୍ଷୀଗୋପାଳ,୩।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ

### ଆକର୍ଷଣୀୟ ନଟବର ବେଶରେ ସାକ୍ଷୀଗୋପାଳ

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଶୁକ୍ରବାର ଠାରୁ ସାକ୍ଷୀଗୋପାଳ ମନ୍ଦିରରେ ମହାକାର୍ତ୍ତିକ ନୀତି ଆରମ୍ଭ ହୋଇଛି। ପ୍ରତ୍ୟୁଷ୍ୟରୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅକାଶ ପରେ ଆକର୍ଷଣୀୟ ନଟବର ବେଶରେ ଠାକୁର ସଜ୍ଜିତ ହୋଇଛନ୍ତି। ଏହି ବେଶରେ ଠାକୁର ପାଟ ପିତାମରୀ, ପାଟଡୋରୀ, ପାଉଁଜିମାଳ, ବେଙ୍ଗପାଟିଆ, ବାଙ୍କି, ନୂପୁର, ତାବିଜ, ଚାପସରୀ, ହରଡ଼ଫାଳ ମାଳ, ମକର କୁଣ୍ଡଳ, ନୁଠୁକ, ହୀରା ମୁଦ୍ରିକା, ମୟୂର ଚନ୍ଦ୍ରିକା ଖଚିତ ସୁବର୍ଣ୍ଣ କୀରିଟ, ସୁବର୍ଣ୍ଣ ବଂଶୀ ସହିତ ପ୍ରଭାଘୋଡ଼ରେ ଡାଳିଲତା ଓ ଗଳାରେ ଅଧରମାଳ, ମଥାରେ ପାଟିଚନ୍ଦନ ଚିତା ଧାରଣ କରି ଛନ୍ଦାଚରଣ ନୃତ୍ୟରତ ଭଙ୍ଗିରେ ଶୋଭା ପାଇଥିଲେ। ଠାକୁରଙ୍କ ବାମପାର୍ଶ୍ୱରେ ରାଧାରାଣୀ, ହାତରେ ଆଳର୍ଟ ଧାରଣକରି ଶୋ' କରିବା ନିମିତ ଦଣ୍ଡାୟମାନ ରହିଥିବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥିଲା। ଏହି ବେଶ ପ୍ରତ୍ୟହ ସକାଳ ୯ଟାରୁ ବାଳଧୂପ ଶେଷ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ମିଳିଥାଏ। ପହିଲି କାର୍ତ୍ତିକରୁ ।ଳଧୂପ ସମୟରେ ସନ୍ତରାଶ ଲୀଳା ସଙ୍ଗୀତ ପରିବେଷଣ ସାଙ୍ଗକୁ ଆଳତୀ ଦର୍ଶନ, କାର୍ତ୍ତିକ ପୁରାଣପାଠ ଓ ସନ୍ଧ୍ୟାରେ ତୁଳସୀ ଚଉରା ପାଖରେ ଆକାଶ ଦୀପଦାନ କାର୍ତ୍ତିକ ମାସ ତମାମ ଶ୍ରଦ୍ଧାଳୁଙ୍କ ସହ କାର୍ତ୍ତିକ ବ୍ରତ କରିଥିବା ହବିଷ୍ୟାଳୀଙ୍କର ଏଠାରେ ବେଶ୍ ଭିଡ଼ ଲାଗିଥାଏ।



ବିଭିନ୍ନ ଦାବି ନେଇ ସିଆଇଟିୟୁ ଏବଂ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘ ପୁରୀ ଜିଲା ଶାଖା ପକ୍ଷରୁ ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ବଚସାକୁ କେନ୍ଦ୍ରକରି ନାବାଳକଙ୍କୁ ଛୁରାମାଡ଼

ନିମାପଡ଼ା,୩।୧୦(ବିଚିତ୍ରାନନ୍ଦ ସାହୁ)

ଜନଗହଳିପୂର୍ଣ୍ଣ ନିମାପଡ଼ା କୁଶଭଦ୍ରା ବ୍ରିଜ୍ ନିକଟରେ ଥିବା ଏକ ପାନଦୋକାନ ପାଖରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାକୁ କେନ୍ଦ୍ରକରି ୩ ଯୁବକ ରାଗରେ ସଂଘବଦ୍ଧ ଭାବେ ସ୍ଥାନୀୟ ଅଞ୍ଚଳର ଜଣେ ୧୫ବର୍ଷୀୟ ନାବାଳକଙ୍କ ପେଟକୁ ଛୁରି ଭୁସି ଦେଇଛନ୍ତି। ଏହି ଛୁରା ମାଡ଼ରେ ବାଳକ ଜଣକ ଗୁରୁତର ହୋଇ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ନାବାଳକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ସତ୍ୟରଞ୍ଜନ ରାଉତ। ଏ ସମ୍ପର୍କରେ ଗୁରୁତର ବାଳକ ସତ୍ୟରଞ୍ଜନଙ୍କ ବାପା ସୋମନାଥ ରାଉତ ସ୍ଥାନୀୟ ମହାବୀର କଲୋନୀର ବିଶ୍ୱଜିତ ପରିଡ଼ା, ଅଣ୍ଡିଆ ସାହି ଗ୍ରାମର ଦିବ୍ୟାଂଶୁ ଭୋଇ ଓ ଦେଉଳିସାହି ଗ୍ରାମର ଜଣେ ଯୁବକଙ୍କ ସମେତ ୩ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଏହି ଘଟଣା ସ୍ଥାନୀୟ ଥାନା ଅଞ୍ଚଳରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଆହାତ ବାଳକର ପରିବାରବର୍ଗ ପୋଲିସ ନିକଟରେ ଦାବି କରିଛନ୍ତି। ଏହି ଛୁରାମାଡ଼ରେ ବାଳକର ପେଟ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି।



କୋଣାର୍କଠାରେ ଶୁକ୍ରବାର ମା' ଦୁର୍ଗାଙ୍କ ମେଢ଼ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଉଛି । (ଫଟୋ- ଜ୍ୟୋତିରାଜ ମହାନ୍ତି)

# ସୁରକ୍ଷା, ଶୃଙ୍ଖଳିତ ଦର୍ଶନ କରାଇବା ଉପରେ ଗୁରୁତ୍ୱ

ପୁରୀ,୩।୧୦(ଅଜିତ୍ କୁମାର ମହାନ୍ତି)

### ୭ରୁ ହବିଷିଆଳିଙ୍କ କାର୍ତ୍ତିକ ବ୍ରତ

ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଥିବାବେଳେ କାର୍ତ୍ତିକ ପ୍ରତିପଦା ୭ ତାରିଖଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ହବିଷିଆଳି ବ୍ରତ ଧାରିଣୀମାନେ ସଂକଳ୍ପ ନେଇ କାର୍ତ୍ତିକ ବ୍ରତ ଆରମ୍ଭ କରିବେ। ବିଗତ ବର୍ଷ ପରି ଚଳିତବର୍ଷ ମଧ ହବିଷିଆଳିଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନା କରାଯାଇଛି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ୪ଟି ଶିବିରରେ ଅଢ଼େଇ ହଜାର ହବିଷିଆଳିଙ୍କ ରହଣି ପାଇଁ ବ୍ୟବସ୍ଥା ହୋଇଛି। ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି ଛକ କଲ୍ୟାଣ ମଣ୍ଡପ, ରେଲୱେ କଲ୍ୟାଣ ମଣ୍ଡପରେ ହବିଷିଆଳିମାନେ ରହି ବ୍ରତ ପାଳନ କରିବାକୁ ଥିବାରୁ ସେମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ସ୍ନାନ, ମହାପ୍ରସାଦ ସେବନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହବିଷିଆଳିଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସହ ଶୃଙ୍ଖଳିତ ଦର୍ଶନ ଓ କଡ଼ା ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ହବିଷିଆଳିଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବା ସହିତ ସୁରକ୍ଷା ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ଶିବିରରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ପୁରୀ ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ନୀତିପ୍ରଶାସକ, ବରିଷ୍ଠ ପୋଲିସ ଅଧିକାରୀ ଏବଂ ଉପଜିଲାପାଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବାପୁ ଥିଲେ ଆମ ଲାଗି ଜୀବନରେଖା

ଗୋପ/ଯୋଗେଶ୍ୱରପୁର,୩।୧୦ (ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)

### ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀମୂର୍ତ୍ତି ଅନାବରଣ

ମହାତ୍ମା ଗାନ୍ଧୀ ଆମମାନଙ୍କ ଲାଗି ଥିଲେ ଜୀବନରେଖା। ଦେଶ ସ୍ୱାଧୀନତାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଆମଲାଗି ସବୁବେଳେ ଓ ସବୁ ସମୟରେ ସେ ଚିରନମସ୍ୟ ବୋଲି ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତସ୍ଥିତ କୋରୁଆଳ ପାଞ୍ଚେଣା ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ସ୍କୁଲ୍‌ର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଏହି ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିବା ବେଳେ ଦୀର୍ଘଦିନ ଧରି ଏପରି ଏକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ରହିଥିଲା ବୋଲି ଆଲୁମ୍ନି କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ କମଳାକାନ୍ତ କଅଁର କହିଛନ୍ତି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାଶ, ଗାନ୍ଧୀ ସ୍ମୃତି କମିଟିର ସଭାପତି ଧନେଶ୍ୱର ବେହୁରା, ପ୍ରମୋଦ କୁଅଁର, ଭୀମସେନ ଜେନା, କାକଟପୁର ନିର୍ବାଚନମଣ୍ଡଳୀର ଯୁବନେତା ଜ୍ୟୋତିରଞ୍ଜନ ନାୟକ, ଶରତ କୁମାର ଦଳାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଗାନ୍ଧୀମୂର୍ତ୍ତି ଅନାବରଣ ଅବସରରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ।

# ଗାନ୍ଧୀ, ଶାସ୍ତ୍ରୀଙ୍କ ବିଚାରଧାରା ବିଶ୍ୱକୁ ମାର୍ଗଦର୍ଶନ ଦେଇଚାଲିଥିବ

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ ଚିର ଅମର। ସେମାନଙ୍କ ବିଚାରଧାରା ବିଶ୍ୱକୁ ମାର୍ଗଦର୍ଶନ ଦେଇଚାଲିଥିବ ବୋଲି ପୁରୀର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଗାନ୍ଧିଜୀଙ୍କ ୧୫୬ତମ ଓ ଶାସ୍ତ୍ରୀଜୀଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିମାନେ ମହାପୁରୁଷ ଦ୍ୱୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ମହାପୁରୁଷ ଦ୍ୱୟଙ୍କ ଜୀବନୀ ଆମକୁ ସତ୍ୟ, ନ୍ୟାୟ ଓ ଅହିଂସା ପଥରେ ଯିବାର ପ୍ରେରଣା ଦେଉଛି। ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ। ସେହିପରି ଉପଜିଲାପାଳ ରାଜକିଶୋର ଜେନା ଓ ସର୍ବୋଦୟ ସମିତିର ସଭାପତି ଉମାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ସରଳ ଜୀବନ ହିଁ ସଫଳ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଭୟ ମହାପୁରୁଷଙ୍କ ବିଚାରଧାରା ଜାଗ୍ରତ କରି ବିଶ୍ୱକୁ ମଙ୍ଗଳମୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସର୍ବୋଦୟ ମେଳା ସମିତି ସମ୍ପାଦକ ଶିବପ୍ରସାଦ ମିଶ୍ର ଓ ହାଜି ଜେଡ୍ ଆବେଦିନ ସର୍ବଧର୍ମ ପ୍ରାର୍ଥନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରତ୍ୟୁଷ ୪ଟା ୩୦ରୁ ସହରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ ହୋଇଥିଲା। ସକାଳ ୭ଟାରେ ଗାନ୍ଧୀଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)




ଶହୀଦନଗରରେ ଭୁବନେଶ୍ୱର ଭସାଣ ଉତ୍ସବ କମିଟି ଓ ନୟାପଲ୍ଲୀରେ ରାଜଧାନୀ ମନ୍ଦିର ଭସାଣ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଭସାଣ ଉତ୍ସବରେ ସାମିଲ ହୋଇଥିବା ମେଢ଼।

ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର

# ମେଲାଣି ନେଲେ ମା’ ଦୁର୍ଗତିନାଶିନୀ

ଭୁବନେଶ୍ୱର, ୩।୧୦(ସୌମ୍ୟରଞ୍ଜନ ରାଉତ)

## ପାରମ୍ପରିକ ବାଜା, ରୋଷଣିରେ ଦୁଲୁକିଲା ରାଜଧାନୀ

ଧରାପୃଷ୍ଠରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ମେଲାଣି ନେଇଛନ୍ତି ମା’ ଦୁର୍ଗା। ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀରେ ମଣ୍ଡପରେ ବିଧି ମୁତାବକ ମା’ଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ଶୁକ୍ରବାର ରୋଷଣୀ ଶୋଭାଯାତ୍ରାରେ ମା’ ଦୁର୍ଗତିନାଶିନୀଙ୍କୁ ବିଦାୟ ଦେଇଥିଲେ ଭୁବନେଶ୍ୱରବାସୀ। ଏଥିପାଇଁ ଅପରାହ୍ନରୁ ସାରା ରାତି ପାରମ୍ପରିକ ବାଜା, ନାଚ, ବେଶରେ ଦୁଲୁକି ଉଠିଥିଲା ରାଜଧାନୀ। ଚଳିତ ବର୍ଷ ୫ଟି ସ୍ଥାନରେ ଭସାଣ ଉତ୍ସବ ଆୟୋଜିତ ହୋଇଥିଲା। ଶହୀଦନଗରରେ ଭୁବନେଶ୍ୱର ଭସାଣ ଉତ୍ସବ କମିଟି, ନୟାପଲ୍ଲୀରେ ରାଜଧାନୀ ମନ୍ଦିର ଭସାଣ କମିଟି, ଓଲ୍ଡ ଟାଉନ୍‌ରେ ଏକାମ୍ର ଦୁର୍ଗା ମହୋତ୍ସବ କମିଟି, ଡମଣାଠାରେ ଉତ୍ତର ଭୁବନେଶ୍ୱର ଭସାଣ କମିଟି ଓ ପଟିଆସ୍ଥିତ କ୍ଲବ୍ ଟାଉନ୍ ପଡିଆରେ ଭୁବନେଶ୍ୱର ଉତ୍ତର ପୂଜା ସମିତି ପକ୍ଷରୁ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଭସାଣ ଉତ୍ସବ କମିଟିରେ ଶହୀଦନଗର ଦୁର୍ଗା ପୂଜା ସମିତି, କଟକ ରୋଡ୍ ବ୍ୟବସାୟ ସଂଘ, ଲକ୍ଷ୍ମୀ ସାଗର, ନହରକଣ୍ଟା, ବାଲିଅନ୍ତା, କୋରଡ଼ କଣ୍ଟା, କେଶୁରା, ବାଙ୍କୁଆଳ ଆଦି ୧୭ଟି ମେଢ଼ ସାମିଲ ହୋଇଥିଲେ। ଶହୀଦନଗର ପୂଜା ମଣ୍ଡପରେ ସମସ୍ତ କମିଟି ମେମ୍ବରଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସେଠାରେ ଏକାଠି ହୋଇଥିବା ମେଢ଼ ଆଗପଛ ହୋଇ ଶୋଭାଯାତ୍ରାରେ କୁଆଖାଇ ନଦୀ ଅଭିମୁଖେ ଯାତ୍ରା କରିଥିଲେ। ଘଣ୍ଟଘଣ୍ଟାର ତାଳେତାଳେ ମା’ଙ୍କୁ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ସେହିପରି ଉତ୍ତର ଭୁବନେଶ୍ୱର ଭସାଣ କମିଟି ଭସାଣି ଉତ୍ସବରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ୍, ଟାଙ୍ଗୀବନ୍ଧ ପୂଜା କମିଟି, ରଘୁନାଥପୁର୍ ପୂଜା କମିଟି, ପ୍ରଶାନ୍ତି ବିହାର ପୂଜା କମିଟି ଆଦି ୧୨ଟି ମେଢ଼ ଡ଼ମଣା ଦୁର୍ଗାପୂଜା ପଡ଼ିଆରେ ଏକାଠି ହୋଇଥିଲେ। ଚନ୍ଦ୍ରଶେଖରପୁର କ୍ଲବ୍ ଟାଉନ୍ ନିକଟ ପଡିଆରେ ଭୁବନେଶ୍ୱର ଉତ୍ତର ପୂଜା ସମିତିର ଭସାଣ ଉତ୍ସବରେ ୮ଟି ମେଢ଼ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜଧାନୀ ମନ୍ଦିର ଭସାଣ କମିଟି ଶୋଭାଯାତ୍ରାରେ ନୟାପଲ୍ଲୀ ପୂଜା ସମିତି, ଗଙ୍ଗନଗର ପୂଜା କମିଟି, ଝାଡ଼େଶ୍ୱରୀ ପୂଜା କମିଟି ଆଦି ୧୮ ମେଢ଼ ସାମିଲ୍ ହୋଇ ପାରମ୍ପରିକ ଘଣ୍ଟଘଣ୍ଟାରେ କୁଆଖାଇରେ ବିସର୍ଜନ କରାଯାଇଥିଲା। ଅନ୍ୟପକ୍ଷେ ପୁରୁଣା ଭୁବନେଶ୍ୱର ବିଭିନ୍ନ ଅଞ୍ଚଳର ମେଢ ଦୟାନଦୀ କୂଳରେ ନିର୍ମିତ ଅସ୍ଥାୟୀ ପୋଖରିରେ ପାରମ୍ପରିକ ବାଦ୍ୟ ସହ ଘଣ୍ଟଘଣ୍ଟାର ତାଳେତାଳେ ମା’ଙ୍କୁ ମେଲାଣି ଦେଇଥିଲେ।



ମା’ଙ୍କୁ ମେଲାଣି: ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଶୁକ୍ରବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ୮ ସ୍ଥାନରେ ରାବଣ ପୋଡ଼ି ଉତ୍ସବ



ନହରକଣ୍ଟା



ନୟାପଲ୍ଲୀ

ଭୁବନେଶ୍ୱର, ୩।୧୦(ସୌମ୍ୟରଞ୍ଜନ ରାଉତ)

ବର୍ଷା ସତ୍ତ୍ୱେ ରାଜଧାନୀରେ ଚଳିତ ବର୍ଷ ୮ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳୁ ବର୍ଷା ଲାଗି ରହିବାରୁ ଆୟୋଜକ ଓ ଶ୍ରଦ୍ଧାଳୁଙ୍କ ଚିନ୍ତା ବଢ଼ିଥିଲା। ରାବଣ ଓ ବାଣ ଓଦା ହୋଇଯାଇଥିଲା। ତଥାପି ବରମୁଣ୍ଡା, ସୁନ୍ଦରପଦା, ନହରକଣ୍ଟା, କୋରଡ଼କଣ୍ଟା, କିଟ୍‌ରୋଡ଼, ଗୋପାଳପୁର ଓ ବାଙ୍କୁଆଳରେ ରାବଣ ପୋଡି ସହ ବାଣ ପ୍ରତିଯୋଗିତା କରାଯାଇଥିଲା। ତେବେ ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ କସ୍ତୁରବା ଖେଳପଡ଼ିଆରେ ବିନା ବାଣରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମିତିର କର୍ତ୍ତା ଲକ୍ଷ୍ମଣ ବେହେରାଙ୍କ ପୂଜାର୍ଚ୍ଚନା ପରେ ଅଗ୍ନି ସଂଯୋଗ କରାଯାଇଥିଲା। ଭୁବନେଶ୍ୱର ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ବନ୍ଦିତା ପାଲ୍, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂଜାମଣ୍ଡପ ବୁଲି ମା’ଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ମା’ଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ









ଭସାଣ ଉତ୍ସବରେ ସାମିଲ ପାରମ୍ପରିକ ଲୋକକଳା ଓ ବାଜା







ପଟିଆସ୍ଥିତ କ୍ଲବ୍ ଟାଉନ୍ ପଡିଆରେ ଭୁବନେଶ୍ୱର ଉତ୍ତର ପୂଜା ସମିତି ଓ ଓଲ୍ଡ ଟାଉନ୍‌ରେ ଏକାମ୍ର ଦୁର୍ଗା ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଭସାଣ ଉତ୍ସବ।









ଖୋର୍ଦ୍ଧାରେ ଶୁକ୍ରବାର ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମା'ଦୁର୍ଗାଙ୍କ ମେଢ଼।



# ମେଲାଣି ନେଲେ ମା'ଜଗଜ୍ଜନନୀ

**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ):** ଶୁକ୍ରବାର ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା'ଦୁର୍ଗା ଏବଂ ହର ପାର୍ବତୀ। ଖୋର୍ଦ୍ଧା ଟିଏଲ୍‌ସି ଛକ ନିକଟ ଅସ୍ଥାୟୀ ଖଣି ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ଚଳିତବର୍ଷ ଡିଜେ ଉପରେ କଟକଣା ରହିଥିବାରୁ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ, ଦୁଲଦୁଲିରେ ସହର କମ୍ପିଥିଲା। ନୟାଗଡ ରୋଡ, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସ୍‌ଷ୍ଟାଣ୍ଡ ରୋଡ ଦେଇ ଗୋଟିଏ ପରେ ଗୋଟିଏ ମେଢ଼ ଶୋଭାଯାତ୍ରାରେ ବାହାରି ଅସ୍ଥାୟୀ ପୋଖରୀ ପର୍ଯ୍ୟନ୍ତ ଯାଇଥିଲେ। ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଗୁରୁଜଙ୍ଗ, ପୁରୁଣା ଦମକଳ ରୋଡ, କଣ୍ଟା ଛକରେ ମା'ଦୁର୍ଗା ଏବଂ ମାଛ ମାର୍କେଟ, ୪୦୭ ଷ୍ଟାଣ୍ଡ , ତଳସାହିରେ ହରପାର୍ବତୀ ପୂଜା ଅନୁଷ୍ଠିତ ହୋଇଥିଲା। ଷଷ୍ଠୀରେ କଳସ ସ୍ଥାପନ, ବିଲ୍ୱବରଣ ପରେ ସପ୍ତମୀରେ ଚକ୍ଷୁଦାନ, ଅଷ୍ଟମୀ ଓ ନବମୀ ପୂଜା ଆୟୋଜିତ ହୋଇଥିଲା। ବିଜୟା ଦଶମୀରେ ପୂଜା ମଣ୍ଡପରେ ପ୍ରବଳ ଭିଡ ଲାଗିଥିଲା। ସମସ୍ତ ପୂଜାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ମେଲାଣି ନେଇଛନ୍ତି ଜଗଜ୍ଜନନୀ। ପୂଜା କମିଟି ପକ୍ଷରୁ ବିରାଟ ପଟୁଆରରେ ଭସାଣି ଶୋଭାଯାତ୍ରା ହୋଇଥିଲା। ପାରମ୍ପରିକ ବାଦ୍ୟରେ କମ୍ପିଉଠିଥିଲା ସହର। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



# ମା' ଭଗବତୀଙ୍କ ପୀଠରେ ସରିଲା ଶାରଦୀୟ ପର୍ବ

**ବାଣପୁର,୩।୧୦(ଦିଲୀପ କୁମାର ସ୍ୱାଇଁ)**



ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ଶାରଦୀୟ ପର୍ବ ବିଜୟା ଦଶମୀ (ଦଶହରା)ର ମଧ୍ୟରାତ୍ରିରେ ସମାପନ ହୋଇଛି। ପାର୍ବଣ ସମୟରେ ମା' ଭଗବତୀ ଉଉଣୀମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ ଷୋଡ଼ଶ ପୂଜା ସମ୍ପନ୍ନ ପରେ ନିଶାର୍ଦ୍ଧରେ ସ୍ୱମନ୍ଦିରକୁ ମେଲାଣି ଦେଇଛନ୍ତି। ସାତଦିନ ଭିତର ପର୍ବ ମନ୍ଦିର ବେଢ଼ା ଭିତରେ ପର୍ବଗୃହରେ ପାଳିତ ହୋଇଥିଲା। ଅମାବାସ୍ୟାରେ ମା' ବିରିଜାଇଙ୍କ ସହ ଛଅ ଭଉଣୀଙ୍କ ଭେଟ ହେବା ପରେ ସମସ୍ତଙ୍କୁ ସାତବଖରା ଘରକୁ ନିଆଯାଇଥିଲା। ସେଠାରେ ଶେଷ ଦଶଦିନ ବାହାରପର୍ବ ଭାବେ ପାଳନ କରାଯାଇ ମା'ମାନେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରତିଦିନ ଅବକାଶ, ଅଙ୍ଗରାଗ ମାଜଣା, ମହାପ୍ରସାଦ ସେବନ, ବେଶ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ଆଳତି, ଚଣ୍ଡୀପାଠ, ବଗଳା, ହୋମ, ଧୂପ ହୋଇ ଶେଷରେ ପହଡ଼ ପଡୁଥିଲା। ସନ୍ଧ୍ୟାରେ ସ୍ତୋତ୍ରୀୟ ପୂଜକଙ୍କ ଗାୟତ୍ରୀ, ସାନ୍ଧ୍ୟ ଆଳତି, ମା'ମାନଙ୍କୁ ବନଦୁର୍ଗା ମନ୍ତ୍ରରେ ତନ୍ତ୍ରବିଧି ଅନୁସାରେ ଶୋଡ଼ଷ ଉପଚାରରେ ପୂଜାବିଧି ହୋଇ ରାତ୍ରଧୂପରେ ଶେଷ ପ୍ରହରରେ ପହଡ଼ ପଡୁଥିଲା। ମହାଷ୍ଟମୀ ଓ ନବମୀର ମଧ୍ୟରାତ୍ରିର ଗୁପ୍ତପୂଜା ପରେ ଶାରଦୀୟ ପର୍ବର ସମସ୍ତ ନୀତିକାନ୍ତି ଶେଷ ହୋଇଥିଲା। ପବିତ୍ର ଦଶହରା ମଧ୍ୟରାତ୍ରିରେ ଆଜ୍ଞାମାଳ ବିସର୍ଜନ ପରେ ମା'ଭଗବତୀ କାଠି ଠାକୁରାଣୀ, ମା' ବିରଜାଇ କାଠି ଠାକୁରାଣୀ ଓ ମା' କନକ ଦୁର୍ଗାଙ୍କୁ ଦୋଳ ବିମାନରେ ବସାଇ ପଟୁଆରରେ ନିଜ ମନ୍ଦିରକୁ ବିଜେ କରିଥିଲେ। ବାଟରେ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରର ପ୍ରତୀକ ଶ୍ରୀରଙ୍ଗନାଥ ଦେବ ମଧ୍ୟ ଦୋଳବିମାନରେ ମା'ମାନଙ୍କ ସହିତ ଯାତ୍ରା କରି ମା'ଙ୍କ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ବେଦିରେ ପଡ଼ିଥିବା ନବବସ୍ତ୍ର ଆସନ ଉପରେ ଉପବେଶନ କରିଥିଲେ। ପର୍ବପୂଜକ ପଣ୍ଡିତ ବାମଚରଣ ଦାଶ ମା'ମାନଙ୍କୁ ପଞ୍ଚ ଉପଚାରରେ ପୂଜା କରି ଖଇ, ମୁଆଁ, କୋରା, ଫଳ, ରସଗୋଲା, ମିଠାଇ, ବୁନ୍ଦି ଇତ୍ୟାଦିମିଷ୍ଟାନ୍ନଧୂପକରିଆଳତିବନ୍ଦାପନା କରିବା ପରେ ଅଗ୍ନି ଉତ୍ସବ ହୋଇଥିଲା। ପରମ୍ପରାକ୍ରମେ ମା'ମାନେ ଅଗ୍ନି ମାଡ଼ି ମନ୍ଦିରକୁ ପ୍ରବେଶ କରିଥିଲେ। ସେଠାରେ ପୁଣି ସମସ୍ତଙ୍କୁ ଶଙ୍ଖୁଡ଼ିଧୂପ ହୋଇ ଆଳତି ପରେ ମା'ବିରଜାଇ ଓ କନକ ଦୁର୍ଗାଙ୍କୁ ନିଜ ମନ୍ଦିରରେ ଛାଡ଼ି ମା'ଭଗବତୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିବା ବାଟରେ ବାଣପୁର ରଘୁନାଥସାହିର ଆରାଧ୍ୟ ରଘୁନାଥ ଦେବ ବାଟରୁ ମା'କାଠି ଠାକୁରାଣିଙ୍କୁ ପାଛୋଟି ନେଇ ନିଜ ମନ୍ଦିରରେ ପ୍ରସ୍ତୁତ ପନ୍ତି ଭୋଗ ନିମନ୍ତେ ନିମନ୍ତ୍ରଣ କରିଥିଲେ। ମା'ଭଗବତୀ କାଠି ଠାକୁରାଣୀ ନିମନ୍ତ୍ରଣ ରକ୍ଷାକରି ରଘୁନାଥ ମଣ୍ଡପଠାରେ ବିଜେ କରିବା ପରେ ସାହିଭାଇଙ୍କ ସହଯୋଗରେ ମନ୍ଦିର ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅଧରମୁଆଁ ଲାଗି କରାଯାଇଥିଲା। ପରେ ରଘୁନାଥ ଦେବ ନିଜ ମନ୍ଦିରଠାରୁ ମା'ଭଗବତୀଙ୍କୁ ସାଥିରେ ନେଇ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରେ ଛାଡ଼ି ଆସିବା ପରେ ମା' ମନ୍ଦିର ଭିତରକୁ ବିଜେ କରିଥିଲେ। ଆଳତି ବନ୍ଦାପନା ହୋଇ ରାତ୍ରପହୁଡ଼ ହୋଇଥିଲା।

# ବଡିଜୋନ୍ ପକ୍ଷରୁ ୨୧ତମ ରାବଣପୋଡ଼ି ଉତ୍ସବ

# 'ଷଡ଼ରିପୁକୁ ନିୟନ୍ତ୍ରଣ କଲେ ସଫଳତା ପାଇବ'

**ଖୋର୍ଦ୍ଧା, ୩।୧୦(ପ୍ରଭାତ ପାଣିଗ୍ରାହୀ)**



ବଡିଜୋନ୍ ପକ୍ଷରୁ ଅନୁଷ୍ଠିତ ୨୧ତମ ରାବଣପୋଡ଼ି ଉତ୍ସବରେ ଯୋଗଦେଇଥିବା ଅତିଥି।

ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ 'ବଡିଜୋନ୍' ପକ୍ଷରୁ ସ୍ଥାନୀୟ ହାବେଳି ପଡିଆରେ ୨୧ତମ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ପାଳନ ହେଉଥିବା ବେଳେ ପ୍ରଥମ ସନ୍ଧ୍ୟାରେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ହୋଇଥିଲା। ବିଜୟା ଦଶମୀରେ ରାବଣପୋଡି ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବଡିଜୋନ୍‌ର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଏସ୍‌ପି ଶର୍ମା କହିଥିଲେ ଯେ, ବିଜୟା ଦଶମୀ ହେଉଛି ବିଜୟ ଉତ୍ସବ। ଏହି ଦିନ ଶ୍ରୀରାମ ମା'ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ରାବଣକୁ ବଧ କରିଥିଲେ। ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟ, ଅଜ୍ଞାନ ଉପରେ ଜ୍ଞାନର ବିଜୟ। ନିଜ ଷଡ଼ରିପୁକୁ ନିୟନ୍ତ୍ରଣ କରିପାରିଲେ ମନୁଷ୍ୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ, ଅପରାଧ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ଏହି ଅବସରରେ ପୌରାଧକ୍ଷା ମହାନ୍ତି ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧାର ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ, ପଲିଥିନ ମୁକ୍ତ ସହର ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରେ ୭୦ଫୁଟ ଉଚ୍ଚତାବିଶିଷ୍ଟ ରାବଣ ପ୍ରତିକୃତିରେ ଏସ୍‌ପି ଶର୍ମା ଅଗ୍ନି ସଂଯୋଗ କରିଥିଲେ। ବିଭିନ୍ନ ରଙ୍ଗବେରଙ୍ଗ ଆତସବାଜିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ଲଳିତ ମୋହନ ମହାପାତ୍ର, ବଡିଜୋନ୍‌ର ସଭ୍ୟ ସୌମେନ୍ଦ୍ର ପ୍ରଧାନ, କୁନାଲ ବାରିକ, ସତ୍ୟସୁନ୍ଦର ଛୋଟରାୟ, ଚିକୁ ପାତ୍ର, ଶୁଭେନ୍ଦୁ ସ୍ୱାଇଁ, ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ଅଗ୍ନିଶମ କର୍ମଚାରୀ ଏବଂ ପୋଲିସ ମୁତୟନ ହୋଇଥିଲେ।

# ସିନ୍ଦୂର ଖେଳି ମା'ଙ୍କୁ ବିଦାୟଦେଲେ ବଙ୍ଗୀୟ ମହିଳା



**ଜଟଣୀ,୩।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଦୁର୍ଗାଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାଷଷ୍ଠୀଠାରୁ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥିତ ପ୍ରଗତି ସାଂସ୍କୃତିକ ଚକ୍ର ପୂଜା କମିଟି ପକ୍ଷରୁ ମା'ଙ୍କୁ ଆବାହନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଦିନ ଭକ୍ତଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମା'ଙ୍କୁ ବିଦାୟ ଦେବା ପୂର୍ବରୁ ପାରମ୍ପରିକ ବାଦ୍ୟ ତାଳେତାଳେ ନୃତ୍ୟ କରି ବଙ୍ଗୀୟ ମହିଳାମାନେ ମା'ଦୁର୍ଗାଙ୍କ ଆଗରେ ସିନ୍ଦୂର ଖେଳିଥିଲେ। ମା'ଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା କରିବା ସହ ମିଠା ଖୁଆଇଥିଲେ। ପରେ ସମସ୍ତ ମହିଳା ନୃତ୍ୟ କରି ପରସ୍ପରକୁ ସିନ୍ଦୂର ଲଗାଇଥିଲେ। ମା'ଙ୍କୁ ସିନ୍ଦୂର ଲଗାଇବା ପରେ, ସେହି ସିନ୍ଦୂରକୁ ସାନବଡ଼ ସମସ୍ତେ ପରସ୍ପରକୁ ଲଗାଇଲେ ପରିବାରରେ ଶାନ୍ତି ଆସିଥାଏ ବୋଲି ବିଶ୍ୱାସ ରହିଥିବା ବଙ୍ଗୀୟ ମହିଳାମାନେ କହିଛନ୍ତି।

## ରାବଣପୋଡ଼ି ମହୋତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଓରବରସିଂ ପଞ୍ଚାୟତରେସାଇରତନକ୍ଲବଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ରାବଣପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ଡ. ସଞ୍ଜୟ ପଟ୍ଟନାୟକ ଯୋଗଦେଇ ଆଜିର ଯୁବପିଢ଼ି ଆଗକୁ ଆସି ଅନ୍ୟାୟ ଅନୀତି ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଲଢ଼େଇ ଜାରି ରଖିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି, ପୂର୍ବତନ ସରପଞ୍ଚ ସଞ୍ଜୟ ରାଟ ସିଂ, ଶିଲାଦିତ୍ୟ ପଟ୍ଟନାୟକ, ତାପସ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ସାଗରିକା ରାଟ ସିଂ, ସମିତିସଭ୍ୟ ଦୀନେଶ ପାଇକରାୟ ଓ କ୍ଲବର ସଭାପତି କାଲୁ ବଳିୟାରସିଂହ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ଅମର ବଳିୟାରସିଂ, ରଞ୍ଜନ ରାଟ ସିଂ, ଅବନୀ ବଳିୟାରସିଂ, ସୁଶାନ୍ତ କୁମାର ସାମନ୍ତସିଂହାର, ବିଜୟ ବଳିୟାରସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରିଲା ମାଣିକଗୋଡ଼ା ଦଶହରା ପର୍ବ

**ଖୋର୍ଦ୍ଧା/ବୋଲଗଡ଼,୩।୧୦ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)**



ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକଗୋଡ଼ା ଗ୍ରାମରେ ପବିତ୍ର ଦଶହରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ଦୁର୍ଗାପୂଜାର ସପ୍ତମୀ ଦିନ ମଧ୍ୟରାତ୍ରରୁ ଏହି ପୂଜାର ବିଭିନ୍ନ ପ୍ରକ୍ରିୟା ଓ କର୍ମକାଣ୍ଡ ଆରମ୍ଭ ହୋଇ ଗୁରୁବାର ଦଶମୀ ମଧ୍ୟରାତ୍ରରେ ଅନୁଷ୍ଠିତ ହେଉଥିବା ଅପରାଜିତା ହୋମ ସମ୍ପନ୍ନ ହେବା ପରେ ଏହା ଉଦ୍‌ଯାପିତ ହୋଇଛି। ଏହି ହୋମରେ ନିକଟ ଦିବ୍ୟସିଂହପୁର ଶାସନର ରାଜପ୍ରତିଷ୍ଠିତ ବୈଦିକ ବ୍ରାହ୍ମଣ ଦେବେନ୍ଦ୍ର କୁମାର ହୋତାଙ୍କ ମନ୍ତ୍ରପାଠ ମଧ୍ୟରେ ମୁସଲମାନ ଦଳବେହେରା ସେକ୍ ଅଜିଜୁର ରହେମାନ କୁଶବଟୁ ପିନ୍ଧି ମୁଖ୍ୟକର୍ତ୍ତା ହୋଇ ମା'ଙ୍କୁ ଶୋଡ଼ଷ ଉପଚାର ପୂଜା ସହ ଆହୁତି ଦେଇଥିଲେ। ଧାର୍ମିକ ଚିନ୍ତାଧାରାର ଭିନ୍ନତା ସତ୍ତ୍ୱେ ଗ୍ରାମର ୬୦ପ୍ରତିଶତ ହିନ୍ଦୁ ଏବଂ ୪୦ ପ୍ରତିଶତ ମୁସଲିମ ସମ୍ପ୍ରଦାୟ ମିଳିମିଶି ରାଜାରାଜୁଡ଼ା ଅମଳରୁ ପାଳନ କରି ଆସୁଛନ୍ତି। ଏହି ପର୍ବ ପାଇଁ ସପ୍ତମୀ ରାତିରେ ବ୍ରାହ୍ମଣ ଦେବେନ୍ଦ୍ର କୁମାର ହୋତାଙ୍କ ଘରୁ ମା'କନକ ଦୁର୍ଗା ମାଣିକାଗୋଡ଼ାସ୍ଥିତ ଭଗବତୀ ପୀଠକୁ ପଟୁଆର ସହିତ ଆସି ବିଜେ ହୋଇଥିଲେ। କରଣ ଜାତିର କୋଠକରଣ ଅବନୀ ପଟ୍ଟନାୟକଙ୍କ ଘରୁ ଲେଖନି ଓ ତାଳପତ୍ର, ମୁସଲିମ ଦଳବେହେରାଙ୍କ ଘରୁ ଖଣ୍ଡା, ମହିଷାଶୁଣୀଙ୍କ ପୀଠରୁ କଟରା ମଧ୍ୟ ଅଣାଯାଇ ଏହିଦିନ ରଖାଯାଇଥିଲା। ବଢେଇଜାତିର ବ୍ୟକ୍ତିମାନେ ରୁଖା ଓ ପିଢା ପ୍ରସ୍ତୁତ କରିଥିବା ବେଳେ ଏଥିପାଇଁ ଧୋବାଜାତିର ଜଣେ ବ୍ୟକ୍ତି ବେଲ ଓ ବର କାଠ ଯୋଗାଇଥିଲେ। ଭୋଇଜାତିର ବ୍ୟକ୍ତି ବିଭିନ୍ନ ଡାଳ ଅଣି କୁଡିଆ ନିର୍ମାଣ କରିଥିଲେ। ସମସ୍ତ କାର୍ଯ୍ୟରେ ମାଳି ଠାରୁ ଆରମ୍ଭକରି ପ୍ରାୟ ୧୩ଟି ଜାତି ଲୋକେ ସହଯୋଗ କରିଥିଲେ। ଅଷ୍ଟମୀ ଓ ନବମୀ ଦୁଇଦିନ ପଂକ୍ତି ଭୋଜନ, ସଙ୍ଖୁଡ଼ି ଭୋଗ ହୋଇଥିଲା। ଭୋଗ ପାଇଁ ମୁସଲିମ ଦଳବେହେରାଙ୍କ ଘରୁ ଅରୁଆ ଚାଉଳ, ଗୁଡ଼ ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥିଲା। ଦଶମୀ ଦିନ ୪ଟାରେ ସଜଉଠା କାର୍ଯ୍ୟ ସମାପନ ହୋଇଥିଲା। ଏହାପରେ ଗ୍ରାମର ପାଇକ ଆଖଡାମେଳ ସେମାନଙ୍କ କ୍ରୀଡା କୌଶଳ ଦର୍ଶାଇ ମାଣିକସାଗର କୂଳରେ ଥିବା ମା'ଭୂୟାଁଣୀ ଠାକୁରାଣୀଙ୍କ ନିକଟକୁ ଯାଇ ତାଙ୍କୁ ଆବାହନ କରି ଆଣିଥିଲେ। ମା'ଭୂୟାଁଣୀ ଏବଂ ମା'ଯୋଗମାୟା ଦୁଇ ଭଉଣୀଙ୍କୁ ନେଇ ପାଇକସାହି, ବଢ଼େଇସାହି, ସନ୍ତରା ସାହିର ପ୍ରତ୍ୟକ ଦୁଆରେ ଭୋଗ ଖାଇ ଭଗବତୀ ପୀଠରେ ପହଞ୍ଚିବା ପରେ ଏହିଠାରୁ ମୁସଲମାନ ଦଳବେହେରାଙ୍କୁ ସାଙ୍ଗରେ ନିଆଯାଇ ପୂର୍ବରୁ ପୂଜା ପାଉଥିବା ଖଣ୍ଡା, କଟରା (କଟୁରି), ତାଳପତ୍ର, ଲେଖନୀ ସହ ଏକ କିଲୋମିଟର ଦୂର ମାଳିସାହିର ପ୍ରସିଦ୍ଧ ଶୈବପୀଠ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ଥିବା ତ୍ରିଛକିରେ ବିଳମ୍ବିତ ରାତ୍ରରେ ଅପରାଜିତା ହୋମସ୍ଥଳରେ ପହଞ୍ଚିଥିଲେ। ସେଠାରେ ହୋମ କାର୍ଯ୍ୟ ସମାପନ ପରେ ଆବାହନ ହୋଇଆସିଥିବା ଦେବଦେବୀ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ମା' କନକଦୁର୍ଗାଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧାଯାଇଥିବା ଦେଖାଯାଇଥିଲା।ଅପରାଜିତ ହୋମ ଓ ଦଶହରା ଉତ୍ସବ ଅବଲୋକନ କରିବା ପାଇଁ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, କଂଗେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟି ଅମିୟ କୁମାର ପଟ୍ଟନାୟକ, ଦଶହରା କମିଟି ସଂଯୋଜକ ଇଂ. କର୍ପୂର ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ରାବଣପୋଡ଼ି ସତ୍‌ମାର୍ଗରେ ଯିବା ପାଇଁ ଶିକ୍ଷା ଦିଏ'

**ଜଟଣୀ,୩।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଦଶହରା ଅବସରରେ 'କର୍ମ ମନ୍ଦିର' ଜଟଣୀ ଅନୁଷ୍ଠାନ ପକ୍ଷରୁ ଶାରଦୀୟ ମହୋତ୍ସବ ଏବଂ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଟିଭି ବ୍ୟବସାୟିକ ମୁଖ୍ୟ ଲିତିଶା ମଙ୍ଗତ ପଣ୍ଡା ଯୋଗଦେଇଥିଲେ। ଉଦ୍‌ଘାଟକଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶରତ କଣ୍ଠ, ରକ୍ଷକ ନାୟକ, ଅଜୟ କୁମାର ରାଉତ, ଭାରତୀୟ ତୈଳ ନିଗମ ରିଟେଲସେଲ ଚିଫ୍ ଜେନେରାଲ ମ୍ୟାନେଜର ରୋହିତ କୁମାର ଏବଂ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ଯୋଗଦେଇଥିଲେ। ଅସତ୍ୟ ଉପରେ ସତ୍ୟ ଏବଂ ଅଧର୍ମ ଉପରେ ଧର୍ମର ବିଜୟର ସ୍ୱରୂପ ରାବଣପୋଡିରୁ ସତ୍‌ମାର୍ଗରେ ଯିବା ପାଇଁ ଶିକ୍ଷା ମିଳିଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ଜଟଣୀ ଗଣେଶ ପୂଜାକୁ ସରସ ସୁନ୍ଦର ଏବଂ ଶୃଙ୍ଖଳିତ ଭାବେ ସମାପନ କରିଥିବାରୁ ଜଟଣୀର ସମସ୍ତ ବ୍ୟବସାୟୀ ସଂଘ ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ସେହିପରି ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଗଞ୍ଜାମର ପଶୁ ମୁଖା ନୃତ୍ୟ, ବଲାଙ୍ଗୀରର ଆଦିବାସୀ ଓ



ସମ୍ବଲପୁରୀ ନୃତ୍ୟ, ପୁରୀର ସାହିଯାତ ଏବଂ ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା। କର୍ମମନ୍ଦିର ପକ୍ଷରୁ ଅତିଥି ଏବଂ କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ୨୦ଫୁଟ ଉଚ୍ଚର ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ ପରେ ରାବଣପୋଡି ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷା ସବିତା ରାୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜଟଣୀ ନଗର ଭାଜପା ପକ୍ଷରୁ ପ୍ରଦୀପ ଜେନା, ନାଗଭୂଷଣ ରାୟ, ତିରୁପତି ଶତପଥୀ, ମହେଶ ମିଶ୍ର, ମନୋଜ ମିଶ୍ର, ଚିତ୍ତରଞ୍ଜନ ସୁନ୍ଦରାୟ, ପ୍ରଶାନ୍ତ କାଣ୍ଡି, ତୁଷାରକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।





# ଦେବସଭାରେ ଗୋଷାଣି, ନାଗା ଏକାଠି

## ମନ ମୋହିଲା ସମ୍ପାତି ଚଢ଼େଇ, ବୁଢ଼ାବୁଢ଼ୀ ନାଚ

ପୁରୀ,୩।୧୦(ଅଜିତ୍ କୁମାର ମହାନ୍ତି)

ଶେଷ ହୋଇଛି ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା। ଭସାଣି ସହ ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା'ଦୁର୍ଗା। ଦୁର୍ଗାପୂଜା ଅବସରରେ ପୁରୀରେ ନିଆରା ଗୋଷାଣି ପୂଜନ ସହ ନାଗା ପରମ୍ପରା ଦେଖିବାକୁ ମିଳିଥିଲା। ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଗୋଷାଣି, ନାଗା ସହ ସମ୍ପାତି ଚଢେଇ, ଅଷ୍ଟବୀର, ବୁଢ଼ାବୁଢ଼ୀ, ଶିବପାର୍ବତୀ, ହନୁମାନ, ଦଶଶିର ରାବଣ ଆଦି ଶୋଭାପାଇଥିଲେ। ଗୋଷାଣିଙ୍କୁ ଦୁର୍ଗାମନ୍ତ୍ରରେ ଓ ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥିଲା। ଦଶହରାରେ ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ ମା' କାକୁଡ଼ିଖାଇଙ୍କ ପ୍ରତିମୂର୍ତ୍ତି ସମେତ ସହରର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହେବା ପରେ ଏକାଦଶୀ ତିଥିରେ ଶୁକ୍ରବାର ସନ୍ଧ୍ୟାରେ ଗୋଷାଣି ଓ ନାଗାଙ୍କର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେବସଭା ବସିବା ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋଷାଣି, ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ସିଂହଦ୍ୱାର ସମ୍ମୁଖ ଦେବସଭାକୁ ଅଣାଯାଇଥିଲା। ପରେ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ଶ୍ରୀମନ୍ଦିର ଚୂଡ଼ାକୁ ଏକାଦଶୀ ଦୀପ ଉଠିବା ପରେ ଗୋଷାଣି ବିସର୍ଜନ ପର୍ବ ଆରମ୍ଭ ହୋଇଥିଲା। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ବିପୁଳ ଜନ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରଥମେ ମଣ୍ଡପରୁ ହରଚଣ୍ଡୀ ସାହିର ବାରବାଟି ଗୋଷାଣି ବାହାରିଥିଲେ। ପରେ ଦୋଳମଣ୍ଡପ ସାହିର ଜହ୍ନିଖାଇଙ୍କ ସମେତ ବିଭିନ୍ନ ସାହିରେ ପୂଜା ପାଉଥିବା ବନଦୁର୍ଗା, ଗେଲବାଇ, ଶୂନ୍ୟ ଗୋଷାଣି, ବାସେଳିସାହିର ବନଦୁର୍ଗା, ମଣିକର୍ଣ୍ଣିକା ସାହିର ବନଦୁର୍ଗା, ଭୋଗଜାଗା ଗୋଷାଣି, ଗୌଡ଼ବାଡ଼ ଜହ୍ନିଖାଇ, ହରଚଣ୍ଡୀ ସାହି ଜହ୍ନିଖାଇ, ହାଡ଼ବାଇ, ଗେଲବାଇ, ପଣାପ୍ରିୟା, ଚକ୍ରକୋଟ, ବେଲବାଇ, ତ୍ରିପୁରା ସୁନ୍ଦରୀ ପ୍ରମୁଖ ସେମାନଙ୍କ ଆସ୍ଥାନ ଛାଡ଼ି ଦେବସଭା ନିମନ୍ତେ ସିଂହଦ୍ୱାର ନିକଟକୁ ଆସି ମେଳଣରେ ସାମିଲ ହୋଇ ରାତିରେ ଭସାଣିକୁ ଯାଇଥିଲେ। ସେହିପରି ପୁରୀ ସହରର ଅନ୍ୟତମ ଆକର୍ଷଣ ହେଉଛି ନାଗା ପରମ୍ପରା। ଏହି ମେଳଣରେ ବାଲିସାହି, ହରଚଣ୍ଡୀ ସାହି, ବଳଗଣ୍ଡି, ନରେନ୍ଦ୍ରକୋଣ, ପଶ୍ଚିମଦ୍ୱାର ପ୍ରଭୃତି ସାହିର ନାଗାମୂର୍ତ୍ତି ମଧ୍ୟ ସାମିଲ ହୋଇଥିଲେ। ଦେବ ସଭାର ସବୁଠୁ ଆକର୍ଷଣ ଥିଲା ମାର୍କଣ୍ଡେଶ୍ୱର ସାହିର ସମ୍ପାତି ଚଢ଼େଇ ଓ ବୁଢ଼ାବୁଢ଼ୀ। ଏହା ଦେଖିବାକୁ ଭିଡ଼ ଜମିଥିଲା। ବିଭିନ୍ନ ଆଲୋକମାଳାରେ ଶ୍ରୀମନ୍ଦିର ସିଂହଦ୍ୱାର ଝଲସି ଉଠିଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମରୀଚିକୋଟ ଛକଠାରୁ ଯାନବାହନଗୁଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡ଼ାଯାଇ ନ ଥିଲା।






























ଫଟୋ- ଯଜ୍ଞେଶ୍ୱର ମହାନ୍ତି




କଟକରେ ମା’ ଦୁର୍ଗାଙ୍କ ମୃଣ୍ମୟ ପ୍ରତିମାଙ୍କୁ ଶୁକ୍ରବାର ବିସର୍ଜନ ଶୋଭାଯାତ୍ରାରେ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀକୁ ନିଆଯାଉଛି।

# ଧରାପୃଷ୍ଠରୁ ମେଲାଣି ନେଲେ ମା’ ଦୁର୍ଗା

**କଟକ,୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଚାରିଦିନ ପୂଜାର୍ଚ୍ଚନା ପରେ ଶୁକ୍ରବାର ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା’ଦୁର୍ଗା। କଟକର ଶତାଧିକ ପୂଜା ମଣ୍ଡପରେ ମା’ଦୁର୍ଗାଙ୍କ ଆବାହନଠାରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ଧୁମ୍‌ଧାମ୍‌ରେ ସମାପନ ହୋଇଛି। ସକାଳୁ ବିରାଟ ଶୋଭାଯାତ୍ରାରେ ମା’ଙ୍କ ମେଢ଼ ବାହାରି ନଗର ପରିକ୍ରମା କରିଥିବାବେଳେ କେତେକ ସ୍ଥାନରେ ଗୁରୁବାର ରାତିରୁ ମା’ଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୮୦ଟି ମେଢ଼ ବିସର୍ଜନ ହୋଇଥିବା ଜଣାପଡିଛି। ଚଳିତବର୍ଷ କଟକ ସହରରେ ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା’ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ମା’ଦୁର୍ଗାଙ୍କ ବିଦାୟ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, ମାଦଳ ବାଦ୍ୟ, କଲିକତା ଢାକ୍ ବାଦ୍ୟ ଓ ଶଙ୍ଖଧ୍ୱନି ସମେତ ପାରମ୍ପରିକ ବାଦ୍ୟରେ କଟକ ସହର ପ୍ରକମ୍ପିତ ହୋଇଉଠିଥିଲା। ଭସାଣି ଯାତ୍ରାରେ ନାୟକ ସାହି ପୂଜା କମିଟି ପକ୍ଷରୁ ମା’ଙ୍କୁ ବିଦାୟ ଦେବା ପାଇଁ ଶତାଧିକ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିବାବେଳେ ଏଭଳି ନିଆରା ପ୍ରୟାସ ସହରବାସୀଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି କଟକ ସେମିନାରୀ ଛକରେ ଥିବା ଚାନ୍ଦ କ୍ଲବର ସଦସ୍ୟମାନେ ମା’ଦୁର୍ଗାଙ୍କ ପାଇଁ ଭୋଗହାଣ୍ଡି ସହିତ ମୁରବୀଙ୍କୁ ସମ୍ବର୍ଦ୍ଧିତ କରିଥାନ୍ତି। ଅନ୍ୟପଟେ ମା’ଙ୍କ ବିଦାୟ ଦେଖିବା ପାଇଁ ଦେବୀଗଡାଠାରେ ଜନସମାଗମ ଦେଖିବାକୁ ମିଳିଥିଲା। ଦେବୀଗଡାରେ ସିଏମ୍‌ସି ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ପୋଖରୀ ବ୍ୟବସ୍ଥା କରାଯାଇଥିଲା। ଏହାସହ ଦେବୀଗଡାରେ ରାସ୍ତାଘାଟ ସଫା କରାଯିବା ସହ ଆଲୋକୀକରଣ, ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭସାଣି ସମୟରେ ରାଣୀହାଟ, ମଙ୍ଗଳାବାଗ, ମଣିସାହୁ ଛକ, ବକ୍ସିବଜାର, ବାରପଥର, ଚୌଧୁରୀ ବଜାର, ନିୟାସଡକ, ଟାଉନହଲ, ତେଲେଙ୍ଗାବଜାର, ପୁରୀଘାଟ ଆଦି ସ୍ଥାନରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା।



କୃତ୍ରିମ ପୁଷ୍କରିଣୀରେ ମା’ଙ୍କୁ ବିସର୍ଜନ କରାଯାଉଛି।

**■ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ମହିଳା**

**■ପାରମ୍ପରିକ, ହାତ ବାଜାରେ କମ୍ପିଲା ସହର**

## ଖୁଣ୍ଟୁଣୀ, ଚମ୍ପାପୁରରେ ରାବଣପୋଡ଼ି ଉତ୍ସବ

**ଖୁଣ୍ଟୁଣୀ,୩।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀରେ ବିଜୟା ଦଶମୀ ଉପଲକ୍ଷେ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ଆଠଗଡ଼ର ଭାଜପା ନେତା ଅଭୟ କୁମାର ବାରିକ ଓ ସିଆରିଆ ମଠର ମଠାଧୀଶ ସଦାନନ୍ଦ ଦାସ ଜୀ ମହାରାଜ ରାବଣ ଦେହରେ ଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧର୍ମ ଉପରେ ଧର୍ମର ବିଜୟ ଓ ଅସତ୍ୟ ଉପରେ ସତ୍ୟର ବିଜୟ ସ୍ୱରୂପ ରାବଣ ପୋଡି ଉତ୍ସବର ମହତ୍ୱ ଉପରେ ଉଭୟ କହିଥିଲେ। ଖୁଣ୍ଟୁଣୀ ଅଞ୍ଚଳର ପ୍ରସିଦ୍ଧ ଠାକୁରାଣୀ ତଥା ଗ୍ରାମ ଦେବତୀ ମା’କନକ ଦୁର୍ଗାଙ୍କ ପୀଠ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ଉତ୍ସବକୁ ମା’କନକ ଦୁର୍ଗା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ ଓ ଶ୍ରୀ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ମିଳିତ ଭାବେ ଆୟୋଜନ କରିଥିଲେ। ମୁଖ୍ୟଅତିଥି ଅଭୟ ଓ ସମ୍ମାନିତ ଅତିଥି ସଦାନନ୍ଦଜୀ ୪୦ ଫୁଟ ଉଚ୍ଚର ରାବଣର ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ଖୁଣ୍ଟୁଣୀ– ରମ୍ପେଇ ଗ୍ରାମ କମିଟି ଉପସଭାପତି ବିପିନି ବିହାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା’କନକ ଦୁର୍ଗା ଟ୍ରଷ୍ଟ ବୋର୍ଡର ମୁଖ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି କିଶୋର ସାମନ୍ତରାୟ, ଉଭୟ ଟ୍ରଷ୍ଟର କର୍ମକର୍ତ୍ତା ବିଜୟ କୁମାର ସାହୁ, ରଜନୀ କାନ୍ତ ଜେନା, ସରୋଜ କୁମାର ମିଶ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ସଞ୍ଜୟ କୁମାର ବେହେରା, ପ୍ରିୟବ୍ରତ ପାତ୍ର, ବିଚିତ୍ରା ନନ୍ଦ ପ୍ରଧାନ ରାବଣ ପୋଡି ଉତ୍ସବ ପରିଚାଳନା କରିଥିଲେ। ସେହିପରି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବାସ୍ତ ପଞ୍ଚାୟତ ଚମ୍ପାପୁର ଗ୍ରାମରେ ମଧ୍ୟ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଭାଜପା ନେତା ଅଭୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପ୍ରତାପୀ ରାବଣଙ୍କ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଉଭୟ ଉତ୍ସବରେ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଏସ୍‌ଆଇ ସସ୍ମିତା ପରିଡ଼ା, ଶକୁନ୍ତଳା ଦାସ, ଇତିଶ୍ରୀ ମାଡାମ, ପ୍ରୀତି ରାୟ, ପ୍ରିୟଦର୍ଶନ ସେଠୀ, ଶେଷଦେ ରାଜ ପ୍ରମୁଖ ଭିଡକୁ ନିୟନ୍ତ୍ରଣ କରିଥିଲେ। କଡା ସୁରକ୍ଷା ମଧ୍ୟରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।





ବିଭିନ୍ନ ବେଶଧାରୀ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।




ବାଲିଯାତ୍ରା ତଳପଡ଼ିଆରେ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ପବିତ୍ର ବିଜୟା ଦଶମୀ ଅବସରରେ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବରେ ଉପସ୍ଥିତ ଅତିଥି।



ଶେଖ୍ ବଜାର ପୂଜା ମଣ୍ଡପରେ ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ସିନ୍ଦୂର ଖେଳ।



କଟକ ନାୟକ ସାହି ଅଞ୍ଚଳରେ ମା’ ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ବିସର୍ଜନ ବେଳେ ସାମିଲ ମହିଳାମାନେ।



ବାଲିଯାତ୍ରା ତଳପଡ଼ିଆରେ ଅନୁଷ୍ଠିତ ରାବଣପୋଡ଼ି।

## ୪୨ ମୌଜା ବ୍ରହ୍ମପୁର ଦୁର୍ଗା ମେଢ଼ କଟକ ଭସାଣିରେ ସାମିଲ

**କଟକ ସଦର,୩।୧୦(ସୁଶାନ୍ତ କୁମାର ଜେନା):** ୪୨ମୌଜା ଅନ୍ତର୍ଗତ ବ୍ରହ୍ମପୁର ଦୁର୍ଗାମେଢ଼ ଚଳିତବର୍ଷ କଟକ ଭସାଣିରେ ସାମିଲ ହେବା ପାଇଁ ଶୁକ୍ରବାର ସକାଳ ବେଳା ଦେବୀ ଗଡା ଅଭିମୁଖେ ଯାତ୍ରା କରିଥିଲା। ଏହି ପୂଜା ମଞ୍ଚରେ ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାତିରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ଆସରର ଆୟୋଜନ କରାଯାଇଥିଲା। ପୂଜା କମିଟି ସଭାପତି ଚନ୍ଦ୍ରମଣି ଦେବତା ଓ ସମ୍ପାଦକ ତଥା ସନାତନି ସେନାର ସଭାପତି ସମୀର କୁମାର ପଣ୍ଡା ସମେତ ଅଞ୍ଚଳବାସୀଙ୍କ ଅକୁଣ୍ଠ ସହଯୋଗରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ତଥା ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ, ସାମାଜିକ କର୍ମୀ ଆର୍ତ୍ତ ରଞ୍ଜନ ବିଶ୍ୱାଳ ପ୍ରମୁଖ ମା’ଙ୍କ ଦର୍ଶନ କରିଥିଲେ।



ବିଡ଼ାନାସୀ ମେଢ଼ ବିସର୍ଜନ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।



ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀ କୃତ୍ରିମ ପୁଷ୍କରିଣୀରେ ମୃଣ୍ମୟ ପ୍ରତିମାଙ୍କ ବିସର୍ଜନ ଦେଖିବାକୁ ଲୋକଙ୍କ ଭିଡ଼।

# ବିଶ୍ୱରେ କଟକ ଦଶହରାର ପରିଚୟ ନିଆରା: ମୁଖ୍ୟମନ୍ତ୍ରୀ

କଟକ/ଫୁଲନଖରା,୩।୧୦(ଶିଲ୍ପା ପ୍ରିୟଦର୍ଶିନୀ/ସତ୍ୟରଞ୍ଜନ ଦାସମହାପାତ୍ର)

ଦୁର୍ଗାପୂଜାର ମହାନବମୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତରେ ଆସିଥିଲେ। ପ୍ରଥମେ ପ୍ରତାପନଗରୀ ପୂଜା ମଣ୍ଡପରେ ପହଞ୍ଚିବା ପରେ ବାଲିକୁଦା, ଗୋପାଳପୁର, ନୂଆପଡା, ଚାଉଳିଆଗଞ୍ଜ, ନୂଆବଜାର, ପୋତାପୋଖରୀ, ଶିଖରପୁର-ଗଣ୍ଡରପୁର-ମହାନଦୀବିହାର, ଯୋବ୍ରା, ପ୍ରତାପ ନଗରୀ ପୂଜା ମଣ୍ଡପ, ବାଲିକୁଦା ଓ ଗୋପାଳପୁର ପୂଜା ମଣ୍ଡପ ସମେତ କଟକର ପ୍ରାୟ ୩୧ଟି ପୂଜା ମଣ୍ଡପ ବୁଲି ମା'ଦୁର୍ଗାଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ପୂଜା ମଣ୍ଡପ ବୁଲିବା ପରେ ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମାଛୁଆ ବଜାରସ୍ଥିତ ସର୍କିଟ ହାଉସ ଗସ୍ତ କରିଥିଲେ।



ଚୌଧୁରୀ ବଜାର ମଣ୍ଡପରେ ମା'ଙ୍କୁ ଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କମିଟି କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ମା' ଦୁର୍ଗାଙ୍କ ଦର୍ଶନ ଓ ଆଶିଷଲାଭ କରି ନିଜକୁ ଧନ୍ୟ ମନେକରୁଛି। କଟକରେ ସମସ୍ତ ଧର୍ମର ଲୋକ ସାମିଲ ହୋଇ ଏହି ପୂଜାକୁ ପାଳନ କରୁଛନ୍ତି, ଏହା ହିଁ ହେଉଛି ଭାଇଚାରା ସହରର ଉଦାହରଣ। ଏଠାରେ ଶାନ୍ତି ସର୍ବଦା ବଜାୟ ରହିଥାଏ। ବିଶ୍ୱରେ କଟକର ଦଶହରାର ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି। ଏହାସହ ନୂଆ ଓ ସମୃଦ୍ଧ ଓଡ଼ିଶା ଗଠନ ହେଲେ କଟକ ସହର ତାର ନେତୃତ୍ୱ ନେବ ବୋଲି ସେ କହିଥିଲେ। ଏହି ଅବସରରେ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ନୟନ ମହାନ୍ତି, ବରିଷ୍ଠ ନେତ୍ରୀ ସ୍ମୃତି ପଟ୍ଟନାୟକ, ବିନୋଦ ଦାସ, ଲଲାଟେନ୍ଦୁ ବସ୍ତୁ, ବରିଷ୍ଠ ନେତା ଲକ୍ଷ୍ମୀଧର ପ୍ରଧାନ, ପ୍ରଦୀପ୍ତ ସ୍ୱାଇଁଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।

## ପୂଜା ମଣ୍ଡପ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ, ବିଧାୟିକା, ବିଜେଡିର ପ୍ରତିନିଧି ମଣ୍ଡଳୀ

ସେହିପରି ବିଜୟାଦଶମୀ ଅବସରରେ ଗୁରୁବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କଟକର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ବୁଲିଥିଲେ। ଅନ୍ୟପଟେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ପୂଜା ସମୟରେ କଟକର ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ ମା' ଦୁର୍ଗାଙ୍କ ଆଶିଷ ଲାଭ କରିଥିବାବେଳେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ମହାଷ୍ଟମୀରେ କଟକ ମେୟର ସୁବାସ ସିଂଙ୍କ ଆହ୍ୱାନକ୍ରମେ ବିଜେଡିର ରାଜ୍ୟସ୍ତରୀୟ ପ୍ରତିନିଧି ଦଳ କଟକ ସହରର ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ଆଶିଷ ଲାଭ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ବିଜେଡି ଜିଲା ସଭାପତି ପ୍ରଫୁଲ୍ଲ ସିଂ, ବିଜେଡି ରାଜ୍ୟ ଯୁବ ସଭାପତି ଚିନ୍ମୟୀ ସାହୁ, ବିଜେଡି ରାଜ୍ୟ ଛାତ୍ର ସଭାପତି ଈପ୍ସିତା ସାହୁଙ୍କ ସମେତ କର୍ମୀ ଉପସ୍ଥିତ ଥିଲେ। ପ୍ରତାପ ନଗରୀ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ପ୍ରତାପ ନଗରୀ ଦୁର୍ଗାପୂଜା କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ରଞ୍ଜିତ କୁମାର ସାଇଁ, ନିହାର ରଞ୍ଜନ ପଣ୍ଡା, ବିକ୍ରମ ଶତପଥି, ସ୍ୱାଧୀନ ଚେତା ମହାନ୍ତି ଓ ସମସ୍ତ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ରାଜପଥରେ ପୃଥକ୍ ଦୁର୍ଘଟଣା, ୪ ମୃତ

ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପିଏନ୍ କଲେଜ ନିକଟ ଜାତୀୟ ରାଜପଥରେ ଗତ ବୁଧବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କଣ୍ଟେନର ଏକ ବାଇକ୍‌କୁ ଧକ୍କାଦେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଳଙ୍ଗା ଥାନା ଚକସୋଲାନ ଗ୍ରାମର ପ୍ରସନ୍ନ ଜେନା(୩୬), ରଣପୁର ଥାନା ଅଧୀନ ସାନପଥୁରିଆର ସୁଶାନ୍ତ ନାୟକ(୨୪) ଏବଂ ଡେଲାଙ୍ଗ ଥାନା ମଲିଗାଁର ଆଦିତ୍ୟ ସ୍ୱାଇଁ (୩୦)। ଖବରପାଇ ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭର ବିହାର ଅଞ୍ଚଳର ଶିବ କୁମାର ରାୟକୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଉକ୍ତ ଦିନ ଅପରାହ୍ନରେ ପିଏନ୍ କଲେଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଓଡ଼ଗାଁର ଲିଜା ପାଢ଼ୀ(୧୯)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

# ନୂଆ ରଘୁନନ୍ଦନ ଲାଇବ୍ରେରି ଜାଗାରେ ହେବ ଇ-ଲାଇବ୍ରେରି: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୩।୧୦ (ସୁନିତ୍ ମିଶ୍ର)

ନୂଆ ରଘୁନନ୍ଦନ ଲାଇବ୍ରେରି ଜାଗାରେ ଇ-ଲାଇବ୍ରେରି ନିର୍ମାଣ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶୁକ୍ରବାର କହିଛନ୍ତି, ଜ୍ଞାନ ଯଜ୍ଞମଣ୍ଡପ ନାଁରେ ଡିଜିଟାଲ ଲାଇବ୍ରେରି ନିର୍ମାଣ ହେବ। ଇ-ଲାଇବ୍ରେରି ସହିତ ସରକାର ରିସର୍ଚ୍ଚ ସେଣ୍ଟର ମଧ୍ୟ ନିର୍ମାଣ କରିବେ। ଶ୍ରଦ୍ଧାଳୁ ଓ ଗବେଷକଙ୍କୁ ଡିଜିଟାଲ ସୁବିଧା ପ୍ରଦାନ କରିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ମନ୍ଦିର ରେକର୍ଡ, ରୀତିନୀତି, ମାଦଳା ପାଞ୍ଜି, ପୋଥି ଓ ପାଣ୍ଡୁଲିପି ସଂରକ୍ଷଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ପୁରାତନ ପୁସ୍ତକ ଓ ତଥ୍ୟ ସହ ସଂରକ୍ଷିତ ଡକ୍ୟୁମେଣ୍ଟକୁ ନେଇ ଡାଟାବେସ ତିଆରି ହେବ। ଜଗନ୍ନାଥ ସଂସ୍କୃତି ଗବେଷଣା ଉପରେ ଏହା ଗବେଷକଙ୍କୁ ସହାୟକ ହେବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ଭୁଶୁଡିଲା ଲାଇଟ୍ ଗେଟ୍, ଭାଙ୍ଗିଲା ଛାତ ପାରାପିଟ୍

କଟକ,୩।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଲଘୁଚାପଜନିତ ବର୍ଷା ଓ ପବନ ଯୋଗୁ ମହାନବମୀ ଅବସରରେ ବୁଧବାର କଟକରେ ତୋରଣ ଓ ପୂଜାମଣ୍ଡପ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷାରେ କଲେଜଛକ ପୂଜା କମିଟିରେ ଥିବା ସୁଉଚ୍ଚ ଲାଇଟ୍ ଗେଟ୍ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ହେଲେ ଲାଇଟ ଗେଟ୍ ଭାଙ୍ଗିବା ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। କମିଟି ଓ ସ୍ଥାନୀୟ ପୋଲିସ ପକ୍ଷରୁ ତୁରନ୍ତ ଏହାକୁ ଠିକ୍ କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ବର୍ଷା ଯୋଗୁ କଟକ ରାଜାବଗିଚା ସର୍ବୋଦୟପୁର ପୂଜା ମଣ୍ଡପର ପାରାପିଟ୍(ତାଜା) ଭାଙ୍ଗି ଯାଇଥିଲା। ସର୍ବୋଦୟପୁର ପୂଜା କମିଟି ପକ୍ଷରୁ ପୂଜା ଚାଲିଥିବାବେଳେ ମଣ୍ଡପର ପାରାପିଟ୍ ଭାଙ୍ଗି ୩ ଆହତ ହୋଇଥିଲେ ଏବଂ ଆହତଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା।



କଲେଜଛକ ପୂଜା କମିଟି ପକ୍ଷରୁ ନିର୍ମିତ ଲାଇଟ୍ ଗେଟ୍ ଓ ମଞ୍ଚ ଭାଙ୍ଗି ପଡିଛି।

# ପର୍ଯ୍ୟବେକ୍ଷକ ତାଲିକାରେ ମନୀଷ, ମାନସୀ

ଭୁବନେଶ୍ୱର,୩।୧୦ (ରବିନାରାୟଣ ଜେନା)

### ନୂଆଦିଲ୍ଲୀରେ ନିର୍ବାଚନ ଆୟୋଗଙ୍କ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଲେ

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ଲାଗି ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାର ୨ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ଅଧିକାରୀ ସାମିଲ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପକ୍ଷରୁ ଆୟୋଗଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଦୁଇଜଣ ଆଇଏଏସ୍ ଅଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଦୁଇଜଣ ନୂତନ ଅଧିକାରୀ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ନିମ୍ଭଲ ଓ ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି। ଉକ୍ତ ଦୁଇ ଅଧିକାରୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ପର୍ଯ୍ୟବେକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି।

ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି, ବିହାର ନିର୍ବାଚନ ସମେତ ଉପନିର୍ବାଚନ ପାଇଁ ଓଡ଼ିଶା ସିଇଓଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସିଇଓଙ୍କ ପ୍ରସ୍ତାବକ୍ରମେ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଏହି ଦୁଇ ନୂତନ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

DHARITRI

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁମିତ୍



@ ଶିବରାମ



@ ପ୍ରିୟଙ୍କା



@ ଅବିନାଶ



@ ଜ୍ୟୋତିପ୍ରକାଶ



@ ରୁଦ୍ରନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା**

# ପରୀକ୍ଷାର୍ଥୀଙ୍କ ପ୍ରତିବାଦ, ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର, ୩।୧୦ (ସତ୍ୟଜିତ ରାଉତ/ (ସୁଚିସ୍ମିତା ସାହୁ)

ରାଜ୍ୟରେ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏହା ପଛରେ ଅନେକ ବଡ଼ବଡିଆଙ୍କ ହାତ ଥିବା କୁହାଯାଉଛି। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରୁଥିବାବେଳେ ଚାକିରି ଆଶାୟୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଏସ୍‌ଆଇ ଆଶାୟୀମାନେ ଶୁକ୍ରବାର ପ୍ରତିବାଦ କରି ବହୁ ଦିଗକୁ ନେଇ ସମାଲୋଚନା କରିଛନ୍ତି। ପରୀକ୍ଷା ପରିଚାଳନାରେ ବାରମ୍ବାର ପ୍ରଘଟ ଓ ଦାୟିତ୍ୱହୀନତା ପଛରେ ବିଭାଗୀୟ ଅଧିକାରୀ, କୋଚିଂ ସେଣ୍ଟର ଏବଂ ବଡ଼ବଡ଼ିଆଙ୍କ ହାତ ଥିବା ସେମାନେ ଆଶଙ୍କା କରିଛନ୍ତି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଶାୟୀମାନେ ଦାବି କରିଛନ୍ତି। ଏହି ବଡ଼ ଜାଲିଆତି ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରୁ ବୋଲି ସେମାନେ କହିଛନ୍ତି। ଚାକିରି ଆଶାୟୀ ଅଭିଷେକ ବିଶ୍ୱାଳ କହିଛନ୍ତି, ପରୀକ୍ଷା ପାଇଁ ଓପିଆର୍‌ବି ଆଇଟିଆଇ ଲିମିଟେଡ୍‌କୁ ଟେଣ୍ଡର ଦେଇଥିଲା। ଆଇଟିଆଇ ସଂସ୍ଥା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦେଇଥିଲା। ପରେ ସିଲିକନ୍ ଏହି ପରୀକ୍ଷା ପାଇଁ ପଞ୍ଚସଫ୍ଟକୁ ଦେଇଥିଲା। ଗୋଟିଏ ସଂସ୍ଥା ଆଉ ଗୋଟିଏ ସଂସ୍ଥାକୁ ଦାୟିତ୍ୱ ଦେବା ପାଇଁ ନିୟମ ଅଛି କି ନାହିଁ ସେ ପ୍ରଶ୍ନ ଉଠାଇଛନ୍ତି। ସବୁ ପୋଷ୍ଟ ବିକ୍ରି ହୋଇଥିବ ବୋଲି ସେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବାରୁ କ୍ରାଇମବ୍ରାଞ୍ଚ ଜାଲିଆତିର ଚେର ଓ ମୂଳକୁ ଖୋଜି ବାହାର କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି।

### ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରିର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ଓଡ଼ିଆ ଅସ୍ମିତା ପରିଷଦ। ଏନେଇ ପରିଷଦର ରାଜ୍ୟ କମିଟି ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖାଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି, ୯୩୩ଟି ପୋଲିସ ଏସ୍.ଆଇ. ପଦବୀ ପାଇଁ ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଗତ ୬ମାସ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ହେରଫେର ପାଇଁ ପୋଲିସ ବିଭାଗର କେତେଜଣ ବଡ଼ ଅଫିସରଙ୍କ ସମେତ କେତେଜଣ ରାଜନେତା ଓ କୋଚିଂ ସେଣ୍ଟର ମାଲିକ ହାତ ମିଳାଇଥିଲେ। ୧୧୭ଜଣ ପରୀକ୍ଷାର୍ଥୀଙ୍କଠାରୁ ୨୫ ଲକ୍ଷ ଟଙ୍କା ଲେଖାଏ ଆଦାୟ କରିବାକୁ ଡିଲ୍ ହୋଇଥିଲା। ହାଇଦ୍ରାବଦରେ ପ୍ରଶ୍ନପତ୍ର ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଯୋଜନା ରହିଥିଲା। ତେଣୁ ରାଜ୍ୟରେ ନିଯୁକ୍ତିକୁ ନେଇ ପରୀକ୍ଷାରେ ସଂସ୍କାରର ଆବଶ୍ୟକତା ରହିଛି। ଉଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଜଣେ କିମ୍ବା ଦୁଇଜଣ ଆଇଏଏସ୍ ଓ ଆଇପିଏସ୍ ଅଫିସର ଓ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ନେଇ ଏକ ପ୍ରଶାସନିକ ସଂସ୍କାର କମିଟି ଗଠନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ପରିଷଦର ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ସଂଯୋଜକ ଅରୁଣ ଜେନା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଗଣେଶ ପଣ୍ଡା, ସୁବାସ କୁମାର ତାରଣିଆଁ ଓ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଏହି ପ୍ରଶାସନିକ ସଂସ୍କାରକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ରରେ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ଡିଆଇଜିଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲା ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ

ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)

ପୋଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ବିଭାଗର ଏକାଧିକ ବଡ଼ ଅଫିସର ଓ ପୂର୍ବତନ ପୋଲିସ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ ହୋଇଛି। ଶୁକ୍ରବାର ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଗିରଫ ହୋଇଥିବା ୧୧୭ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୂର୍ବତନ ଡିଆଇଜିଙ୍କ ପୁଅ ରହିଛନ୍ତି। ପୂର୍ବତନ ଡିଆଇଜିଙ୍କ ସହ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଅଧ୍ୟକ୍ଷଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ବା ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବା ଆବଶ୍ୟକ। ବିଭୂତି କହିଛନ୍ତି, ଗିରଫ ଜଣେ ଅଭିଯୁକ୍ତଙ୍କ ବାପା ଗତ ମାର୍ଚ୍ଚରେ ଡିଆଇଜି ଭାବେ (ଜେଲ ବିଭାଗ) ଅବସର ନେଇଥିଲେ। ସେହି ବିଭାଗର ଡିଜି ଭାବେ କାର୍ଯ୍ୟରତ ଥିବା ସୁଶାନ୍ତ କୁମାର ନାଥ ମଧ୍ୟ ବର୍ତ୍ତମାନ ଓପିଆର୍‌ବି ଅଧ୍ୟକ୍ଷ ଅଛନ୍ତି। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ଭଲ ସମ୍ପର୍କ ରହି ଆସିଥିବାବେଳେ ଅବସରପ୍ରାପ୍ତ ଡିଆଇଜି ଜଣକ ଓପିଆର୍‌ବି ଅଧ୍ୟକ୍ଷଙ୍କ ସହଯୋଗରେ ଏସ୍‌ଆଇ ଚାକିରି ଜାଲିଆତିରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ବିଭୂତି ଅଭିଯୋଗ କରିଛନ୍ତି।



ବିଭୂତି ଭୂଷଣ ମହାପାତ୍ର

# ଏସ୍‌ଆଇ ପରୀକ୍ଷାରେ ମୁଖ୍ୟ ଅଭିଯୁକ୍ତ ଭାଜପା ସହ ଜଡ଼ିତ: ବିଜେଡି

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷା ଜାଲିଆତି ମାମଲାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଭାଜପା ସହିତ ଜଡ଼ିତ ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ବରିଷ୍ଠ ନେତାଙ୍କ ସହିତ ମୁଖ୍ୟ ଅଭିଯୁକ୍ତଙ୍କ ଫଟୋ ଜାରି କରିଛି। ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଛାତ୍ର ସଭାନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ଏହି ଘଟଣାରେ ରାଜ୍ୟ ସରକାରଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବିକୁ ସେ ଦୋହରାଇଛନ୍ତି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି। ପୋଲିସ ଏସ୍‌ଆଇ ପଦବୀ ପାଇଁ ଗତ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉ ଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯିବା ପରେ ବ୍ରହ୍ମପୁର ପୋଲିସକୁ ହସ୍ତାନ୍ତର ହୋଇଛନ୍ତି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ଲାଗି ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉଚ୍ଚ ପଦବୀଧାରୀଙ୍କ ସହିତ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ ସମ୍ପୃକ୍ତ ଅଛନ୍ତି ବୋଲି ଗୁରୁବାର ଆମ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଆମେ ତାହାର ପ୍ରମାଣ ଆପଣଙ୍କ ସାମ୍ନାରେ ରଖୁଛୁ। ଏହି ନିଯୁକ୍ତି ଦାୟିତ୍ୱ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ଉପରେ ଥିଲାବେଳେ ଏହାର ଅଧ୍ୟକ୍ଷ ଭାବେ ସନ୍ତୋଷ ଉପାଧ୍ୟାୟଙ୍କୁ ନିଯୁକ୍ତି ଦିଆଯାଇଥିଲା। ୯୩୩ ଏସ୍‌ଆଇ ପଦବୀରେ ନିଯୁକ୍ତି ଦେବା ପାଇଁ ଆବଶ୍ୟକ ପରୀକ୍ଷାକୁ ପରିଚାଳନା କରିବା ଲାଗି ଭାରତ ସରକାରଙ୍କ ସଂସ୍ଥା ଆଇଟିଆଇକୁ ପ୍ରଦାନ କରାଯାଇଛି। ଏହି କାମ ପାଇଁ ଆଇଟିଆଇ ତା'ର ସହଯୋଗୀ ଭାବେ ଗୁଜରାଟର ରିଚ୍ ମାଇଣ୍ଡ ଡିଜିଟାଲକୁ ନେଇଥିଲା। ଏପ୍ରିଲ ୨୦୨୫ରେ ରାଜ୍ୟ ସରକାର ସନ୍ତୋଷ ଉପାଧ୍ୟାୟଙ୍କୁ ଅବ୍ୟାହତି ଦେଇ ତାଙ୍କ ଜାଗାରେ ସୁଶାନ୍ତ ନାଥଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହାପରେ ଆଇଟିଆଇ ଦ୍ୱାରା ରିଚ୍ ମାଇଣ୍ଡକୁ ହଟାଯାଇ ଓଡ଼ିଶାର ଏକ ସଂସ୍ଥା ସିଲିକନ ଡିଜିଟେକ୍‌କୁ ସହଯୋଗୀ ଭାବେ ନିଆଯାଇଥିଲା। ସିଲିକନ ଡିଜିଟେକ୍ ତା'ର ସହଯୋଗୀ ଭାବେ ବ୍ରହ୍ମପୁର ସ୍ଥିତ ପଞ୍ଚସଫ୍ଟ ଟେକ୍ନୋଲୋଜି ନାମକ ଏକ କମ୍ପାନୀକୁ ଦାୟିତ୍ୱ ଦେଇଥିଲା। ଏହି ପଞ୍ଚସଫ୍ଟ ସଂସ୍ଥା ଦ୍ୱାରା ମୋଟା ଅଙ୍କର ଉତ୍କୋଚ ଗ୍ରହଣ କରାଯାଇ ଜାଲିଆତି ମାଧ୍ୟମରେ ଚାକିରି ଦେବା ପାଇଁ ଉଦ୍ୟମ କରାଯାଉଥିଲା ବୋଲି ବିଜେଡି ଅଭିଯୋଗ କରିଛି।

# ୨୬,୭୦୦ ଗ୍ରାମକୁ ଟେଲିକମ ସଂଯୋଗ

## ବିଏସ୍‌ଏନ୍‌ଏଲ୍‌ର ସ୍ୱଦେଶୀ ୪ଜି ନେଟୱର୍କ ଉନ୍ମୋଚିତ

ଭୁବନେଶ୍ୱର,୩।୧୦

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ), ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଟେଲିମ୍ୟାଟ୍ରିକ୍ସ (ସି-ଡଟ) ଏବଂ ତେଜସ୍ ନେଟୱର୍କସ୍ ଲିମିଟେଡ୍ ସହଭାଗିତାରେ ଭାରତ ଟେଲିକମ୍ ଷ୍ଟାକ୍ ଉନ୍ମୋଚନ କରାଯାଇଛି। ଏହା ଏକ ଆଧୁନିକ, ସୁରକ୍ଷିତ ସମାଧାନ ଯାହା ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ସହ ବିକଶିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୬,୭୦୦ ଗ୍ରାମକୁ ଟେଲିକମ୍ ସଂଯୋଗ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆତ୍ମନିର୍ଭରଶୀଳ ଭାରତର ଦର୍ଶନରୁ ଏହା ପ୍ରେରିତ ହୋଇଛି। ୪ଜି ଏବଂ ସ୍ୱୟଂସମ୍ପୂର୍ଣ୍ଣ ସ୍ୱଦେଶୀ ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ନିର୍ମାଣ କରୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ଦେଶରେ ପରିଣତ ହୋଇଛି । ଏକ ମିଶନ୍ ମୋଡ୍ ପ୍ରୋଗ୍ରାମ୍ ଭାବରେ ଟିସିଏସ୍ ଡାଟା ସେଣ୍ଟର୍ ସ୍ଥାପନ, ସି-ଡଟର ଇପିସି କୋର୍ ଆପ୍ଲିକେସନ୍, ତେଜସ୍‌ଙ୍କ ବେସ୍ ଷ୍ଟେଶନ୍ ଏବଂ ୧ଲକ୍ଷରୁ ଅଧିକ ସାଇଟରେ ରେଡିଓ ଭିତ୍ତିଭୂମି ସ୍ଥାପନ ଏବଂ କାର୍ଯ୍ୟକ୍ଷମ ଏବଂ ୨୪/୭ ବାସ୍ତବ ସମୟ ନେଟୱର୍କ୍ ପରିଚାଳନା ପାଇଁ ଟିସିଏସର କଗନିଟିଭ୍ ନେଟୱର୍କ୍ ଅପରେସନ୍ସ (ଟିସିଏସ୍ ସିଏନଓପି) ପ୍ଲାଟଫର୍ମର ଉପଯୋଗ କରି ଏହାର କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲା। ଏହି ପ୍ରକଳ୍ପ ଟିସିଏସ୍, ବିଏସଏନଏଲ୍, ଟେଲିକମ୍ ବିଭାଗ, ମ୍ୟାନିକ୍ସେ ଆଣ୍ଡ କୋ, ସି-ଡଟ, ତେଜସ୍, ଆଇ ଆଣ୍ଡ ସି ପାର୍ଟନର୍ସ ଦ୍ୱାରା 'ମିଶନ୍-ମୋଡ୍'ରେ ପରିଚାଳିତ ହେଉଛି। ଏହା ଦୁଇ ବର୍ଷର ମଧ୍ୟରେ ଶେଷ ହୋଇଥିଲା ଯାହା ବିଏସଏନ୍‌ଏଲ୍‌ର ୨ଜି/୩ଜି ନେଟୱର୍କକୁ ଦ୍ରୁତତମ ୪ଜି ନେଟୱର୍କ୍ କରିଥିଲା। ଏହା ଭାରତର ଜାତୀୟ ସୁରକ୍ଷାକୁ ସଶକ୍ତ କରୁଛି ଏବଂ ସହରୀ ଏବଂ ଗ୍ରାମୀଣ ବାସିନ୍ଦାଙ୍କୁ ସମାନ ସୁଯୋଗ ପ୍ରଦାନ କରୁଛି ଯାହା ଦ୍ୱାରା ଅନଲାଇନ୍ ଶିକ୍ଷା, ନାଗରିକ ସେବା, ଟେଲିମେଡିସିନ୍, ଇ-ଗଭର୍ନାନସ ଆଦି କାର୍ଯ୍ୟକୁ ସରଳ କରିଛି। ବିଏସଏନଏଲର ସିଏମଡି ରବର୍ଟ ଜେ ରବି କହିଛନ୍ତି ଯେ, 'ଆଜି, ଆମେ ଜାତୀୟ ଗୌରବ ପାଇଁ ଏକ ଐତିହାସିକ ଉପଲବ୍ଧି ପାଳନ କରୁଛୁ। ଆମର ସ୍ୱଦେଶୀ ୪ଜି ନେଟୱର୍କରେ ଜାତୀୟ ଶୁଭାରମ୍ଭ କରାଯାଇଛି। ବିଏସଏନଏଲ ଟିମର ଅବିଶ୍ରାନ୍ତ ପରିଶ୍ରମରୁ ସୃଷ୍ଟି ହୋଇଥିବା ଏହି 'ମେଡ୍ ଇନ୍ ଭାରତ' ଷ୍ଟାକ୍ ଆମ ଡିଜିଟାଲ୍ ଭବିଷ୍ୟତକୁ ସୁରକ୍ଷିତ କରୁଛି । ଏହି ସଂଯୋଗର ଲାଭ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ, ଯାହାଦ୍ୱାରା ଡିଜିଟାଲ୍ ଅନ୍ତର ସମ୍ପୂର୍ଣ୍ଣ ହ୍ରାସ ପାଇବ ବୋଲି ସେ କହିଛନ୍ତି। ବିଏସଏନଏଲର ନିର୍ଦ୍ଦେଶକ (କଷ୍ଟୋମର ମୋବିଲିଟି- ସିଏମ) ସନ୍ଦୀପ ଗୋଭିଲ୍ କହିଛନ୍ତି, ସ୍ୱଦେଶୀ ୪ଜି ଏକ ଡିଜିଟାଲ୍ ସାମାଜିକ ସମାନ ସମାଜ ଗଠନ ପାଇଁ ଏକ ମୂଳଦୁଆ ଅଟେ । ଏହା ୫ଜି ଏବଂ ତା'ଠାରୁ ଅଧିକ ପାଇଁ ବିକଶିତ ହେବାକୁ ପ୍ରସ୍ତୁତ। ଭାରତର ବିକାଶ କାହାଣୀ ସାର୍ବଭୌମ, ଘରୋଇ ପ୍ରଯୁକ୍ତି ଦ୍ୱାରା ଶକ୍ତିଶାଳୀ ହେବା ଏହାକୁ ପ୍ରମାଣିତ କରୁଛି। ଟିସିଏସର ପରାମର୍ଶଦାତା (ଟେଲିକମ୍ ଷ୍ଟ୍ରାଟେଜିକ୍ ଇନିସିଏଟିଭସ )ଏବଂ ତେଜସ୍ ନେଟୱର୍କସର ଅଧ୍ୟକ୍ଷ ଏନ. ଗଣପତି ସୁବ୍ରମଣ୍ୟମ୍ କହିଛନ୍ତି ଯେ, ବିସ୍ତୃତ, ବିଶ୍ୱସ୍ତ ଏବଂ ସଫ୍ଟୱେର୍ ଅପଗ୍ରେଡ କରାଯାଇ ପାରୁଥିବା ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ବିକଶିତ କରିଥିବା ଦେଶ ତାଲିକାରେ ଭାରତ ସ୍ଥାନ ପାଇଥିବାରୁ ଆମେ ନିଜକୁ ଗର୍ବିତ ମନେ କରୁଛୁ।

# ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବ ଭିମ୍ ଆପ୍

ଭୁବନେଶ୍ୱର,୩।୧୦

ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସଏଲ)ର ଭାରତର ନିଜସ୍ୱ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଭିମ ପେମେଣ୍ଟ ଆପ୍ ପକ୍ଷରୁ 'ମିଠି ଦିୱାଲି'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ରିହାତି ଏବଂ ଅଫର ପ୍ରଦାନ ସହ ଏହି ଅଭିଯାନ ମହିଳା କାରିଗର ଏବଂ ଉଦ୍ୟୋଗୀଙ୍କ ପାଇଁ ଦୈନନ୍ଦିନ ଦେୟକୁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଅକ୍ଟୋବର ୧ରୁ ୩୧ ମଧ୍ୟରେ ଭିମ ପେମେଣ୍ଟ ଆପରେ ୧୦ କିମ୍ବା ତା'ଠାରୁ ଅଧିକ କାରବାର ସମ୍ପୂର୍ଣ୍ଣ କରି ଭାରତରେ ମହିଳା ନେତୃତ୍ୱରେ ଚାଲୁଥିବା ବ୍ୟବସାୟଗୁଡ଼ିକୁ ସହଯୋଗ ପ୍ରଦାନ କରିପାରିବେ। 'ଅପ୍ନାୟର ଫର ହର' ସହଯୋଗିତା ଏହି ଅଭିଯାନ ଆରମ୍ଭ କରାଯାଇଛି। ଏନବିଏସଏଲର ପରିଚାଳକ ନିର୍ଦ୍ଦେଶକ ଲଳିତା ନାଟାରାଜ କହିଛନ୍ତି ଯେ, 'ମିଠି ଦିୱାଲି' ମାଧ୍ୟମରେ ଆମେ ପ୍ରତିବର୍ଷ ଏହି ଆନନ୍ଦରେ ଏକ ଉଦ୍ଦେଶ୍ୟ ଯୋଡିବା ପାଇଁ ଲକ୍ଷ୍ୟ ରଖିଛୁ।

# ରିଲାଏନ୍ସ ଜୁଏଲ୍‌ସର ଦୀପାବଳି କଲେକ୍ସନ

ଭୁବନେଶ୍ୱର, ୩।୧୦



ରିଲାଏନ୍ସ ଜୁଏଲ୍‌ସ, ଦୀପାବଳି ଅବସରରେ ନୂଆ ଉତ୍ସବ ଅଳଙ୍କାର କଲେକ୍ସନ୍ ଆଣିଛି। ଏହା ସହ ପ୍ରଥମ ଥର ପାଇଁ ବଲିଉଡ ତାରକା ରବୀନା ଟଣ୍ଡନ ଓ ତାଙ୍କ ଝିଅ ରଶା ଥାଡାନୀ ଏହି ବ୍ରାଣ୍ଡର ଆମ୍ବାସାଡାର ହୋଇଛନ୍ତି। ରିଲାଏନ୍ସର ଗ୍ରୁପ ସିଏମଓ ଗାୟତ୍ରୀ ଯାଦବ କହିଛନ୍ତି, ଭାରତୀୟଙ୍କ ପାଇଁ ସୁନା ଖାଲି ଅଳଙ୍କାର ନୁହେଁ, ଏହା ଆମର ପରମ୍ପରା ଓ ପରିଚୟର ଅଂଶ। ଏଥିରେ ଲକ୍ଷ୍ମୀ ଆକୃତି, ରଙ୍ଗୋଲି, ଲଣ୍ଠନ, ଦୀପ, ଗେଣ୍ଡୁଫୁଲ, ପଦ୍ମ ଓ ମୟୂର ଡିଜାଇନ ସୁନା ଓ ହୀରାରେ ତିଆରି ଅଳଙ୍କାର ରହିଛି। ଏହାରେ କାନଫୁଲ, ଚୋକର, ଲମ୍ବା ହାର, ଚୁଡ଼ି ଓ ମୁଦି ଅଛି, ଯାହା ଦୀପାବଳି, ଧନତେରାସ ଓ ବିବାହ ପାଇଁ ଉପଯୁକ୍ତ। ରବୀନା ଟଣ୍ଡନ ଓ ରଶା ଥାଡାନୀ କହିଛନ୍ତି, ଅଳଙ୍କାର ଆମ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥାଏ। ଏହି ସଂଗ୍ରହ ଉତ୍ସବର ଆନନ୍ଦ ଓ ପରମ୍ପରାକୁ ସୁନ୍ଦର ଭାବେ ଦେଖାଉଛି। ଏହି ଦୀପାବଳିରେ ରିଲାଏନ୍ସ ଜୁଏଲସ୍ ୧୦୦% ପୁରୁଣା ସୁନା ବଦଳ ମୂଲ୍ୟ ଦେଉଛି। ଏହା ସହ ସୁନା ଅଳଙ୍କାର ଗଢ଼ା ମଜୁରୀ ଉପରେ ୪୫% ଓ ହୀରା ମୂଲ୍ୟ ଓ ଗଢ଼ା ମଜୁରୀ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ରିହାତି ନଭେମ୍ବର ୨ ଲାଗୁ ହେବ। ଏହି ନୂଆ କଲେକ୍ସନ ଦେଶର ୧୪୦ରୁ ଅଧିକ ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଉପଲବ୍ଧ।

# ରାଇସା ଏବଂ ରାଇମାନାଙ୍କୁ ମହାତ୍ମା ଆୱାର୍ଡ




ଭୁବନେଶ୍ୱର,୩।୧୦

ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱ ଏବଂ ସାମାଜିକ ପ୍ରଭାବରେ ଯୁବ ନେତୃତ୍ୱ ବର୍ଗରେ ରାଇସା ଇଲା ପଣ୍ଡା ଏବଂ ରାଇମାନା ରଶନା ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ପୁଡୁଚେରୀର ପୂର୍ବତନ ଉପରାଜ୍ୟପାଳ ଡ. କିରଣ ବେଦୀ, ରାଜଘାଟର ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏ ଆନ୍ନାମଲାଇ, କୋଙ୍କଣ ରେଳ ନିଗମର ସିଏମ୍‌ଡି ସନ୍ତୋଷ କୁମାର ଝା, ଏବଂ ମହାତ୍ମା ଫାଉଣ୍ଡେଶନର ତତ୍ତ୍ୱାବଧାନରେ ପୁରସ୍କାର ପ୍ରତିଷ୍ଠା କରିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ଅମିତ ସଚଦେବ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏବଂ ଶୈଫାଳିକା ପଣ୍ଡାଙ୍କ ଝିଅ ରାଇସା ଏବଂ ରାଇମାନା ୨୦୧୮ ମସିହାରେ ଷ୍ଟ୍ରାଇଭ ପ୍ରତିଷ୍ଠା କରିଥିଲେ ଏବଂ ସୀମାନ୍ତ ବର୍ଗର ଲୋକଙ୍କୁ ସଶକ୍ତ କରିବା ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ। ଫୁଟବଲକୁ ପିଲାମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏକ ମାଧ୍ୟମ ଭାବରେ ବ୍ୟବହାର କରି ଏହି ଷ୍ଟ୍ରାଇଭ ମହିଳାମାନଙ୍କୁ ଜୀବିକା ତାଲିମ ମଧ୍ୟ ପ୍ରଦାନ କରେ, ଯାହା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲ୍‌ଏମ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ପୁରସ୍କାର ଗ୍ରହଣ କରି ରାଇସା ଇଲା ପଣ୍ଡା କହିଛନ୍ତି, ସଶକ୍ତୀକରଣ ହେଉଛି ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ମୋ ଭଉଣୀ, ରାଇମାନା ଏବଂ ମୁଁ ଏହି ମାନ୍ୟତା ପାଇବା ପରେ ଆମର ଯାତ୍ରା ଜାରି ରଖିବାକୁ ପ୍ରତିବଦ୍ଧ। ଅନ୍ୟାନ୍ୟ ବର୍ଗରେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ତଥା ସାମାଜିକ କର୍ମୀ ମଲ୍ଲିକା ସାରାଭାଇ, ସିପ୍ଲାର ଅଧ୍ୟକ୍ଷ ଡ. ୟୁସୁଫ ହାମିଦ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆପୋଲୋ ଟାୟାର୍ସ ଏହି ମହାତ୍ମା ପୁରସ୍କାର ୨୦୨୫ ଗ୍ରହଣ କରିଛନ୍ତି।

# ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ'

ଭୁବନେଶ୍ୱର,୩।୧୦
(ଅନୁରାଧା ମହାରଣା)




ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ ଇଲେକ୍ଟ୍ରୋନିକ୍ସ' ସେଲ୍ ଆରମ୍ଭ ହୋଇଛି। ଏଥିରେ ଟିଭି, ଫ୍ରିଜ, ଏସି, ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଜିନିଷ ଉପରେ ବଡ଼ ରିହାତି ମିଳୁଛି। ଏହି ସେଲ ଅକ୍ଟୋବର ୨୫ ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ଜିଓ ମାର୍ଟ ଓ www. reliancedigital.in ରେ ଚାଲିବ। ବ୍ୟାଙ୍କ କାର୍ଡରେ ୧୫,୦୦୦ ପର୍ଯ୍ୟନ୍ତ ରିହାତି ଓ ପେପର ଫାଇନାନ୍ସରେ ୩୦,୦୦୦ ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ମିଳିବ। ରିଲାଏନ୍ସ ଡିଜିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୬୫ ଇଞ୍ଚ ତୋଶିବା କ୍ୟୁଏଲଇଡି ଟିଭି ୪୫,୯୯୦ରେ, ଆଇଫୋନ୍ ୧୬ଇ ୪୪,୯୯୦ରେ, ୧ ଟନ୍ ଏସି ୧୭,୯୯୦ରେ ଓ ଡବଲ ଡୋର ଫ୍ରିଜ ୧୮,୯୯୦ରେ ମିଳୁଛି। ଏହା ସହ ୱାଶିଂମେଶିନ, ରୋଷେଇ ଜିନିଷ ଓ ସ୍ମାର୍ଟୱାଚ୍‌ରେ ୫%ରୁ ୧୫% ରିହାତି ଅଛି। ଉତ୍ସବ ପାଇଁ ଜିନିଷ କିଣିବାର ଏହା ହେଉଛି ସବୁଠୁ ଭଲ ସମୟ ବୋଲି କମ୍ପାନୀ କହିଛି।

# ଆଜିଠାରୁ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଲାଗୁ

ଭୁବନେଶ୍ୱର,୩।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଏକ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଘୋଷଣା କରିଛି। ଶନିବାରଠାରୁ ଲାଗୁ ହେବାକୁ ଥିବା ଏହି ନୂଆ ସିଷ୍ଟମ ଅନୁସାରେ ଚେକ୍ ଗୋଟିଏ ଦିନରେ କ୍ଲିୟର ହେବ। ଏପରି ହେବା ଦ୍ୱାରା ଗ୍ରାହକଙ୍କୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆରବିଆଇ କହିଛି ଯେ, ଏବେ କେବଳ କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିୟର ହୋଇପାରିବ। ଆରବିଆଇ କହିଛି ଯେ, ଗୋଟିଏ ଦିନରେ ଚେକ୍ କ୍ଲିୟର କରିବା ପାଇଁ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ୍) ବ୍ୟବହାର କରିବେ। ଏହି ସିଷ୍ଟମରେ ଗ୍ରାହକ ଯେତେବେଳେ ବ୍ୟାଙ୍କରେ ଚେକ୍ ଜମା କରିବେ, ବ୍ୟାଙ୍କ ତାହାର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇବ। ସମ୍ପୃକ୍ତ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଯଦି ଚେକରେ ଠିକ ତାରିଖ, ପେମେଣ୍ଟ ନାମ, ରାଶି ଓ ସ୍ୱାକ୍ଷର ବ୍ୟାଙ୍କରେ ଥିବା ସ୍ୱାକ୍ଷର ସହ ମେଳ ଖାଏ, ତେବେ ଚେକ ସେହି ଦିନ କ୍ଲିୟର ହୋଇଯିବ। ମାତ୍ର ଯଦି ଚେକରେ କୌଣସି ଓଭରରାଇଟିଂ ଥାଏ, ତାହାକୁ ଅବୈଧ ମାନି ପ୍ରତ୍ୟାଖ୍ୟାନ କରାଯିବ। ଆରବିଆଇ କହିଛି ଯେ, ଏହି ନୂଆ ଚେକ କ୍ଲିୟରାନ୍ସ ସିଷ୍ଟମ ଦୁଇ ପର୍ଯ୍ୟାୟରେ ଲାଗୁ ହେବ। ପ୍ରଥମ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଚେକ୍ ଜମା ହେବା ପରେ ସମ୍ପୃକ୍ତ ବ୍ୟାଙ୍କକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚେକ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ ଆରମ୍ଭ ହେବ। ଏଥିରେ ଚେକ୍ କ୍ଲିୟର ହେବାର ସମୟସୀମାକୁ ମାତ୍ର ୩ଘଣ୍ଟାକୁ କମାଇ ଦିଆଯିବ। ଏହା ଗ୍ରାହକଙ୍କ ପାଇଁ ବହୁତ ସୁବିଧାଜନକ ହେବ, କାରଣ ପୂର୍ବରୁ ଚେକ୍ କ୍ଲିୟର ହେବାକୁ ୨-୩ ଦିନ ଲାଗୁଥିଲା, ଯାହା ଅନେକ ଅସୁବିଧାର କାରଣ ହେଉଥିଲା।

# ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ପରଲୋକ



କୃଷ୍ଣଚନ୍ଦ୍ର ମଲ୍ଲିକ

ଜଗତ୍‌ସିଂହପୁର, ୩।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସ୍ଥାନୀୟ ପୁନଙ୍ଗସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଜଗତ୍‌ସିଂହପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ,ପୂର୍ବ ବିଧାୟକ କୈଳାସ ମଲ୍ଲିକ, ପୂର୍ବତନ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ କୃଷ୍ଣଚନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ମଲ୍ଲିକ ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ଜଗତ୍‌ସିଂହପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରିଥିଲେ। ସେ ଜଣେ ଅମାୟିକ, ଧର୍ମପରାୟଣ ଓ ଦୃଢ଼ ସଙ୍ଗଠକ ଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ଶୋକସନ୍ତପ୍ତ ପରିବାର ପ୍ରତି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମବେଦନା ଜଣାଇବା ସହ ପ୍ରାର୍ଥନା କରିଥିବା କହିଛନ୍ତି।


## NOTICE INVITING TENDER

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., DISTRICT-NUAPADA**

No.CAD-1914

TENDER NO.2882, DATED: 26.09.2025

**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of Transport Contractors for transportation of (i) Paddy from Paddy Purchase Centres (PPCs)/ Mandis to Rice Mill points (Within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From date 30.09.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | Dt.03.10.2025 at 11.30 A.M. Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of complete Tender documents with enclosures | Through e-Procurement Portal: www.tendersodisha.gov.in Upto 05.30 PM dt.15.10.2025 |
| 4 | Date, Time and Venue for opening of Technical bid by the Tender Committee | On dt.17.10.2025 at 10.00 A.M. in the conference hall Collectorate, Nuapada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.17.10.2025 At 10.00 AM in the conference hall Collectorate, Nuapada |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender. |
| 8 | Language of the Tender | The tender should be prepared by the bidder in English language only. |
| 9 | Helpdesk Telephone Number | CCSO/CSO-cum-DM's Contact Number: CSO-cum-DM-9937484002, Accounts Head-6370112636 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof.
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

**Sd./- CSO-cum-District Manager**
**OSCSC Ltd., Nuapada**

OIPR-07058/11/0010/2526



## ଓଡ଼ିଶା ସରକାର

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**

E-Mail: serwcirclesbp@yahoo.com

Office Order No. 3556 Dated: 26.09.2025

**1st Corrigendum Bid Identification No.**
**Building Tender Online RWCSBP-16/2025-26**

No. O-924: Following modifications are hereby made to the notice inviting tender vide this office Bid ID No. Building tender Online RWCSBP-16/2025-26 for the work (1) Construction of 08 Nos. New Residential Staff Qtr. (E Type) at Tahasil Office, Bheden in the district of Bargarh for the year 2025-26, (2) Construction of 08 Nos. New Residential Staff Qtr. (E Type) at Tahasil Office, Bhatli in the district of Bargarh for the year 2025-26, (3) Construction of PHC Building at Tulandi (Day Care) of Barpali Block in the district of Bargarh for the year 2025-26.

1. The availability of tender online for bidding may be read as 10.10.2025 from 11.00 A.M. to 24.10.2025 upto 5.00 P.M. instead of from 24.09.2025 from 11.00 A.M. to 08.10.2025 upto 5.00 P.M.
2. The last date & time for seeking clarification may be read as 22.10.2025 upto 5.00 P.M. instead of 06.10.2025 upto 5.00 P.M.
3. The date & time of technical opening bid may be read as 27.10.2025 at 11.00 A.M. instead of 09.10.2025 at 11.00 A.M.

All other terms and condition remain unchanged.

**Sd./- Chief Construction Engineer**
**R.W. Circle, Sambalpur**

OIPR-25091/11/0087/2526



## ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

**ବିଜ୍ଞାପନ**

No.RR-20: ଉର୍ଦ୍ଦୁ ଲେଖି ପଢି ଜାଣି ନ ଥିବା ୧୬ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୬ ମାସିଆ ଉର୍ଦ୍ଦୁ ଶିକ୍ଷା କେନ୍ଦ୍ର ଭୁବନେଶ୍ୱରସ୍ଥିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ କାର୍ଯ୍ୟାଳୟରେ ଖୋଲାଯାଇଅଛି । ଏହି ଶିକ୍ଷା କେନ୍ଦ୍ର ସନ୍ଧ୍ୟା ୬ରୁ ୭ ଘଟିକା ପର୍ଯ୍ୟନ୍ତ ଖୋଲାରହି ଶିକ୍ଷା ପ୍ରଦାନ କରାଯିବ । ଏହି ଶିକ୍ଷା କେନ୍ଦ୍ର ତା.୦୮.୧୦.୨୦୨୫ରୁ ଆରମ୍ଭ ହେବାକୁ ଯାଉଅଛି । ଉକ୍ତ ଶିକ୍ଷା କେନ୍ଦ୍ରରେ ନାମ ଲେଖିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହ ତା.୧୫.୧୦.୨୦୨୫ ରିଖ ସୁଦ୍ଧା ସଚିବ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ସଂସ୍କୃତି ଭବନ, ବି.ଜେ.ବି. ନଗର, ଭୁବନେଶ୍ୱର-୧୪ଙ୍କୁ ଦରଖାସ୍ତ କରିପାରିବେ ।

**ଦରଖାସ୍ତ ଫର୍ମ**

1. Student's Name ..............................
2. Guardian's Name ..............................
3. Date of Birth ..............................
4. Adhaar Card No ..............................
5. Examination Passed ..............................
6. Complete Postal Address with Pin Code ..............................
7. Contact Phone No. ..............................
8. Two Passport Size Photo ..............................

ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ସମସ୍ତ ପ୍ରମାଣ ପତ୍ରର ଜେରକ୍ସ କପି ସହ ତା.୧୫.୧୦.୨୦୨୫ ରିଖ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପଇଠ କରିବେ ।

ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ
ଭୁବନେଶ୍ୱର-୧୪

OIPR-03008/11/0005/2526



## STATE MEDICINAL PLANTS BOARD, ODISHA

(Forest, Environment & Climate Change Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in, Tel: +91674-2954911

**NOTICE**

**No.CAD-1910:** State Medicinal Plants Board, Odisha is going to organise the **18th State Level Kalinga Herbal Fair, Bhubaneswar** from **10-12-2025 to 16-12-2025.** Interested Event Management Agencies having adequate eligibility are requested to apply latest by **16.00 Hrs of 17.10.2025.**

For details & Tender documents, please visit the following website: www.odisha.gov.in (tenders.gov.in) or odishaforest.in & smpbodisha.in

OIPR-10122/11/0002/2526 **CHIEF EXECUTIVE, SMPB, ODISHA**



## ODISHA PUBLIC SERVICE COMMISSION, CUTTACK

**NOTICE**

No.6998/PSC Dt.03.10.25
(DR-IV) (2PC-01-2025-26)

**Programme Notice for rect. to the Post of Assistant Director of OPS Cadre (Advt. No. 07 of 2022-23)**

No. D-: It is for information of all provisionally qualified candidates that, the **Document Verification and Personality Test** for recruitment to the Post of **Assistant Director in Group-B Service of Odisha Planning Service Cadre,** pursuant to Advertisement No. 07 of 2022-23 will be held on **13.10.2025 (Monday)** in the office of OPSC, at 19, Dr. P.K. Parija Road, Cuttack - 753001 as per the programme detailed below:

| Date | Time of Document Verification | Time of Personality Test | Roll No. of Candidates to be Verified |
|---|---|---|---|
| 13.10.2025 | 08.30 A.M. | 10.45 A.M. | 100115, 100229, 100421, 100448, 100907, 100909, 100914, 100924, 100947, 101053 = **10 Candidates** |
| | 12.30 P.M. | 02.45 P.M. | 101190, 101191, 101221, 101242, 101249, 101276, 101300, 101338 = **08 Candidates** |

**N.B.:** The candidates are required to report **30 minutes before** the commencement of Document Verificiation in each time slot allotted in the scheduled programme.
It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original Certificates/Documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPIES OF THE FOLLOWING DOCUMENTS AT THE TIME OF DOCUMENT VERIFICATION**

1. **Hard copy of 'Online Application Form' mentioning Roll No. at the Top Right-Hand Corner**. Application Forms are available in the website of the Commission.
The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**.
2. **five (05) 'Passport Size Photographs' tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Certificate of Bachelor's Degree with Honours and Post-Graduate Degree** in Economics/Applied Economics/Agricultural Economics/Commerce/Mathematics/Sociology with Statistics as one of the Papers/Anthropology/Demography/Geography with Cartography or Regional Planning as one of the Papers/Statistics/Econometrics/Regional Planning.
5. **Mark-Sheets** in support of all the aforesaid Examination **(H.S.C., Bachelor's Degree & Master's Degree)** passed including fail marks, if any, issued by the concerned Board/Council/Unviersity.
6. **Conversion Certificate/Conversion Formula** in case of award of grades/credits/hours in Bachelor's Degree/Master's Degree.
7. Required **Odia Test Pass Certificate** issued within 12.10.2022.
8. **Caste Certificate by Birth** in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 12.10.2022.
9. **Recent SEBC Certificate** must be issued within 3 years prior to the last date of submission of online application form, whereever applicable.
10. **discharge Certificate** issued **within 12.10.2022** by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
11. **Govt. Departmental Candidate whether Temporary or Permanent** or working on probation must submit service certificate issued by Competent Authority.
12. **No Objection Certificate** issued by the Competent Authority in-case of Government Servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 12.10.2022**.
14. A **declaration** regarding the number of attempts appeared by the candidates in the Written Examination in the format annexed at **Annexure - I**.
15. **any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted/affixed duly filled in with passport size photograph.)
18. Any other documents as per Para - 10 of the Advertisement.

The candidates are required to mention **"submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0322/2526 **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି

## ଏସିସି କାର୍ଯ୍ୟାଳୟକୁ ଆସି ଟ୍ରଫି ନେବାକୁ କହିଲେ ନକ୍‌ଭି

## ଆଇସିସି ନିକଟରେ ଫେରାଦ ହେବ ବିସିସିଆଇ

**ଦୁବାଇ, ୩।୧୦ (ପି.ଟି.)**

ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି ରହିଥିବା ବେଳେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମହସିନ ନକ୍‌ଭି ଇତିମଧ୍ୟରେ କହିଛନ୍ତି, ଭାରତୀୟ ଦଳ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ଟ୍ରଫି ସଂଗ୍ରହ କରିନେଲେ ତାହାକୁ ସେ ସ୍ୱାଗତ କରିବେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ତାଙ୍କର ଏକ ପୋଷ୍ଟରେ ସେ କହିଛନ୍ତି, ରବିବାର ପୁରସ୍କାର ବିତରଣ ଉତ୍ସବରେ ସେ ତାଙ୍କ କାର୍ଯ୍ୟକଳାପକୁ ନେଇ ମଙ୍ଗଳବାର ଅନୁଷ୍ଠିତ ଏସିସି ଏଜିଏମ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ କ୍ଷମା ମାଗିଛନ୍ତି ବୋଲି ରିପୋର୍ଟରେ ଯାହା ପ୍ରକାଶ ପାଇଛି ତାହା ଭିତ୍ତିହୀନ। ସୂଚନାଯୋଗ୍ୟ, ପୁରସ୍କାର ବିତରଣ ଉତ୍ସବରେ ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳ ଏସିସି ଚେୟାରମ୍ୟାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବାରୁ ନକ୍‌ଭି ଟ୍ରଫିକୁ ନେଇ ଚାଲିଯିବାପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନକ୍‌ଭି ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଓ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଅଟନ୍ତି, ତାଙ୍କ ଆଚରଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେ ହେଉଛି। 'ଏକ୍ସ'ରେ ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଟ୍ରଫି ହସ୍ତାନ୍ତର କରିବା ଲାଗି ସେ ଏବେ ମଧ୍ୟ ପ୍ରସ୍ତୁତ ଅଛନ୍ତି, ସେମାନେ ଚାହିଁଲେ ଆସି ତାଙ୍କଠାରୁ ନେଇଯାଇ ପାରନ୍ତି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି କିମ୍ବା ବିସିସିଆଇ ନିକଟରେ କେବେ ଭୁଲ୍ ମାଗି ନାହାନ୍ତି କିମ୍ବା ଭବିଷ୍ୟତରେ ମାଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଏସିସି ଏଜିଏମ୍‌ରେ ଭାରତ ତରଫରୁ ଆଶିଷ ଶେଲର ଓ ରାଜୀବ ଶୁକ୍ଲା ପ୍ରତିନିଧିତ୍ୱ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରବା ପରେ ଚାମ୍ପିୟନ ଦଳକୁ ଟ୍ରଫି ହସ୍ତାନ୍ତର କରାଯାଇ ନ ଥିବାରୁ ଦୁହେଁ ଆପତ୍ତି କରିବା ସହିତ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ନକ୍‌ଭି ବିସିସିଆଇ ଅଫିସିଆଲଙ୍କୁ କହିଥିଲେ, ସେ ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ସେଦିନ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯିବା ଦ୍ୱାରା ଏହା ବିସିସିଆଇ ଅଫିସିଆଲଙ୍କୁ ଆହୁରି ବ୍ୟଥିତ କରିଥିଲା। ବିସିସିଆଇ ଏହି ପ୍ରସଙ୍ଗକୁ ନଭେମ୍ବରରେ ହେବାକୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ଉଠାଇବ। ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପରକୁ ୩ଥର ଭେଟିଛନ୍ତି। ଭାରତ ଫାଇନାଲ ସମେତ ପ୍ରତ୍ୟେକ ମ୍ୟାଚରେ ବିଜୟ ଲାଭ କରିଛି। ଭାରତ ଏହି ଇଭେଣ୍ଟ ବେଳେ ପାକିସ୍ତାନ ଖେଳାଳିଙ୍କ ସହ 'ନୋ ହ୍ୟାଣ୍ଡସେକ୍ ପଲିସି' ଆପଣେଇଥିଲା। ଏହା ପିସିବିକୁ କ୍ରୋଧିତ କରିଥିଲା। ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଶତ୍ରୁତା ଚରମସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରାୟୋଜିତ ଏହି ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ଭାରତୀୟ ପର୍ଯ୍ୟଟଙ୍କ ପ୍ରାଣହାନି ଘଟିଥିଲା। ପରେ ଭାରତ ତରଫରୁ 'ଅପରେଶନ ସିନ୍ଦୂର' ଶୀର୍ଷକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୀମା ଆରପଟେ ରହିଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦିଆଯାଇଥିଲା।



ଏସିଆ କପ୍ ଟ୍ରଫି ଓ ମହସିନ ନକ୍‌ଭି।

# ରସନାରା ପରୱିନଙ୍କ ଅବସର



**ଭୁବନେଶ୍ୱର, (ତପନ ସ୍ୱାଇଁ), ୩।୧୦**
**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୯୨ ମେ ୪ରେ ବଲାଙ୍ଗୀରରେ ଜନ୍ମିତ ରସନାରା ୨୦୧୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୧୩ ମହିଳା କ୍ରିକେଟ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୋଟିଏ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଘରୋଇ କ୍ରିକେଟରେ ଓଡ଼ିଶା ପକ୍ଷରୁ ବହୁ ସଂଖ୍ୟାରେ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ତାଙ୍କର ଅବଦାନକୁ ଦୃଷ୍ଟିରେ ରଖି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅନ୍ୟ ସମସ୍ତ ସଦସ୍ୟମାନେ ରସନାରାଙ୍କୁ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ରୋସନାରା ଓଡିଶା ପୋଲିସ ବିଭାଗରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

# ଫିନେଷ୍ଟା ନ୍ୟାଶନାଲରେ ଆହାନଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଫିନେଷ୍ଟା ନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ବାଳିକା ଡବଲ୍ସରେ ଓଡ଼ିଶାର ଆହାନ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ସଭିତା ଭୁବନେଶ୍ୱର ଓ ଆହାନଙ୍କ ଯୋଡ଼ି ଫାଇନାଲରେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷ ଓ ତାମିଲନାଡୁର ଦୀପଶିଖା ଭି.ଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ଆହାନଙ୍କ ପାଇଁ ଏହା ସ୍ମରଣୀୟ ସପ୍ତାହ ହୋଇଛି। କାରଣ ସେ ଗୁରୁଗ୍ରାମଠାରେ ଡବ୍ଲ୍ୟୁ୧୫ରେ ପଦାର୍ପଣ କରି ଓଡ଼ିଶାର ପ୍ରଥମ ବାଳିକାଭାବେ ଆଇଟିଏଫ୍ ମହିଳା ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଫଳରେ ତାଙ୍କ ଆଇଟିଏଫ୍ ର୍ୟାଙ୍କିଙ୍ଗ୍ ୧୮୧୮ ରହିଛି। ଗୁରୁକୁଳ ଟେନିସ ଏକାଡେମୀରେ କୋଚ୍ ସନ୍ତୋଷ କୁମାର ମଲିକ ଏବଂ ମେଣ୍ଟର ତଥା ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କ ନିକଟରୁ ଟ୍ରେନିଂ ନେଉଥିବା ଆହାନ ଲଗାତର ସଫଳତା ହାସଲ କରି ଓଡ଼ିଶା ଟେନିସ ପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି।



ଡବଲ୍ସରେ ଟାଇଟଲ ବିଜୟୀ ଆହାନ।

# କେନିଆ, ଜାପାନ କୋଚ୍‌ଙ୍କୁ କାମୁଡ଼ି ଦେଲା ବୁଲା କୁକୁର

**ନୂଆଦିଲ୍ଲୀ, ୩।୧୦ (ପି.ଟି.):** ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ କେନିଆ ଓ ଜାପାନର କୋଚ୍ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଆୟୋଜକଗଣଙ୍କ ପାଇଁ ଏହା ଏକ ଲଜ୍ଜାଜନକ ବିଷୟ। ସ୍ଥାନୀୟ ଏକ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ପରେ ଦୁହେଁ ବିପଦ ମୁକ୍ତ ଅଛନ୍ତି। ଖବର ଅନୁସାରେ ଜବାହରଲାଲ ନେହରୁ ଷ୍ଟାଡିୟମର ପ୍ରତି ଯୋଗିତାସ୍ଥଳ ବାହାରେ କେନିଆ କୋଚ୍ ଡେନିସ ମାରାଗିଆ ତାଙ୍କର ଜଣେ ଆଥଲେଟଙ୍କ ସହ କିଛି କଥା ହେଉଥିବା ବେଳେ ଏକ ବୁଲା କୁକୁର ଆକସ୍ମିକ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ଜାପାନିଜ ମହିଳା କୋଚ୍ ମିକୋ ଓକୁମାତ୍ସୁ ମୁଖ୍ୟ ପ୍ରତିଯୋଗିତା ସ୍ଥଳ ନିକଟବର୍ତ୍ତୀ ଏକ ୱାର୍ମଅପ୍ ଟ୍ରାକ୍‌ରେ ତାଙ୍କ ଆଥଲେଟମାନଙ୍କ ଟ୍ରେନିଂ କାର୍ଯ୍ୟ ତଦାରଖ କରୁଥିବା ବେଳେ ଏକ ବୁଲା କୁକୁର ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସକାଳ ୧୦ଟାରେ ଏହି ଘଟଣା ଘଟିଥିବା ପ୍ରକାଶ।

## ମହିଳା କ୍ରିକେଟ ବିଶ୍ୱକପ

# ଇଂଲଣ୍ଡ, ବାଂଲାଦେଶ, ଅଷ୍ଟ୍ରେଲିଆ ବିଜୟୀ

**ଗୁଆହାଟୀ, ୩।୧୦:** ମହିଳା କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଇଂଲଣ୍ଡ ୧୦ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନରେ ଅଲ୍‌ଆଉଟ ହୋଇଥିଲା। ୭୦ ରନର ବିଜୟ ଲକ୍ଷ୍ୟକୁ ପିଛାକରି ଇଂଲଣ୍ଡ ୧୪.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୩ ରନ ସଂଗ୍ରହ କରି ନେଇଥିଲା। ଆମି ଜୋନ୍ସ ୪୦ ଓ ଟାମି ବିଉମଣ୍ଟ ୨୧ ରନରେ ଅପରାଜିତ ରହିଥିଲେ। କଲମ୍ବୋରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ବାଂଲାଦେଶ ୭ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୩୦ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୩୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଇନ୍ଦୋରରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଆଶଲେ ଗାର୍ଡନର (୧୧୫)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୪୯.୩ ଓଭରରେ ୩୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍ (୧୧୨)ଙ୍କ ଶତକ ସତ୍ତ୍ୱେ ୪୩.୨ ଓଭରରେ ୨୩୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।



ଇନ୍ଦୋରରେ ଆୟୋଜିତ ଜାତୀୟ ରୋଲ୍ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ୨୨ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶା (ବାଳିକା ଓ ବାଳକ) ଦଳ ଇନ୍ଦୋର ଯାତ୍ରା କରିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ବାଳିକା-ବିଶ୍ୱମୟୀ ହାତୀ (ଅଧିନାୟିକା), ଅଲିଶା ପ୍ରିୟଦର୍ଶିନୀ, ସୁଶ୍ରୀ ଲେଙ୍କା, ପଲ୍ଲବୀ ସାହୁ, ସୃଷ୍ଟି, ନଫିସା ନାଜ୍। ବାଳକ-ପ୍ରୀତୀଶ ଆର୍ଯ୍ୟନ ଜେନା (ଅଧିନାୟକ), ରାଜୀବ ସାହୁ, ଧ୍ରୁବଜ୍ୟୋତି ସ୍ୱାଇଁ, ସ୍ୱସ୍ତିକ ସୁକୁମାର ପ୍ରହରାଜ, ମୋହନ ପାତ୍ର, ପ୍ରୀତ ପ୍ରୀତମ ଜେନା, ଅର୍ମାନ ସୁବୁଦ୍ଧି।

# ଭାରତୀୟ ମହିଳା ଦଳର ଟ୍ରେନିଂ ବେଳେ ସାପ

**କଲମ୍ବୋ, ୩।୧୦ (ପି.ଟି.):** ଆର୍. ପ୍ରେମାଦାସା ଷ୍ଟାଡିୟମରେ ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ ଦଳ ଟ୍ରେନିଂ ନେଉଥିବା ବେଳେ ଏକ ସାପର ଅବିର୍ଭାବ ଦ୍ୱାରା ଚହଳ ସୃଷ୍ଟି କରିଥିଲା। ଏହି ସାପ ଅବଶ୍ୟ ବିଷାକ୍ତ ନୁହେଁ କିମ୍ବା ଦଂଶନ କରି ନ ଥାଏ, କେବଳ ମୂଷାର ସନ୍ଧାନରେ ଥାଏ। ସିଂହଳୀ ଭାଷାରେ ଏହାକୁ ଗାରାଣ୍ଡିଆ କୁହାଯାଇଥାଏ। ଏଭଳି ସରୀସୃପ ଏହି ଭେନ୍ୟୁରେ ଦେଖାଦେବା ଅସ୍ୱାଭାବିକ ନୁହେଁ। ଶ୍ରୀଲଙ୍କା ପ୍ରିମିୟର ଲିଗ୍ ବେଳେ ଜୁଲାଇରେ ଶ୍ରୀଲଙ୍କା-ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ ବେଳେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁକ୍ରବାର ଭାରତୀୟ ଖେଳାଳିମାନେ ସେଣ୍ଟର ଉଇକେଟରୁ ନେଟ୍ସ ଆଡକୁ ଯାଉଥିବା ବେଳେ ଷ୍ଟାଡିୟମର ଷ୍ଟାଣ୍ଡ ତଳେ ରହିଥିବା ଡ୍ରେନ୍‌ରେ ଏହି ଧୂସର-ବାଦାମି ରଙ୍ଗର ସାପଟିକୁ ଦେଖିବାକୁ ମିଳିଥିଲା। ଏଥିରେ ଭୟଭୀତ ନ ହୋଇ ଭାରତୀୟ କ୍ରିକେଟର, ସପୋର୍ଟ ଷ୍ଟାଫ୍ ଏପରିକି ଉପସ୍ଥିତ ଗଣମାଧ୍ୟମ କର୍ମଚାରମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

# କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଛି। ପ୍ରଥମ ଦିବସରେ ୨ ରାଉଣ୍ଡ ଏବଂ ପରବର୍ତ୍ତୀ ୪ ଦିନରେ ଅବଶିଷ୍ଟ ୭ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହେବ। ଜିମ୍ବାୱେରୁ ଜଣେ ଏବଂ ଭାରତର ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଭାଗ ନେଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଦୂରଦର୍ଶୀ ମିଡିଆର ଚିଫ୍ ଏଡିଟର ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଚେସ୍ ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ୮୯ ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ୨,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅତିଥିମାନେ ଗୋଟି ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ସାହିଲଙ୍କ ଉପରୁ ବାସନ୍ଦ ହଟିଲା

**ନୂଆଦିଲ୍ଲୀ, ୩।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ବିଶିଷ୍ଟ ଭଲିବଲ ଖେଳାଳି ସାହିଲ କୁମାରଙ୍କ ଉପରେ ଲାଗୁ ହୋଇଥିବା ସାମୟିକ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି। ଦୂଷିତ ଉତ୍ପାଦ ବ୍ୟବହାର ଦ୍ୱାରା ସାହିଲ ଡୋପ୍ ଟେଷ୍ଟରେ ଧରାପଡ଼ି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ନିଷ୍ପତ୍ତି ସାହିଲଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେ ଚଳିତ ପ୍ରାଇମ୍ ଭଲିବଲ୍ ଲିଗ୍ ସିଜନ-୪ରେ ଗୁରୁବାର କାଲିକଟ ହିରୋଜ ବିପକ୍ଷ ମ୍ୟାଚରେ ହାଇଦ୍ରାବାଦ ବ୍ଲାକ୍ ହକ୍ସ ତରଫରୁ ଖେଳିପାରିବେ। ସାହିଲଙ୍କୁ ଜୁନ୍ ୧୨ରେ ସାମୟିକ ନିଲମ୍ବନ କରାଯାଇଥିଲା।

# ବ୍ୟକ୍ତିଗତ ଶ୍ରେଷ୍ଠ ସତ୍ତ୍ୱେ ସୁଚିତ୍ରା ୬ଷ୍ଠ

## ବିଶ୍ୱ ପାରା ଆଥଲେଟିକ୍ସ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ସୁଚିତ୍ରା ପରିଡ଼ା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୫/୫୬ ଫାଇନାଲରେ ସୁଚିତ୍ରା ୧୮.୨୯ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଛନ୍ତି। ଲାଟିଭିଆର ଡିଆନା କ୍ରୁମିନା ୨୬.୧୮, ବ୍ରାଜିଲର ରାଇସା ରୋଚା ମାଚାଡୋ ୨୩.୯୦ ଓ ଇରାନର ଜେନାବ ମୋରାଡି ରାସନୋଉ ୨୨.୦୬ ମିଟର ଥ୍ରୋ କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।




ଗ୍ୱାଲିୟରଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ୭ମ ଜାତୀୟ ହ୍ୱିଲ ଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ୧୦ରୁ ଊର୍ଦ୍ଧ୍ୱ ରାଜ୍ୟ ଦଳ ଅଂଶଗ୍ରହଣ କରୁଛନ୍ତି।


**Classified Everyday**
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

ResortatPuriinvestment-20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925. D-2172




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255. D-76495

**AFFIDAVIT**

By virtue of an affidavit before Notary Public, Kantabanji 03.10.2025 that before marriage I known as Laxmi Bag D/o- Padindra @ Phanindra Bag which is mentioned in my previous Aadhaar Card and Bank account. But after marriage to Akshya Deep I known as Laxmi Deep W/o- Akshya Deep of Village- Barghati, P.O./P.S.- Deogaon, Dist.- Bolangir, Odisha is same and one person. D-2175

# ମଣିଷ ହାଟ

## ଗଳ୍ପ

### ଆଶୁତୋଷ ଧଳ

ମେଞ୍ଚାଏ ଧୂମାଭ ମେଘମାଳା ସାରା ସହରଟାକୁ ଘୋଡ଼େଇ ରଖିଛି। ପଉଷ ମାସରେ ଝିପିଝିପି ବେଖିଆଲି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି। ଶୀତଚାଦରର ଘୋଡ଼ଣିଟା କଶ୍ମୀରର ଭ୍ରମ ସୃଷ୍ଟି କରିସାରିଲାଣି। ଆସନ୍ତା ଅଠଚାଳିଶ ଘଣ୍ଟା ପର୍ଯ୍ୟନ୍ତ ପାଗ ବଦଳିବାର ସୂଚନା ନାହିଁ।

ଅନିମେଶ କାର୍ ନେଇ ଅଫିସ ବାହାରିଗଲେ। ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍‌ରେ ଦେଇଦେଲେ। ବ୍ୟାଗ୍‌ରେ ଛତା, ପାଣି ବୋତଲ, ଆପେଲ, ବିସ୍କୁଟ ପ୍ୟାକେଟ ରଖିଦେଲେ।

ଅଧୁନା ସଦା ଚଞ୍ଚଳା ସାବିତ୍ରୀ ନିଜର ସମସ୍ତ ନିତ୍ୟକର୍ମ ସାରି ଚାହା କପ୍‌ଟିଏ ଧରି ବାଲ୍‌କୋନିକୁ ଆସିଲେ। ଦୁଲୁକାଏ ବର୍ଷା ମିଶା ଥଣ୍ଡାପବନ ଘର ଭିତରକୁ ଜୋର୍‌କରି ପଶିଆସିଲା। ସରପଟିଆ ଓଦା ହୋଇଗଲେ ସେ। ଓଃ କି କୋହଲା ପାଗ। କିଛି କାମରେ ମନ ଲାଗୁ ନ ଥାଏ। ଚାହା ପିଇ ସାରି ସେ ଘର ସଫେଇରେ ଲାଗିପଡ଼ିଲେ।

ନଜର ପଡ଼ିଗଲା ଦୀର୍ଘ ତିରିଶ ବର୍ଷ ପୂର୍ବେ ତିଆରି ହୋଇଥିବା ଜେଜେମା'ଙ୍କ(ଅନିମେଶଙ୍କ ଜେଜେମା') ପଟ୍ଟଚିତ୍ର ଉପରେ। ଫଟୋଫ୍ରେମ୍ ଉପରେ ଈଷତ୍ ଧୂଳି ମଇଳା ଜମାହୋଇଥିଲା। ସାବିତ୍ରୀ କପଡ଼ାଟେ ଧରି ପୋଛିବାକୁ ଲାଗିଲେ। ପୋଛାପୋଛି ସାରି ସେ ଫଟୋଟିକୁ ପୂର୍ବବତ୍ କାନ୍ଥରେ ଟଙ୍ଗାଇଦେଲେ। ଦୂରରୁ ଥାଇ ଏକଲୟରେ ନିରୀକ୍ଷଣ କଲେ। ଜେଜେମା' ଚେୟାରରେ ବସି ହାତ ଆଗକୁ କରି ଖିଲିଖିଲି ହସୁଥିଲେ। ସାବିତ୍ରୀ ଆହୁରି ପାଖକୁ ଗଲେ। ସ୍ମୃତିର ନିଆଁରେ ସେ ଛଟପଟ ହେଉଥିଲେ।

ଦୀର୍ଘ ଏକତିରିଶ ବର୍ଷ। ଏମିତି ଏକ କୋହଲା ବର୍ଷା ପାଗରେ ସେ ବୋହୂ ହୋଇ ଆସିଥିଲେ। କି ଅଦିନିଆ ବର୍ଷା। ଅମାନିଆ ବର୍ଷା ବେହାଲ କରିଥିଲା ସମସ୍ତଙ୍କୁ। ଘରୁ ବିଦାୟ ନେଇଥିବା ଦୁଃଖରେ ଆଖିର ଲୁହଗୁଡ଼ାକ ଆଖିରେ ଶୁଖିଯାଇଥିଲା। ମୁହଁର ସତେଜ ମଉଳି ଯାଇଥିଲା।

ଆମ୍ବାସାଡର୍ କାର୍‌ଟି ଗାଁଯାକ ବୁଲିଆସି ଯେତେବେଳେ ଅନିମେଶଙ୍କ ମାଟିଘରର ବାଉଁଶ ଗେଟ୍ ପାଖରେ ଅଟକି ଗଲା ସେତେବେଳେ କାର୍‌ର ଝରକା ପାଖରେ ଅନେକ ମହିଳା ଭିତରେ ଜଣେ କଳା ମଚମଚ, ଧୁକୁଡ଼ି ଯାଇଥିବା ଚମ, ଅସଜଡ଼ା ପାଚିଲା କେଶଧାରି ପତଳା ୮୦ ବର୍ଷର ବୁଢ଼ୀଟିଏ ଛିଡ଼ା ହୋଇଥିଲେ। ଅନିମେଶ ସହ ସାବିତ୍ରୀ କାର୍‌ର ଗେଟ୍ ଖୋଲି ବାହାରକୁ ଆସିଲେ। ଶଙ୍ଖ ହୁଳହୁଳି ଭିତରେ ଅନିମେଶ କହିଲେ ଇଏ ମୋ' ଜେଜେମା'। ସାବିତ୍ରୀ ପ୍ରଣିପାତ ପୂର୍ବକ ନଇଁଲାବେଳକୁ ଜେଜେମା' ହାତଧରି ମୁଣ୍ଡ ଉଠାଇ ଦେଲେ। ମୋତେ କୋଳାଗ୍ରତ କରି ମୋ' ଓଠରେ ଚୁମ୍ବନ ଦେଲାବେଳେ ଜେଜେମା' କହିଲେ, ଅହିସୁଳକ୍ଷଣୀ ହୋଇଥାଆ, ପାଚିଲା ବାଳରେ ସିନ୍ଦୂର ନାଇଥାଆ।

ନୂଆ ଶାଢ଼ିଟିଏ ଖୋଲି କେଇଜଣ ଉପରେ ଧରିଥିଲେ। ସାବିତ୍ରୀ ତା'ରି ଭିତରେ ନଇଁନଇଁ ଏରୁଣ୍ଡି ଡେଇଁଲେ। ଈଷତ୍ ଆଲୋକ ଥିବା ଅନ୍ଧାରୁଆ ଘରେ ଖଟ ଉପରେ ବସିଲାବେଳକୁ ଜେଜେମା' ମୋ' ପାଖକୁ ଲାଗି ଆସି କହିଲେ ତୋ' ନାଁ କିସ?

ମୁଁ କହିଲି ସାବିତ୍ରୀ।

ମୋ' ନାଁଟିକୁ ତାଙ୍କ ପାକୁଆ ପାଟିରେ ସଠିକ୍ ଉଚ୍ଚାରଣ କରି ନ ପାରି ସେ କହିଲେ, ଆଜିଠୁ ମୁଁ ତୋତେ ସାବି ବୋଲି ଡାକିବି।

ମୋ' ମୁହଁରେ ହସର ସଞ୍ଚାର।

ସେଇଦିନଠୁ ମୁଁ ସାବିତ୍ରୀରୁ ସାବି ପାଲଟି ଗଲି। କେବେ ମୁଁ ଜେଜେମା'ର ନଜରରୁ ହଟିଗଲେ, ଜେଜେମା' ପାଟି କରନ୍ତି ସାବି, ସାବି, ଏ ସାବି କୁଆଡ଼େ ଗଲୁ। ଆ ମୋତେ ଗଣ୍ଡେ ପଖାଳ ବାଢ଼ିଦେବୁ।

ସେତେବେଳେ ଅନିମେଶଙ୍କ ଦୂର ସହରରେ ଚାକିରି। ମଝିରେ ମଝିରେ ଘରକୁ ଆସନ୍ତି। ଜେଜେମା' ମୋର ସବୁ ଖିଆଲ ରଖନ୍ତି। ମୁଁ କ'ଣ ଖାଇବି, କ'ଣ ପିନ୍ଧିବି ସବୁ କଥା ବୁଝନ୍ତି। ଗାଁଗଣ୍ଡାରୁ ଯାହା ଆଣନ୍ତି ମୋରି ଆଗରେ ଅଜାଡ଼ି ଦିଅନ୍ତି। କହନ୍ତି ଏଇଟା ଆମ୍ବୁଲ ଦେଇ ଅଣ କରିବୁ, ଏଇଟା ବାଟିବସା କରିବୁ, ଏଇଟା ପୋଡ଼ି ଚଟଣୀ କରିବୁ।

ଜେଜେମା' ଦଉଡ଼ିଆ ଖଟରେ ଶୋଇପଡ଼ିଲା ବେଳେ ମୁଁ ତାଙ୍କ ପାଦ ପାଖରେ ବସିଯାଏ। ସୋରିଷ ତେଲ ପାଦରେ ଲଗାଇ ଦେଉଦେଉ ଜେଜେମା' କହନ୍ତି ଥାଉ ଥାଉ ସେତିକି ଥାଉ ଏବେ ଯାଆ ଶୋଇପଡ଼ିବୁ। ମୁଁ କିଛିକ୍ଷଣ ଜେଜେମା' ପାଖେ ଶୋଇପଡ଼େ। ଜେଜେମାଙ୍କ ଅନାବିଳ ଭଲ ପାଇବା ମୋତେ ଖୁବ୍ ଆପଣାର କରିଦିଏ, ମୋର ସବୁ ଦୁଃଖକୁ ପାସୋରି ଦିଏ।

ଦିନେ ରାତିରେ ମୁଁ ଖଟ ଉପରେ ଏକୁଟିଆ ଶୋଇଥାଏ। ରାତି ଅନେକ ହେଲାଣି। ନିଦ ଠିକ୍ ସେ ହେଉ ନ ଥାଏ। ଅନିମେଶ ନ ଥାନ୍ତି। ମୁଁ କଡ଼ ଲେଉଟାଉଥାଏ। ଘରଟା ଅନ୍ଧାର। ହଠାତ୍ କାହା ହାତର ସ୍ପର୍ଶ। ମୁଁ ଚମକି ପଡ଼ିଲି। ସାବି, ସାବି ଶୋଇପଡ଼ିଲୁଣି। ଶୋଇଯା, ସେ (ଅନିମେଶ) ପରା ଆଉ ଦୁଇଦିନ ପରେ ଆସିବ।

ମୁଁ କଡ଼ ଲେଉଟଉ ଲେଉଟଉ ପାହାନ୍ତିଆ ହୋଇଯାଏ।

ଜେଜେମା' ଉଠି ଗୋବର ପାଣି ପକାଉପକାଉ ମୁଁ ପହଁରା ଧରି ଅଗଣା ଓଳାଏ।

ସେଇ ବର୍ଷ, କି ଲଗାତାର ବର୍ଷା। ସୁବର୍ଣ୍ଣରେଖାରେ ସାତ ସାତଟି ବନ୍ୟା। ଘର ଆଗରେ ପାଣିର ସୁଅ। ନିତ୍ୟକର୍ମ କରିବା ମୁସ୍କିଲ ହୋଇଯାଏ। ସାନ ଦିଅର କେତେଟା କଦଳୀ ଗଛର ଗଣ୍ଡିରେ ଭେଳାଟିଏ ପ୍ରସ୍ତୁତ କରି ମୋତେ କେତେ ବିଲ ପାର କରି, ବାଉଁଶ କାତ ମାରି ଗାଁ ମୁଣ୍ଡ ଉଚ୍ଚପଠାକୁ ନେଇ ଯାଆନ୍ତି। ମୁଁ ସେଇଠି ମୋର ନିତ୍ୟକର୍ମ ଶେଷ କରେ। ବିଲ ବାଡ଼ିରେ ଅଥଳ ପାଣି।

ସେଦିନ ବନ୍ୟାରେ ମୁଁ ଅପରାହ୍ଣରେ ଦିଅର ସହ ଭେଳାରେ ଯାଇଥାଏ ସେଇ ପଠାକୁ। ଫେରିଲା ବେଳକୁ ଭେଳାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଲା।

କେହି ଜଣେ ଆସି ଜେଜେମା'ଙ୍କୁ କହିଲା ତୋ' ନାତୁଣୀ ବୋହୂ ପାଣିରେ ବୁଡ଼ିଗଲା।

ଜେଜେମା' ହାତରେ ବାଡ଼ି ଖଣ୍ଡେ ଧରି ଆଣ୍ଠୁଏ ପାଣିରେ ଚବର୍ ଚବର୍ କରି ବାହାରି ଆସି କୋହଭରା ଥରିଲା କଣ୍ଠରେ ଡାକ ପକାଇଲେ ସାବି... ସାବି... ଏ ସାବି...

କୁଆଡ଼େ ଗଲୁରେ!

ସାବି... ସାବି... ଏ ସାବି...

ସାଇ ପଡ଼ିଶାର ଲୋକଙ୍କୁ ନେହୁରା ହୋଇ କହିଲେ ମୋ' ବୋହୂ କୁଆଡ଼େ ଭାସିଗଲା, ଦେଖରେ।

ସେତେବେଳକୁ ପଶ୍ଚିମ ଆକାଶର ଅସ୍ତମିତ ସୂର୍ଯ୍ୟର ଲେଲିହାନ ଶିଖା ପାଣିରେ ପଡ଼ି ଚିକ୍‌ମିକ୍ କରୁଥାଏ। ସଞ୍ଜ ନଇଁ ଆସୁଥାଏ। ଗାଁ ଭିତରୁ ଶଙ୍ଖଧ୍ୱନି ଭାସି ଆସୁଥାଏ।

ମୋ' ଦିଅର ଭେଳାକୁ ସଳଖି ମୋତେ ପୁଣି ଭେଳା ଉପରକୁ ଉଠାଇ ଦେଇଥିଲେ। ମୁଁ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିଲି।

ଦୂରରୁ ଜେଜେମା'ର ପାଟି ଶୁଭୁଥାଏ। ଦିଅର ପାଟି କରି କହୁଥିଲେ, ମୁଁ ଆସୁଛି ଜେଜେମା'...

ଜେଜେମା' କାନକୁ ଠିକ୍ ଶୁଭୁ ନ ଥାଏ।

ସେ ସେମିତି ପାଟି କରି ଡାକୁଥାନ୍ତି ସାବି... ସାବି... ଏ ସାବି କୁଆଡ଼େ ଗଲୁରେ...

ଜେଜେମା'ର ବିକଳ କଣ୍ଠଟା ମୋତେ ଶୁଭୁଥାଏ।

ସେ ଡାକରେ ଭରିରହିଥାଏ ଅମାପ ସ୍ନେହ, ଭଲପାଇବା, ଶ୍ରଦ୍ଧା, କରୁଣା। ଯେମିତି ଆମ ଭେଳାଟି ଘରେ ପହଞ୍ଚିଲା ଜେଜେମା' ମୋତେ କୁଣ୍ଢାଇ କାନ୍ଦି ପକାଇଲେ। ତାଙ୍କ ଆଖିରେ ଅଜସ୍ର ଲୁହର ଧାରା।

କେଇଦିନ ଧରି ମୁଁ ନୂଆ ବୋହୂ ହୋଇ ଆସିଛି। ଏତେ ସ୍ନେହ ଭଲପାଇବା ମୋତେ ଆହୁରି ବିହ୍ୱଳିତ କରିଦେଲା। ମୁଁ ଭାବପ୍ରବଣ ହୋଇଗଲି। ଜେଜେମା'ଙ୍କ ବାହୁ ବନ୍ଧନରେ ଛନ୍ଦିହୋଇ ପଡ଼ିଲି।

ମୋ' ବଡ଼ପୁଅର ଏକୋଶିଆ ପରଦିନ ଜେଜେମା' ଆରପାରିକୁ ଚାଲିଗଲେ। ଠିକ୍ ତିରିଶ ବର୍ଷ ତଳେ।

ମୁଁ ଏ ମଣିଷ ହାଟରେ ନିଇତି ମଣିଷ ଖୋଜୁଛି। ଏମିତି ସ୍ନେହୀ ଦରଦୀ ମଣିଷେ ଆଜିର ଦୁନିଆରେ ମିଳେନା।

ସାବିତ୍ରୀ ସେମିତି ଜେଜେମା' ଆଖିକୁ ଅନାଇ ରହିଥାନ୍ତି। ଫଟୋ ଭିତରୁ ଥାଇ ଜେଜେମା' ଡାକ ପକାଉ ଥାଆନ୍ତି ସାବି... ସାବି... ଏ ସାବି...

ମୋ: ୯୧୭୮୩୦୦୩୭୭



## ପୁସ୍ତକ ପରିଚୟ

### ଭାଗ୍ୟ



**ମୂଳ ଇଂଲିଶ୍:** କର୍ମଯୋଗୀ
**ଓଡ଼ିଆ ରୂପାନ୍ତର:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ପ୍ରାରମ୍ଭିକ ପୃଷ୍ଠାଗୁଡ଼ିକୁ ବାଦ୍ ଦେଲେ ଆଲୋଚ୍ୟ ବହିଟି ଡିମାଇ ସାଇଜ୍‌ରେ ମାତ୍ର ୬୦ ପୃଷ୍ଠାର କଳେବର ବିଶିଷ୍ଟ, କିନ୍ତୁ ଭାଗ୍ୟ ସମ୍ପର୍କରେ ବହିର ମୂଳ ଲେଖକ କର୍ମଯୋଗୀ ଏଥିରେ ଯେଉଁ ଆଧ୍ୟାତ୍ମିକ ବିଶ୍ଳେଷଣ କରିଛନ୍ତି ; ତାହା ଶାମୁକା ଗର୍ଭରେ ମୁକ୍ତା ପରି ମୂଲ୍ୟବାନ୍ ଓ ବିରଳ। ଏପରି ଏକ ବିରଳ ରଚନାକୁ ଅନୁବାଦକ ବାବାଜି ଚରଣ ସରଳ ଓ ବୋଧଗମ୍ୟ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠିକାପାଠକଙ୍କ ସହଜଗମ୍ୟ କରିପାରିଛନ୍ତି। କର୍ମଯୋଗୀ ତାଙ୍କର ଇଂଲିଶ୍ ମୁଖବନ୍ଧରେ ଲେଖିଛନ୍ତି: "This book explains the process of creation of Luck in our lives. It also brings into fore how The Mother's force helps the formation of Luck." କର୍ମଯୋଗୀ କହିଛନ୍ତି– ଇହ ଜୀବନରେ ଘଟୁଥିବା ପରାଭବର ହେତୁ ହେଉଛି ପୂର୍ବଜନ୍ମ ବା ଅତୀତର କର୍ମ। କିନ୍ତୁ ଦିବ୍ୟଜୀବନ ପ୍ରାପ୍ତିରେ ଅତୀତର ସମସ୍ତ କର୍ମ ମୂଳପୋଛ ହୋଇଯାଏ। ତେଣୁ ଦିବ୍ୟ ଜୀବନ ପାଇଁ ଭବିଷ୍ୟତ ସମ୍ଭାବନାମୟ ହୋଇଉଠେ। ଅନ୍ୟଭାବେ କହିଲେ ହେବ, ଏହା ହେଉଛି ଏହି ଜୀବନରେ ଭାଗ୍ୟ ସୃଷ୍ଟି କରିବାର ପ୍ରଣାଳୀ। ଗ୍ରନ୍ଥର ଶେଷଭାଗରେ କୁହାଯାଇଛି– ମଣିଷ ବା ବ୍ୟକ୍ତି ତାଙ୍କ ଜୀବନରେ ଏପରି କାର୍ଯ୍ୟ ନିର୍ଣ୍ଣୟ କରିବା ଉଚିତ, ଯେଉଁଠି ସେ ନିଜକୁ ସର୍ବାଧିକ ବିସ୍ତୃତ କରିପାରିବ। ଏହି ବିସ୍ତୃତି ହିଁ ହେଉଛି ଭାଗ୍ୟୋଦୟ। ମୋଟାମୋଟି ଭାବେ ଭାଗ୍ୟ ସମ୍ପର୍କରେ ଲିଖିତ ଓ ଅନୂଦିତ ଏହି ପୁସ୍ତକଟି ଯେକୌଣସି ପାଠିକାପାଠକଙ୍କ ପାଇଁ ଅବଶ୍ୟ ପଠନ ଓ ମନନର ଅପେକ୍ଷା ରଖେ।

### ନିତ୍ୟ ଅନିତ୍ୟ



**କବୟିତ୍ରୀ:** ଡ. ସୁମିତ୍ରା ମିଶ୍ର
**ପ୍ରକାଶକ:** ଗାୟତ୍ରୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ. ୧୪୫/-

୪୫ଟି କବିତାର ଶବ୍ଦଘର ଏ ବହିଟି। ଶବ୍ଦେଶବ୍ଦେ ଅନ୍ୱିତ କରିବାର ପ୍ରଚେଷ୍ଟା କରିଛନ୍ତି କବୟିତ୍ରୀ ଜୀବନର ନାନା ଅର୍ଥ ଓ ଅର୍ଥହୀନତା। 'ପ୍ରାକ୍ କଥନ'ରେ ଲେଖିକା କହନ୍ତି: "ଜୀବନର ବିଭିନ୍ନ ଅନୁଭବ-ଆବେଗ-ଆତ୍ମଦହନକୁ ଆଦର୍ଶ, ଯୁକ୍ତି, ଚିନ୍ତନ ବା କବିପଣର ବାହାଦୁରୀରେ ନୁହେଁ, ବରଂ ନିଚ୍ଛକ ସତ୍ୟଶୀଳତାର ସହ ପ୍ରକାଶ କରିବା ମୋର କବିତ୍ୱର ଲକ୍ଷ୍ୟ। କବୟିତ୍ରୀଙ୍କ ଦୃଷ୍ଟିରେ ତୁଚ୍ଛାତିତୁଚ୍ଛ ଜୀବନର ଅମୂଲ୍ୟ ଦ୍ୟୁତି ନେଇ ଝଟକି ଉଠନ୍ତି। ପିପୀଲିକା, ବୁଢ଼ିଆଣୀ, ଦୂବଘାସ, ଗଙ୍ଗଶିଉଳି, ମାଟି, ଧାନଫୁଲ ଓ ସମୁଦ୍ର ଗର୍ଜନ– ଯାହା ସାଧାରଣ ସଂସାରୀର ଦୃଷ୍ଟିରେ ଉପେକ୍ଷିତ ବା ଅଲକ୍ଷ୍ୟ ରହିଥାଏ, କବିଦୃଷ୍ଟିରେ ସେ ସବୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଅନ୍ତି। ଗ୍ରନ୍ଥସ୍ଥ କେତେକ କବିତାରେ ରହିଛି ମାନବଜୀବନର ଦୈନନ୍ଦିନତା, ସମୟର ଅନୁଭବ, ସ୍ୱପ୍ନ, ସନ୍ଧାନ ଓ ସଂକଟ। ସଂସାରୀ, ସନ୍ନ୍ୟାସୀ, ହରିନାମ, ନିତ୍ୟ ଅନିତ୍ୟ ଆଦି କବିତା ଏହାର ଉଦାହରଣ। ମହାବେଉସା, ନର୍କପଥେ, ତୃଷାର୍ତ୍ତ ଆଦି କବିତାରେ ସାମ୍ପ୍ରତିକ ସମୟ ଉଦ୍ଦୀପିତ ହୋଇଉଠିଛି। ବ୍ୟକ୍ତିଗତ ଆବେଗକୁ ନେଇ ମନଫରୁଆ, ଆବେଗ ବର୍ଷା, ନିକାଞ୍ଚନ ମନ, ବିଷାଦ, ବିଚ୍ୟୁତି ଓ ସଂଘର୍ଷ ଆଦି କବିତା ଗତିଶୀଳ। ନାନା ପ୍ରତିକୂଳତା ଭିତରେ "ମନଚୁଲି ତଳେ ଏବେ ବି ଜଳୁଛି ଧିମା ଆଞ୍ଚଟିଏ"– ଏ ଆଞ୍ଚ ଲିଭେ କ୍ୱଚିତ୍। ଆଶା, ବହିଟିର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ

"ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ।"
– ଆର୍.କେ. ନାରାୟଣ



**ଆର୍.କେ. ନାରାୟଣଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୦୬ରେ ଓ ପରଲୋକ ୧୩ ମେ ୨୦୦୧ରେ, ଚେନ୍ନାଇରେ। ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ନାରାୟଣସ୍ୱାମୀ। ବିପୁଳ ଲେଖକୀୟ ଯଶର ଅଧିକାରୀ ଏହି ଭାରତୀୟ ଇଂଲିଶ୍ ଲେଖକ ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ିକୁ ନେଇ ରଚିତ 'ମାଲଗୁଡ଼ି ଡେଜ୍' (୧୯୪୩) ପାଇଁ ବିଶ୍ୱ ପ୍ରସିଦ୍ଧ। ଇଂଲିଶ୍ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପଦ୍ମଭୂଷଣ, ସାହିତ୍ୟ ଏକାଡେମୀ ଫେଲୋଶିପ୍ ଓ ବେନ୍‌ସନ୍ ମେଡାଲ ଆଦି ସମ୍ମାନରେ ସମ୍ମାନିତ। ସେ କହନ୍ତି: "ପ୍ରଚଳିତ ଶିକ୍ଷା ଭାରତକୁ ଏକ ବେକୁଫ୍‌ମାନଙ୍କର ଦେଶରେ ପରିଣତ କରିଛି, ଯେଉଁଥିପାଇଁ ନିଜ ସଂସ୍କୃତିରେ ବି ଆମେ ଆଜି ପର।"

## କବିତା

### ତଥାଗତ

**ନରେଶ୍ ଚନ୍ଦ୍ର ମଣ୍ଡଳ**

ଅପେକ୍ଷା କରିଛି ମୁଁ
ଗୋଟାଏ ଆତ୍ମୀୟତାର ସକାଳକୁ
ଚାରିପଟେ ନାଗଫାଶର
ଅଦୃଶ୍ୟ ବନ୍ଧନ
ଲୋଭ ଲାଳସା କାମ ମୋହ
ଏବଂ ଅପୂର୍ବ ରୂପ ଲାବଣ୍ୟର
ଅପରୂପ ଚିତ୍ର...

ହୋଇଥାଇପାର ତମେ
ଗୋଟାଏ ଅବଲୁପ୍ତ ବିସ୍ମୟର
ଅମ୍ଳାନ ଦର୍ପଣ
କିମ୍ବା ହୋଇଥାଇପାର
ପ୍ରାଣମୟ ପ୍ରେମ ନିବେଦନର
ବ୍ୟଥାଭରା କରୁଣ ନିର୍ଯ୍ୟାସ।
ତମକୁ କେବଳ ସ୍ପର୍ଶ କରାଯାଇପାରେ
ସ୍ୱପ୍ନରେ...

ତମେ ତଥାଗତ ହୁଅ କି
ଗୋଟାଏ ଅଦୃଶ୍ୟ ପୁରୁଷର
ସମ୍ମୋହିତ ବିଗ୍ରହ ହୁଅ,
ତମେ ଅହଂକାରର ଆକାଶଟିଏ ହୁଅ
କି ଭୟାନକ ଆତଙ୍କର
ବିଜନ ବେଳାଭୂମିଟିଏ ହୁଅ
ମୋର କିଛି ଯାଏନା କି ଆସେନା
ମୋତେ ଖାଲି ଏତିକି କୁହ
କେମିତି ମୁଁ ଛୁଇଁପାରିବି
ଅନ୍ଧାରି ଇଲାକାରେ
ତମର ସେ ବାସ୍ନାୟିତ ଦେହ...

ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

### ଭୂମା ଭୂମି ଭୂମିକା

**ଅୟସ୍କାନ୍ତ**

ତମ ମିଳନରେ ମୁଁ
ଲାଲ୍ ଗୋଲାପ
ବିରହରେ ନୀଳ ଆକାଶ
ତମକୁ ପାଇ ମୁଁ ଉଲଙ୍ଗ ଉନ୍ମତ୍ତ ରୁଦ୍ର
ନ ପାଇ ମହିଷାସୁର!

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୯୩୧୧୬

### କରୁଣା

**ଗଜାନନ ମିଶ୍ର**

ଆ ବୋଇଲେ ଆସେ କରୁଣା, ଆଉ
ବସ ବୋଇଲେ ବସେ ବାରଣ୍ଡାରେ।

ବସି ବସି ଭାବେ କେତେ କଣ, ଆଉ
ଭାବି ଭାବି କାଟେ ଅବସର ଜୀବନ।

ବାପରେ, ନାଇଁ ପାରିହୁଏ କରୁଣାକୁ,
ଯାଏ ପହଞ୍ଚି କୋଉଠି କୋଉଠି
ଆଖି ପିଛୁଳାକେ
ଯୋଉଟାକୁ କହେ ନିୟତି।

କଳେବଳେ କୌଶଳେ ହୁଏ ହାଜର
ଡାକିଦେଲା ମାତ୍ରେ ଖେଳେ ପାଖରେ
ଗେଲେ ଗେଲେ କହି କହି ନାଇଁ
ହୋଇପାରେ!

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଅବ୍ୟକ୍ତ ଆଶା

**ଅନସୂୟା ପଣ୍ଡା**

ଗୋପନୀୟ ବତିଟିଏ ହେଇ ଜଳୁଛି
ଅନ୍ଧାରକୁ ଉର୍ଜା ଦେଇ ପରିଣତ ବୟସେ
ଅନ୍ତର୍ଦୃଷ୍ଟିରେ ଜାଣିଛି ଜୀବନ ନଈଟିଏ
ସମୟ ସୁଅରେ ସଅଳ ବହିବା ଶିଖିଛି।

ଉଜୁଡ଼ା ସମ୍ପର୍କର ବୁନିଆଦ ଉପରେ
ଓଟ ପରି ବିଭୋର ନିଜ ରକ୍ତ ସ୍ୱାଦରେ
ସନ୍ତୁଳୁଛି ନିଜ ସହ ଛଳନାରେ ନିରବରେ
ଅବଶିଷ୍ଟ ଆୟୁଷକୁ ଗଣୁଛି ବସି ବାକ୍ୟରେ।

ପୁଣି ବି ଗୋଟେ ନିଃସର୍ତ୍ତ ବିଭୁପ୍ରାଣତା
ଅନୁରଣିତ ଆଶାର କଙ୍କାଳ ଭିତରେ
ଅନୁଭବିବ ହୃଦୟ ଦୀପ ବୁଝିବା ପୂର୍ବରୁ
ମହାନାୟକ ସେଇ ଅଦୃଶ୍ୟ ନିର୍ଦ୍ଦେଶକଙ୍କୁ।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

### ଗୀତି-କବିତା

### ମନେପଡ଼ିଗଲେ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ମନେପଡ଼ିଗଲେ ସେଦିନର କଥା
ବିଦାରି ହେଉଛି ଛାତି,
ଦିନ ଦ୍ୱିପ୍ରହରେ ଅଦିନ ଝଡ଼ରେ
ଓହ୍ଲାଇ ଆସିଲା ରାତି।

ଆଖି ପିଛୁଳାକେ ପାଦତଳ ମାଟି
ଫାଟି ହୋଇଗଲା ଆଁ,
ଆକାଶଟା ଛିଡ଼ି ମଥାପରେ ପଡ଼ି
ଅନ୍ଧାର କଲା ଦୁନିଆ।

ଝଡ଼ ଚାଲିଗଲା ଝାଡ଼ି ଡେଣା ତା'ର
ସ୍ତବ୍ଧ ହୋଇଲା ମହୀ,
ଉଜୁଡ଼ା ସଂସାର ଅଣ୍ଡାଳି ଖୋଜୁଛି
କାହ୍ନୁ ମୋର ଗଲା କାହିଁ!

ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

# ମାଷ୍ଟରମାଇଣ୍ଡ

## ଲଘୁ ଗଳ୍ପ

### ସୁନନ୍ଦା ମହାନ୍ତି

ଶୈଳ ଭାଉଜ ପିଅନ ହେଲେ କ'ଣ ହେଲା ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେ ବଡ଼ଗୁରୁମା'ଙ୍କର ଅତି ପ୍ରିୟ। ସ୍କୁଲକୁ କୋଉ ପିଲା ଆସୁନି ତା' ଘରକୁ ଯାଇ ସୁବିଧା ଅସୁବିଧା ବୁଝିଆସିବା ଓ କୋଉ ପିଲାର ଘର କେଉଁଠି, ତା' ବାପାଙ୍କ ନାମ ଓ ତା' ଘର ବିଷୟରେ ସବୁକିଛି ଶୈଳ ଭାଉଜ ଜିଭ ଆଗରେ। ହେଲେ ଆଜି ଧଡ଼ପଡ଼ ହୋଇ ଫାଷ୍ଟ ହାଫ୍‌ରୁ କମନରୁମ୍‌କୁ ପଠେଇଥିବା ନୋଟିସ୍‌ଟା ଫେରିଆସିବା ଦେଖି ବିଚଳିତ ହୋଇପଡ଼ିଲେ ବଡ଼ଗୁରୁମା'। ନୋଟିସ୍ ଯେତେ ହାର୍ଡ ହେଉନା କାହିଁକି, ସମସ୍ତଙ୍କୁ ବୁଝେଇ ଠିକ୍‌ଠିକ୍ ଦସ୍ତଖତ କରି ଆଣୁଥିବା ବେଳେ ଆଜି ଶୈଳ ଭାଉଜ ଫେରିଆସିବା ଦେଖି କ'ଣ ତାଙ୍କ ଆଡ୍ଡୁ କିଛି ତ୍ରୁଟି ରହିଗଲା କି ବୋଲି ନୋଟିସ୍‌ଟିକୁ ତନ୍ନତନ୍ନ ପରୀକ୍ଷା କରିଗଲେ ବଡ଼ଗୁରୁମା'। ସରକାରୀ ଚିଠି ନମ୍ବର ଓ ତାରିଖ ସବୁ ତ ପଡ଼ିଛି, ପୁଣି ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଦିଦିମାନେ ନୋଟିସ୍‌ରେ ଦସ୍ତଖତ ନ କରିବା କେତେଦୂର ସମୀଚୀନ ଭାଉଜ! ମୁଁ କ'ଣ ଆଉ କରିବି ଗୁରୁମା', ସରସ୍ୱତୀ ଦିଦି ତ କହିଲେ, କାହିଁ ଗୋଲାପୀ ଗୋଲାପୀ ଗୀତ ଉପରେ ତ ସରକାର କଟକଣା କରି ପାରୁନାହାନ୍ତି। ଛୁଟି ସାରା ଟିଭି, ରେଡିଓ ପୁଣି ମୋବାଇଲ ରିଙ୍ଗ୍‌ଟୋନ୍ ସେଇ ଗୋଲାପୀ ଗୋଲାପୀ ଗୀତ। ପୁଣି ସଙ୍ଗୀତ ନିର୍ଦ୍ଦେଶକମାନଙ୍କ ଉପରେ କଟକଣା ନାହିଁ ଯେ ଖାଲି ଗୋଲାପୀ ଗୋଲାପୀ ଗୀତ ପରୋକ୍ଷରେ ନୁହେଁ, ବରଂ ଗୋଲାପୀ ଦିଦି ବୋଲି ଗୀତ ଲେଖି ପ୍ରତ୍ୟକ୍ଷ ଭାବେ ଆମ ଶାଢ଼ି ରଙ୍ଗକୁ ନେଇ ଜନାଦୃତ ହେବାକୁ ତାଙ୍କ ଉପରେ ସରକାରୀ କଟକଣା ତ ନାହିଁ କହି ପାର୍ବତୀ ଦିଦି ଅଭିଯୋଗ କରୁଥିଲେ। ପୁଣି ଅମ୍ବିକା ଦିଦି କହିଲେ ଆମ ଶାଢ଼ି ତ ଏକରେ ଗୋଲାପୀ ରଙ୍ଗର କଲ, ପୁଣି ତାହା ପୁରୁଣା ହେଲେ ଆମେ କାହାକୁ ଦେଇପାରିବୁନି ପରି କଡ଼ା ନିର୍ଦ୍ଦେଶରେ ଆମେ ଦସ୍ତଖତ କରିପାରିବୁନି। ତାଙ୍କୁ ସାବିତ୍ରୀ ଦିଦି ଓ ପାର୍ବତୀ ଦିଦି ଦୁହେଁ ସମର୍ଥନ କରି କହିଲେ, ଆଗେ ବଡ଼ ଗୁରୁମା' ମାନନ୍ତୁ ତା' ପରେ ଆମକୁ ନୋଟିସ୍ ଦେବେ।

ହଁ କରି ଅନେଇଥାଆନ୍ତି ବଡ଼ଗୁରୁମା' ଶୈଳ ଭାଉଜଙ୍କୁ। ସେ ନିଜେ ଉଦାହରଣ ସାଜିବା କଥା ତ ଆଗ। କିଏ ମନା କଲା? ସହଜେ କଥାରେ ଅଛି ବଡ଼ ନାଆଟି ଯୁଆଡ଼େ ସାନ ନାଆଟି ସିଆଡ଼େ, ତା'ପରେ ସରକାରୀ ନିୟମକୁ ଅବମାନନା କରିବା କ'ଣ ସହଜସାଧ୍ୟ କଥା! ଦାନାପାଣିକୁ ଭୟ ଅଛି ନା ନାହିଁ! ଷ୍ଟାଫ୍ ନୋଟିସ୍ ବୁଲିଲା। ସେକେଣ୍ଡ ହାଫ୍‌ରେ ଅଫିସରେ ହିଁ ମିଟିଂ। ମିଟିଂ ତ ମିଟିଂ ଜରୁରୀ ମିଟିଂ। ଶୈଳ ଭାଉଜ ଏଥର ନୋଟିସ୍ ବୁଲେଇ ଆଣି ବଡ଼ଗୁରୁମା'ଙ୍କ ଟେବୁଲରେ ଥୋଇ ଦେଇ ଚେୟାର ସବୁ ଝାଡ଼ିଝୁଡ଼ି ରଖୁ ରଖୁ ଆସିଗଲେ ସହକର୍ମୀମାନେ।

ବଡ଼ଗୁରୁମା' କିଛି କହିବା ପୂର୍ବରୁ ସାବିତ୍ରୀ ଗୁରୁମା' କହିଲେ, କ୍ଷମା କରିବେ ଗୁରୁମା'! ଆପଣ ନିଜେ ପରା ଆପଣଙ୍କ ସ୍କୁଲପିନ୍ଧା ଶାଢ଼ି ଦେଇଛନ୍ତି ରାମୀମାଆ ଉମାକୁ। ସେ ଆମ ଘରେ ତଥା ପାର୍ବତୀ ଗୁରୁମା'ଙ୍କ ଘରେ କାମ କରେ। କହୁଥିଲା ସେ ବିଲକୁ ତା' ସ୍ୱାମୀଙ୍କ ପାଇଁ ଭାତ ନେଇ ଯାଇ ଦେଇ ଆସିବାପରେ ବାଟରେ ତାକୁ ପଛରୁ ହର୍ନ ମାରିମାରି ଜିପ୍‌ଟିଏ ରହିଲା। କିଛି ବୁଝିବା ପରିବର୍ତ୍ତେ କ'ଣ ଦିଦି ଚାରିଟା ପୂର୍ବରୁ ସ୍କୁଲ ଛୁଟି କରି ବିଲ ରାସ୍ତା ଦେଇ ଘରକୁ ଯାଉଛ? ତୁମ ନାମ କୁହ, ତୁମ ସ୍କୁଲ ନାମ କ'ଣ କୁହ, କହି ଯେମିତି ରାମୀମାଆକୁ ପଚାରି ବସିଛି ତ ରାମୀମାଆ କି ଛାଡ଼େ! କହିଲା, କି ବାବୁ ମୁଁ ତୋର ଦିଦି କାଇଁ ହେମି ଗୋ'! ମୋର ମରଦର ଲାଗି ମୁଁ କି ରକମ ଶାଢ଼ି ଚୁଡ଼ି ପିନ୍ଧି କେତେବେଳେ ଅଳସୀ କ୍ଷେତକୁ ଜିମି ତତେ ପଚାରିକି ଯିବି କି? ଡାକିବି ଏବେ ଯଦି ମୋ' ମରଦକୁ ପରସ୍ତେ ଛାଲ ଛଡ଼େଇଦେବ ତୋ' ସହରିଆ ଦିହରୁ ତ। ବାବୁଟା ସିନା ଦଉଡ଼ିକି ଖଣ୍ଡିଆଖାବେରା ହୋଇକି ପଳେଇଲା ଗୋ ଦିଦି, ହେଲେ ଗୋଲାପୀ ଶାଢ଼ିରେ ଧଡି ବଡ଼ ଅଛି କହି ତୁମ ବଡ଼ ଦିଦି ସେଇ ଶାଢ଼ି ଦେଇ ମତେ କି କଲବଲ କଲା ଗୋ' ପଚାରିମି ତୁମ ଦିଦିକୁ। ଆମେ ବଣୁଆ ଜାତି ତିରିଲାକୁ ଏ ବହପରେ ନାଁ, ଗାଁ କିଏ ପଚାରି ନ ଥିଲା ଗୋ' କହି ରାଗୁଥିଲା ଆପଣଙ୍କ ଉପରେ। ବଡ଼ଗୁରୁମା' ଆଉ ପୁରୁଣା ସ୍କୁଲ ଶାଢ଼ି କାହାକୁ ନ ଦେବା ନୋଟିସ ଉପରେ କିଛି ଆଲୋଚନା ନ କରି କହୁଥିଲେ ଏଇ ତ ଅବସର ଆସୁଛି ମୋର। ଶାଢ଼ିଗୁଡ଼ା କାହାକୁ ନ ଦେଇ ନାତି ନାତୁଣୀଙ୍କ କାମରେ ଲଗେଇଦେଲେ ଭଲ ହେବ। ସମସ୍ତେ ଆଉ କିଛି ନ କହି ମିଟିଂ କରିଥିଲେ। ଯିବା ପୂର୍ବରୁ ନୋଟିସ୍‌ରେ ସମସ୍ତେ ଦସ୍ତଖତ କରି ଦେଇଥିଲେ, କିନ୍ତୁ ବଡ଼ଗୁରୁମା' ଆଉ ଉଁ କି ଚୁଁ କିଛି ନ କହିବାରୁ ଶୈଳ ଭାଉଜ ମୁହଁ ଖୋଲିଥିଲା। କହିଲା, ଯାହା କହନ୍ତୁ ରାମୀମାଆ ଆମ କଡ଼ା ମିଜାଜିଆ ଅଫିସରଙ୍କୁ ଦେଇଛି ପାନେ, ନହେଲେ ଏମିତି ସରକାରୀ ନୋଟିସ୍ ଦେଖି ମୁଁ ବି ଭାବୁଥିଲି କଥାଟା କୋଉଠି!

ମୋ: ୯୦୪୦୯୭୭୩୨୭



ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ | Bhubaneswar, Saturday, October 4/ 2025




# ରାହୁଲ, ଜୁରେଲ, ଜାଡେଜାଙ୍କ ଶତକ



ଶତକ ହାସଲ ପରେ ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା।

## ପ୍ରଥମ ଟେଷ୍ଟ: ଦୃଢ଼ ସ୍ଥିତିରେ ଭାରତ

■ ଇଣ୍ଡିଆନ ଆର୍ମିକୁ ଶତକ ଉତ୍ସର୍ଗ କଲେ ଜୁରେଲ

**ଅହମଦାବାଦ, ୩।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ୧୬୨ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୪୪୮ ରନ ସଂଗ୍ରହ କରି ନେଇଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୨୮୬ ରନରେ ଅଗ୍ରଣୀଲାଭ କରିଛି।

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୩୬ ରନକରି ଆଉଟ ହୋଇଥିବାବେଳେ ରାହୁଲ (୧୦୦) ହାସଲ କରିଥିଲେ କ୍ୟାରିୟରର ୧୧ଶ ଶତକ। ୨୦୧୬ ଡିସେମ୍ବର ପରେ ଏଠାରେ ପ୍ରଭାବୀ ବ୍ୟାଟିଂ କରି ରାହୁଲ ଶତକ ଶୂନ୍ୟତାକୁ ପୂରଣ କରିଛନ୍ତି। ସାଇ ସୁଦର୍ଶନ ଫେଲ୍ ମାରିଥିଲେ ହେଁ ଅଧିନାୟକ ଶୁବମନ ଗିଲ୍ ଅର୍ଦ୍ଧଶତକ (୫୦ ରନ) ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଜୁରେଲ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ (୧୨୫ ରନ, ୧୫ ଚୌକା, ୩ ଛକା) ହାସଲ କରିଥିବାବେଳେ ଜାଡେଜା ୧୦୪ ରନରେ ଅପରାଜିତ ରହିଛନ୍ତି। ୫ମ ଉଇକେଟରେ ଏ ଦୁହେଁ ଦ୍ୱିଶତକୀୟ ଭାଗୀଦାରି (୨୦୬) ଗଢ଼ିଛନ୍ତି। ଜୁରେଲ ନିଜ ପ୍ରଥମ ଶତକକୁ ଇଣ୍ଡିଆନ ଆର୍ମି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଷ୍ଟମ୍ପ ବେଳକୁ ଜାଡେଜାଙ୍କ ସହ ୱାଶିଂଟନ ସୁନ୍ଦର ୯ ରନରେ ଅପରାଜିତ ରହିଛନ୍ତି। ଜାଡେଜା ନିଜ ଇନିଂସ ମଧ୍ୟରେ ୫ଟି ଛକା ମାରି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ଅର୍ଥାତ ଜଣେ ଭାରତୀୟ ବ୍ୟାଟରଭାବେ ସେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟର ଗୋଟିଏ ଇନିଂସରେ ୩ କିମ୍ବା ତଦୂର୍ଦ୍ଧ୍ୱ ବ୍ୟାଟର ଶତକ ହାସଲ କରିବା ଭାରତ ପାଇଁ ଏହା ୪ର୍ଥ ଦୃଷ୍ଟାନ୍ତ। ପୂର୍ବରୁ ୧୯୭୯, ୧୯୮୬ ଓ ୨୦୦୭ରେ ଏହା ହୋଇଥିଲା। ଚଳିତ ସିଜନରେ ପୂର୍ବରୁ ଲିଡ୍ସରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ, ଗିଲ୍, ରିଷଭ ପନ୍ତ ଏବଂ ମାଞ୍ଚେଷ୍ଟରଠାରେ ଇଂଲଣ୍ଡ ବିପକ୍ଷରେ ଗିଲ, ଜାଡେଜା ଓ ସୁନ୍ଦର ଶତକ ହାସଲ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଘରୋଇ ବୋଲରଙ୍କୁ ମୁକାବିଲା କରି ନ ପାରି ୧୬୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଜଷ୍ଟିନ ଗ୍ରେଭ୍ସ ସର୍ବାଧିକ ୩୨ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ଟି, ଯଶପ୍ରୀତ୍ ବୁମ୍‌ରା ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪, ଲୋକେଶ ରାହୁଲ-୧୦୦, ଶୁବମନ ଗିଲ୍-୫୦, ରଷ୍ଟନ ଚେଜ୍-୨/୯୦, ଜାଡେଜ ସେଲ୍ସ-୧/୫୩, ଜୋମେଲ ୱାରିକାନ-୧/୧୦୨, ଖାରି ପିଏରେ-୧/୯୧)।

## ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଇ ଟ୍ରଫି ପାଇଁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାରି ଯାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ନିକଟରୁ ପରାଜିତ ହୋଇଛି। ୫୯ତମ ମିନିଟରେ ପଶ୍ଚିମବଙ୍ଗର ମୌସୁମୀ ମୁର୍ମୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୫ ତାରିଖରେ ଗୋଆ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ବ୍ରିସ୍‌ବେନ୍, ୩।୧୦ (ପି.ଟି.)**

ଭାରତର ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ଦଳ ଏଠାରେ ବୁଧବାର ଶେଷ ହୋଇଥିବା ପ୍ରଥମ ୟୁଥ୍ କ୍ରିକେଟ ଟେଷ୍ଟରେ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ 'ଏ' ଦଳ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିବା ସହ ଏକ ଇନିଂସ ୫୮ ରନରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୮/୧ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ତେବେ ଦଳ ୪୯.୩ ଓଭରରେ ୧୨୭ରନ ସ୍କୋରରେ ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ଭାରତକୁ ଥରେ ମାତ୍ର ବ୍ୟାଟିଂ କରିବାକୁ ପଡ଼ିଥିଲା। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୨୪୩ରନ ଜବାବରେ ବୈଭବ ସୂର୍ଯ୍ୟବଂଶୀ (୧୧୩ରନ, ୮୬ବଲ୍, ୯ଚୌକା ଓ ୮ଛକା) ଓ ବେଦାନ୍ତ ତ୍ରିବେଦୀ (୧୪୦ରନ, ୧୯୨ ବଲ୍, ୧୯ଚୌକା)ଙ୍କ ଶତକ ବଳରେ ଭାରତୀୟ ଦଳ ୮୧.୩ ଓଭରରେ ୪୨୮ରନ କରିଥିଲା। । ଭାରତ ତରଫରୁ ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ମିଡିୟମ ପେସ୍‌ର ଦୀପେନ୍ଦ୍ର ଦେବେନ୍ଦ୍ରନ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ଆଉ ତିନୋଟି ଉଇକେଟ ସଫଳତା ପାଇଥିବା ବେଳେ ଅବଶିଷ୍ଟ ଉଇକେଟଗୁଡ଼ିକ କିଶନ କୁମାର, ଖିଲନ ପଟେଲ ଓ ଅନମୋଲଜିତ୍ ସିଂ ବାଣ୍ଟି ନେଇଥିଲେ। ଭ୍ରମଣକାରୀ ଦଳ ବିପକ୍ଷରେ ଘରୋଇ ଦଳର ବ୍ୟାଟିଂ ଭୁଶୁଡ଼ି ଯାଇଥିଲା। ଦ୍ୱିତୀୟ ତଥା ଫାଇନାଲ ୟୁଥ୍ ଟେଷ୍ଟ ମ୍ୟାକେଠାରେ ଅକ୍ଟୋବର ୭ରୁ ଆରମ୍ଭ ହେବ। ଏହା ପୂର୍ବରୁ ୟୁଥ୍ ଦିନିକିଆ ସିରିଜରେ ଘରୋଇ ଦଳକୁ ୩-୦ରେ ହରାଇ ଦେଇଛି।

## ମର୍ଡର୍ନ ପେଣ୍ଟାଥଲନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**



ଜାତୀୟ ମର୍ଡର୍ନ ପେଣ୍ଟାଥଲନ ପାଇଁ ମନୋନୀତ ଓଡ଼ିଶା ଦଳ।

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମର୍ଡର୍ନ ପେଣ୍ଟାଥଲନ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରଣବ ଦାସ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମତା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଛନ୍ତି। ଏମ୍.ଡି. ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲଭାବେ ଦଳ ସହ ଯାତ୍ରା କରିବେ। ଇନ୍ଦୋର ଯାତ୍ରା ପୂର୍ବରୁ ଦଳକୁ ମର୍ଡର୍ନ ପେଣ୍ଟାଥଲନ ଆସୋସିଏଶନ ପକ୍ଷରୁ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନ ସଭାପତି ବାସୁଦେବ ଓଝା, ସମ୍ପାଦକ ମହମ୍ମଦ ଆଜମ, ଟାଇମ୍ସ ଗୁରୁକୁଳ ଚେୟାରମ୍ୟାନ ଶାରଦା ପ୍ରସାଦ ମିଶ୍ର, ରଞ୍ଜନ କୁମାର ନନ୍ଦ, ନିର୍ଭର କୁମାର ସାମନ୍ତରାୟ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

## ମୀରାବାଈଙ୍କୁ ରୌପ୍ୟ

**ଫୋର୍ଡେ, ୩।୧୦ (ପି.ଟି.):** ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ (୪୮କେଜି) ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର ୪୮କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ୨୦୧୭ରେ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୦୨୨ରେ ରୌପ୍ୟ ଜିତିଥିଲେ। ପୂର୍ବରୁ ସେ ଅବଶ୍ୟ ୪୯କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ଏଥର ସେ ତାଙ୍କ ଓଜନ ପରିମାଣ ହ୍ରାସ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କର ଟୋଟାଲ ଲିଫ୍ଟରେ ୧୯୯କେଜି (ସ୍ନାଚ୍‌ରେ ୮୪କେଜି + କ୍ଲିନ୍ ଆଣ୍ଡ ଜର୍କରେ ୧୧୫କେଜି) ଓଜନ ଉଠାଇ ପଦକ ବିଜେତାଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି।

## ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

**୨୦୨୫-୨୬ ରଣ୍‌ଜୀ ସିଜନ**

■ ଅକ୍ଟୋବର ୧୫ରୁ ବାରବାଟୀରେ ପ୍ରଥମ ମ୍ୟାଚ୍

■ ଓଡ଼ିଶା ଦଳରେ ୩ ନୂଆମୁହଁ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ବିସିସିଆଇ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫି ୨୦୨୫-୨୬ ସିଜନର ପ୍ରଥମ ୩ଟି ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର, ସଦସ୍ୟ ଅବକାଶ ଖଟୁଆ ଓ ଶୁଭ୍ରଜିତ ସାହୁ ଘୋଷଣା କରିଥିବା ୧୫ ଜଣିଆ ଦଳରେ ୩ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ବିତ ଏସ. ବରାଳ ଓ ବାଦଲ ବିଶ୍ୱାଳ। ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱସ୍ତିକ ସାମଲ ଉପ-ଅଧିନାୟକ ହୋଇଛନ୍ତି। ୫ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବରୋଦା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଚଳିତ ମାସ ୧୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ସିଜନରେ ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା ୪ଟି ଘରୋଇ ଏବଂ ୩ଟି ବାହାର ପରିବେଶରେ ଖେଳିବ। ଦ୍ୱିତୀୟ ମ୍ୟାଚ କାନ୍‌ପୁରଠାରେ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାରବାଟୀରେ ତୃତୀୟ ମ୍ୟାଚ ନଭେମ୍ବର ୧ରୁ ୪ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବାକୁ ଥିବାବେଳେ ନାଗପୁରରେ ନଭେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ଗତ ସିଜନର ଚାମ୍ପିୟନ ବିଦର୍ଭ ବିପକ୍ଷରେ ଖେଳିବ। ଏହାପରେ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ମୁକାବିଲା ନଭେମ୍ବର ୧୬ରୁ ୧୯ ଏବଂ ତାମିଲନାଡୁ ବିପକ୍ଷ ମ୍ୟାଚ ବାରବାଟୀରେ ୨୦୨୬ ଜାନୁଆରୀ ୨୨ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ କିନାନ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ସିଜନ ଶେଷ କରିବ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଷ୍ଟାଣ୍ଡବାଇ: ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ସୌରଭ ଗୌଡ଼ା, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ।




ଓଡ଼ିଶା ରଣ୍‌ଜୀ ଦଳ ଘୋଷଣା ଅବସରରେ ଚୟନକର୍ତ୍ତା ଶୁଭ୍ରଜିତ ସାହୁ, ସୌରଜିତ ମହାପାତ୍ର ଓ ଅବକାଶ ଖଟୁଆ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ